ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 17/2023 Page 20 ₹ 7.00

୪୯ଶ ଭାଗ ୨୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 202 ମୂଲ୍ୟ ₹୭/-




KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at: f YouTube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ | Bhubaneswar, Saturday, June 17/2023 | ପୃଷ୍ଠା-୧



## ଗ୍ରୀନ୍‌କାର୍ଡ ଯୋଗ୍ୟତା କୋହଳ କଲେ ବାଇଡେନ୍

ଆମେରିକାରେ ଗ୍ରୀନ୍ କାର୍ଡକୁ ଅପେକ୍ଷା କରିଥିବା ଭାରତୀୟଙ୍କ ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍ ଯୋଗ୍ୟତା ମାନଦଣ୍ଡରେ କୋହଳ କରିଛନ୍ତି।

୦୬

୧୦

## ଜୋ ରୁଟ୍‌ଙ୍କ ଦୃଢ଼ ବ୍ୟାଟିଂ

ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜରେ ଦୃଢ଼ ବ୍ୟାଟିଂ କରି ଇଂଲଣ୍ଡକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଛନ୍ତି ଜୋ ରୁଟ୍।



# ନକଲି ମହାପ୍ରସାଦକୁ ନେଇ ଚିନ୍ତା

**ମହାପ୍ରଭୁଙ୍କ ଅବଢ଼ା ନାଁ ଶୁଣିଦେଲେ ମନରେ ଭରିଯାଏ ଭକ୍ତି। ଟିକେ ମହାପ୍ରସାଦ ପାଇଗଲେ ଜୀବନ ଧନ୍ୟ ହୋଇଯିବା ଭଳି ମନେ ହୁଏ। ହେଲେ ମହାପ୍ରସାଦ ବି ନକଲି ପ୍ରସ୍ତୁତ ହେବା ସହ ବିକ୍ରି ହେଉଥିବା ଅଭିଯୋଗ ଉଠିଛି। ଶ୍ରୀମନ୍ଦିରରେ ଯେପରି ଅନ୍ନ, ଡାଲି, ବେସର, ମହୁର, ଖଟା ପ୍ରସ୍ତୁତ ହୁଏ, ସେହିଭଳି ଅବିକଳ ପ୍ରସ୍ତୁତ କରାଯାଉଛି। ଏଭଳି କାର୍ଯ୍ୟକୁ ଭକ୍ତ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନେ ମହାପ୍ରଭୁଙ୍କୁ ଅପମାନ ବୋଲି କହିବା ସହ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।**

ପୁରୀ,୧୬।୬ (ଅଜିତ୍ ମହାନ୍ତି)

ପୁରୀ ବାଶେଳିସାହି ଥାନା ଅନ୍ତର୍ଗତ ପାଇକସାହିର ଏକ ସ୍ଥାନରେ ଗୋଟିଏ ଅସ୍ଥାୟୀ ଟେଣ୍ଟରେ ଅନ୍ନ, ଡାଲି, ବେସର, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିବା ଶୁକ୍ରବାର ଦେଖିବାକୁ ମିଳିଛି। ଏହାକୁ ଭକ୍ତଙ୍କୁ ବିକ୍ରି ପାଇଁ ଉଦ୍ଦିଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ପରିସରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦ ଭଳି ଅବିକଳ କୁଡୁଆ ମାଟି ହାଣ୍ଡିରେ ମହାପ୍ରସାଦ ତିଆରି କରାଯାଉଛି। ମହାପ୍ରଭୁଙ୍କ ଅଣସର ଚାଲିଥିବାବେଳେ ଶ୍ରୀମନ୍ଦିରରେ ମହାପ୍ରସାଦ ମିଳୁ ନ ଥିବା ଭକ୍ତମାନଙ୍କୁ କୁହାଯାଉଛି। ଅନେକ ଭକ୍ତ ଏନେଇ କିଛି ଜାଣି ନ ଥିବାବେଳେ କେତେଜଣ ଏହାର ଫାଇଦା ଉଠାଉଛନ୍ତି। ସେମାନେ କେତେଜଣ ସେବାୟତଙ୍କ ସହ ମିଶି ବାହାରେ ଅନ୍ନ, ଡାଲି, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି।

ମିଳିଥିବା ସୂଚନା ଅନୁସାରେ କିଛି ଦିନ ହେବ ପାଇକସାହିଠାରେ ଉକ୍ତ ଟେଣ୍ଟରେ ବରାଦ ରଖାଯାଇ ମହାପ୍ରସାଦ ପ୍ରସ୍ତୁତ କରାଯାଇ ବାହାରକୁ ପଠାଯାଉଛି। ଏ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଉକ୍ତ ସ୍ଥାନରେ ପହଞ୍ଚିବା କ୍ଷଣି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନେ ଉକ୍ତ ସ୍ଥାନରୁ ସମସ୍ତ ଜିନିଷ ଛାଡ଼ି ପଳାଇଥିଲେ। ସେଠାରେ ମାଟି କୁଡୁଆରେ ମହାପ୍ରସାଦ ଭଳି ଅନ୍ନ, ଡାଲି ପ୍ରସ୍ତୁତ ହୋଇ ରହିଥିବାବେଳେ ଖଟା ପାଇଁ ସପୁରି ଥୁଆ ହୋଇଥିଲା। ନଡିଆ କୋରା ହେବା ସହ ବିଭିନ୍ନ ପରିବା କଟା ହୋଇ ଥୁଆ ☞ପୃଷ୍ଠା-୨



ଟେଣ୍ଟରେ ମହାପ୍ରସାଦ ଭଳି ପ୍ରସ୍ତୁତ ହେଉଥିବା ବ୍ୟଞ୍ଜନ । (ଫଟୋ: ଯଜ୍ଞେଶ୍ୱର)

### ଭକ୍ତଙ୍କ ଭାବାବେଗ ସହ ଖେଳ
### ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ସେବାୟତ

# ୨୧ରେ ଖୋଲିବ ସ୍କୁଲ

ଭୁବନେଶ୍ୱର,୧୬।୬
(ଅନୁରାଧା ମହାରଣା)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଆସନ୍ତା ୨୧ ତାରିଖରେ ଖୋଲିବ। ଏନେଇ ଶୁକ୍ରବାର ରାଜ୍ୟ ସରକାର ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟରେ ଉଚ୍ଚ ତାପମାତ୍ରା ସହ ଗ୍ରୀଷ୍ମ ପ୍ରବାହ କାରଣରୁ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାଛୁଟି ଦିଆଯାଇଥିଲା। ଶିକ୍ଷାବର୍ଷ କ୍ୟାଲେଣ୍ଡର ଅନୁସାରେ ମେ' ୫ରୁ ଜୁନ୍ ୧୭ ଯାଏ ଖରାଛୁଟି ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୨୧ରୁ ଆଗୁଆ ଖରାଛୁଟି ଘୋଷଣା କରିଥିଲେ। ଆସନ୍ତା ୧୮ ତାରିଖ ରବିବାର ହୋଇଥିବାବେଳେ ୧୯ ତାରିଖ ସୋମବାରକୁ ବାଦ୍‌ଦେଲେ ୨୦ ତାରିଖରେ ରଥଯାତ୍ରା ପଡୁଥିବାରୁ ୨୧ରୁ ବିଦ୍ୟାଳୟଗୁଡ଼ିକ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ପୂର୍ବପରି ଜାରି ରହିଲେ ନିଷ୍ପତ୍ତିରେ ପରିବର୍ତ୍ତନ ହୋଇପାରେ ବୋଲି ସୂଚନା ଦିଆଯାଇଛି।

# ପୂର୍ବତନ ଏମ୍‌ପି ଅନାଦି ଦାସଙ୍କ ପରଲୋକ

- **ଯାଜପୁରରୁ ୫ଥର ଏମ୍‌ପି ହୋଇଥିଲେ**
- **ବିଭିନ୍ନ ମହଲରେ ଶୋକ**

ଯାଜପୁର,୧୬।୬
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଲୋକ ସଭା କ୍ଷେତ୍ରର ପୂର୍ବତନ ସଦସ୍ୟ ତଥା ପ୍ରବୀଣ ରାଜନୀତିଜ୍ଞ ଅନାଦି ଚରଣ ଦାସଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅପରାହ୍ନ ପ୍ରାୟ ୫ଟା୨୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ବୟସ ହେଉଥିଲା। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନେତ୍ରମଣୀ ଦାସ, ଝିଅ ରେଣୁବାଳା ଦାସ, ସାନ ପୁଅ ହେମନ୍ତ ଦାସ, ନାତି ଅସିତ୍ କୁମାର ଦାସ ଓ ଅମିତ୍ କୁମାର ଦାସଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଦାସ ୧୯୩୫ ଜାନୁୟାରୀ ୪ରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତ ବିଞ୍ଝିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ୫ଥର ଯାଜପୁରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ☞ପୃଷ୍ଠା-୨



ଅନାଦି ଚରଣ ଦାସ

ଆଜିର ସମ୍ପାଦକୀୟ | ପଦାନୁକ୍ରମ ଚିନ୍ତା



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ୍ , ୨୦୨୩

**ଆଜିର ମନ୍ତବ୍ୟ**

ମଣିପୁରରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଫେଲ୍ ମାରିଛି। ହିଂସା ପ୍ରଭାବିତ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟର ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବେ ମୁହଁ ଖୋଲିବେ? **-ପି. ଚିଦାମ୍ବରମ୍, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଖାଲେଇ ଗଲା
ମାଲେଇ ଗଲା।
ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।
ଖପୁରୀ ଲୋ
କେତେ ହେଉଥାଉ ଛୋପରି ଲୋ।
ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ **ପବ୍ଲିଶର୍ସ**

## ପୁରୀରେ ନକଲି ମହାପ୍ରସାଦ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିତୀୟଭାବସ୍ଥ ଚତୁର୍ଥେଶ ଯୋଗୁ ବନ୍ଧୁମିଳନ ସହ ସୁସ୍ୱାଦୁ ଭୋଜନର ସୁଯୋଗ ମିଳିବ। ଆଜିର କାମରେ ନିଶ୍ଚିତ ସଫଳତା ମିଳିବ କିନ୍ତୁ ବୁଧ ମୁଖଭାବସ୍ଥ ହେତୁ କହିବାର ଶୈଳୀ କଠୋର ନ ହେବା ଦରକାର। କଷ୍ଟ ସ୍ୱୀକାରପୂର୍ବକ କୌଣସି ବ୍ୟକ୍ତି ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି।

**ବୃଷ** ସ୍ୱଗୃହୀ କର୍ମାଧିପ ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ କାମ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟକଳାପ ଦୁଃଖ ଦେଇପାରେ, କିନ୍ତୁ କିଛି କହିପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି କରିବେ,କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ପାଇବେ।

**ମିଥୁନ** ରାଶିରେ ରବି କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। କଠିନ ପରିଶ୍ରମ ଓ ଟାଣଖରା ଜନିତ ଦେହଟା ଟିକିଏ ଭଲ ଲାଗି ନପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ ସମସ୍ୟା କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** ଶୁକ୍ର ଓ ମଙ୍ଗଳଙ୍କ ରାଶ୍ୟାବସ୍ଥାନରୁ କେତେକ ନୂତନ ସୁବିଧା ପାଇ ମନ ହାଲୁକା ହୋଇଯିବ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବାକୁ ପଡ଼ିପାରେ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ସମସ୍ୟାବହୁଳ ରହିବ।

**ସିଂହ** ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ପ୍ରଭାବରୁ ପ୍ରତିବନ୍ଧକ ମଧ୍ୟରେ କେତେକ ସ୍ଥଗିତ କାମ ସକାଶେ ଚିନ୍ତିତ ରହିପାରନ୍ତି। ଅଫିସରେ ମନ କଥା ମନରେ ମାରି ରହିବାକୁ ବାଧ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ।

**କନ୍ୟା** ଅଷ୍ଟମସ୍ଥ ଗୁରୁଚାଣ୍ଡାଳ ଯୋଗ ହେତୁ ପାରିବାରିକ କ୍ଷେତ୍ରରେ ଅର୍ଥସଂକଟ ଦେଖାଦେବ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରେ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ। ପ୍ରତିଦ୍ୱନ୍ଦ୍ୱିତା ନ କରି ଆଲୋଚନା ମଧ୍ୟରେ କାମ କରିବା ଭଲ ହେବ।

**ତୁଳା** ଆଜି ଚନ୍ଦ୍ର ଓ ବୁଧ ଦୁଃସ୍ଥାନସ୍ଥ ଯୋଗୁ ସ୍ଥଗିତ କର୍ମ ସମ୍ପାଦନ କରିବାରେ ସମସ୍ୟାର ସମ୍ମୁଖୀନ ହେବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ଭାଗ୍ୟାଧିପତି ଉଚ୍ଚସ୍ଥ ହେତୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମ କରିବାରେ ସଫଳତା ପାଇବେ। ଇଚ୍ଛା ଅନୁଯାୟୀ କାମଗୁଡ଼ିକ ହେବା କାରଣରୁ ମାନସିକ ସ୍ଥିରତା ରହିବ। ଜ୍ୟେଷ୍ଠା ନକ୍ଷତ୍ର ନୀରବରେ ବସି ରହିଲେ ସମସ୍ୟାରେ ଛନ୍ଦି ହେବାକୁ ପଡ଼ିପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ** ଶୁକ୍ରଙ୍କ ଦ୍ୱାରା ବିପରୀତ ରାଜଯୋଗ ସୃଷ୍ଟି ହେଉଥିବାରୁ କୌଣସି ସମସ୍ୟା କାମକୁ ଅଟକାଇ ପାରିବନାହିଁ। ସକାଳୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗି ନ ପାରେ। ଛୋଟ କଥାକୁ କେନ୍ଦ୍ରକରି ନିଜ ଲୋକଙ୍କ ସହ ଯୁକ୍ତିତର୍କ ଠିକ୍ ହେବନାହିଁ। ଆନୁଷ୍ଠାନିକ କାମରେ ସୁଯୋଗ ପାଇ ଆନନ୍ଦିତ ହୋଇପାରନ୍ତି।

**ମକର** ପାରିବାରିକ ଅଶାନ୍ତିଜନିତ ଅନ୍ତର୍ଦ୍ୱନ୍ଦ୍ୱ ମାନସିକ ଅସୁସ୍ଥତାକୁ ବଢ଼ାଇଦେଇପାରେ। ତଥାପି ବହୁ ଦିନରୁ ଅଟକି ରହିଥିବା କାର୍ଯ୍ୟଟି ଆକସ୍ମିକ ଭାବରେ ଆଜି ସମାଧାନ ହୋଇଯିବ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ଆର୍ଥିକ ସ୍ଥିତି ପୂର୍ବପରି ଲାଗି ରହିବା କାରଣରୁ ଧାର, କରଜ କରିବାକୁ ପଡ଼ିପାରେ।

**କୁମ୍ଭ** କର୍ମାଧିପତି ଷଷ୍ଠ ଯୋଗୁ କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଘର ପାଇଁ ହେଉ କିମ୍ବା ବନ୍ଧୁ ପାଇଁ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ମୀନ** ଶୁଭଚନ୍ଦ୍ର କାରଣରୁ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ରାହୁଯୁକ୍ତ ଗୁରୁ ହେତୁ ଭୁଲ୍ ବୁଝାମଣା ହେତୁ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦ ଉପୁଜିପାରେ। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ। ଆଶା ପୂରଣ ହେତୁ ରେବତୀ ନକ୍ଷତ୍ରର ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ବସୁମତି ସ୍ନାନ, ଶ୍ରୀମନ୍ଦିରରେ ଅନବସର ଚତୁର୍ଦ୍ଦଶୀ, ଚକା ଅପସାରଣ, ଅମାବାସ୍ୟାର ନିଶାପାଳନ, ବାର, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା, ଶନିବାର, ଜୁନ୍ ୧୭ ତାରିଖ, ରାଶି ନକ୍ଷତ୍ର -ରୋହିଣୀ/ବୃଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୦୮ ଗତେ ଘ. ୧୨।୧୩ ମଧ୍ୟେ, ଘ.୦୩।୦୫ ଗତେ ଘ. ୦୩।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୮।୨୯ ଗତେ ଘ.୧୦।୦୮ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ନକଲି ମହାପ୍ରସାଦକୁ ...

ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଟପ୍‌ଗୁଡ଼ିକରେ ରୋଷେଇ ପରେ କୁଡୁଆରେ ଭର୍ତ୍ତି କରାଯାଇ ମହାପ୍ରସାଦ ବା ଅବଢ଼ାର ରୂପ ଦେବା ପାଇଁ ଚେଷ୍ଟା କରାଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ରୋଷେୟା ବଳିଆଙ୍କୁ ପଚାରିବାରୁ ତାଙ୍କ ସାହିରେ ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କାର୍ଯ୍ୟ ରହିଥିବାରୁ ରୋଷେଇ ହେଉଛି, ତାହା ମହାପ୍ରସାଦ ନୁହେଁ ବୋଲି ସେ କହିଛନ୍ତି। ତେବେ ଟପ୍‌ରେ ରାନ୍ଧି କୁଡିଆଗୁଡ଼ିକରେ କାହିଁକି ଭର୍ତ୍ତି କରାଯାଉଛି ବୋଲି ପଚାରିବାରୁ ବାହାରୁ ଲୋକ ଆସିବାର କାର୍ଯ୍ୟକ୍ରମ ରହିଛି, ତେଣୁ ଏପରି ଅନ୍ନ, ଡାଲିଗୁଡ଼ିକୁ କୁଡୁଆରେ ଭର୍ତ୍ତି କରିଛୁ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଶୁକ୍ରବାର ଘଣାଲାଗି ଶ୍ରୀମନ୍ଦିରରେ ଅବଢା ବନ୍ଦ ଥିବାରୁ ଶୁଦ୍ଧି କାର୍ଯ୍ୟରେ ୩୦୦ଲୋକଙ୍କ ପାଇଁ ରନ୍ଧା ହୋଇଥିଲା। ୧୦ଟି ମଠ କୁଡିଆ ଅନ୍ନ, ୨୦ ହାଣ୍ଡି ଡାଲି, ବେସର ଆଦି ପ୍ରସ୍ତୁତ କରାଯାଉଛି। ଏହି ରୋଷେଇ ପାଇଁ ତାଙ୍କୁ ଶ୍ରୀମନ୍ଦିରର ଜଣେ ସେବାୟତ ଡାକିଥିଲେ। ଏହା ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇନାହିଁ ବୋଲି ବଳିଆ କହିଛନ୍ତି। ଅପରପକ୍ଷରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଗୁରୁବାର ରାତିରୁ ୩୦ଜଣ ଲୋକ ରୋଷେଇ କାର୍ଯ୍ୟରେ ନିୟୋଜିତ ଥିଲେ। ଟ୍ରଲି ସାହାଯ୍ୟରେ ଅବଢା ଯାଇଥିବା ସେ ଦେଖିଛନ୍ତି। ତେବେ ଏପରି କାର୍ଯ୍ୟ ଠିକ୍ ନୁହେଁ। ଭକ୍ତଙ୍କ ମନକୁ ଏପରି ଘଟଣା ଆଘାତ ଦେଉଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ନକଲି ମହାପ୍ରସାଦ ପ୍ରସ୍ତୁତି ଓ ବିକ୍ରିରୁ ଅସାଧୁ ବ୍ୟକ୍ତି କ୍ଷାନ୍ତ ରୁହନ୍ତୁ। ପୂର୍ବରୁ ଅନେକ ସମୟରେ ପରିଚାଳନା କମିଟି ବୈଠକରେ ବାହାରେ ଅବଢା ବିକ୍ରି ହେବାକୁ ନେଇ ବିରୋଧ କରାଯାଇଛି। ଫଳରେ ତାହା ବନ୍ଦ ରହିଥିଲା। ତେଣୁ ଏଥିପ୍ରତି ସୁଆର ମହାସୁଆର ନିଯୋଗ ଧ୍ୟାନ ଦେବା ସହ ଏପରି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ନକଲି ମହାପ୍ରସାଦ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ନେଇ ନିର୍ଦ୍ଦିଷ୍ଟ ଭାବରେ ଅଭିଯୋଗ ଆସିଲେ ଏହାଉପରେ ତଦନ୍ତ କରାଯିବ। ତେବେ ମହାପ୍ରସାଦ କହି କେହି ବିକୁଥିବାର ଦୃଶ୍ୟ ହୁଏ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ପୂର୍ବତନ ଏମ୍‌ପି ଅନାଦି ...

ତାଙ୍କ ରାଜନୈତିକ ଜୀବନ କଂଗ୍ରେସରୁ ଆରମ୍ଭ ହୋଇଥିବାବେଳେ ସେ ୧୯୭୧, ୧୯୮୦ ଓ ୧୯୮୪ରେ ଲୋକ ସଭା ସଦସ୍ୟ ହୋଇଥିଲେ। ପରେ କଂଗ୍ରେସ ଦଳ ପରିତ୍ୟାଗ କରି ଜନତା ଦଳରେ ଯୋଗଦେଇ ୧୯୮୯ ଓ ୧୯୯୧ରେ ଯାଜପୁର ଏମ୍‌ପି ହୋଇଥିଲେ। ଏହାପରେ ଜନତାଦଳ ପରିତ୍ୟାଗ କରି ପୁଣି କଂଗ୍ରେସରେ ଯୋଗଦେଇ ୧୯୯୩ରେ କେନ୍ଦ୍ରର ପି.ଭି. ନରସିଂହ ରାଓ ସରକାରଙ୍କୁ ଆସ୍ଥା ଭୋଟ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାର ସମୟରେ ଦାସ ସର୍ବଭାରତୀୟ ଏସ୍‌ସି/ଏସ୍‌ଟି କମିଶନର ଅଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରିବା ସହିତ ରେଳ ପରାମର୍ଶଦାତା ଷ୍ଟାଣ୍ଡିଂ କମିଟିର ସଭ୍ୟ ରହିଥିଲେ। ଦାସଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ବଳବନ୍ତରାୟ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼ାଇ, ବିଧାୟିକା ସୁନନ୍ଦା ଦାସ, ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ଏମ୍‌ପି ରୀତା ତରାଇ, ଅଞ୍ଚଳ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଭାଜପା ଜିଲା ସଭାପତି ଗୌତମ ରାୟ, ଦଶରଥପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଜିଲା ସମ୍ପାଦକ ସୁଦୀପ୍ତ ପଣ୍ଡା, ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ କୁମାର ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ବଳଭଦ୍ର ଦାସ, ଶିଶିର କୁମାର ନାୟକ, ଦିଗାମ୍ବର କର ଓ କିଷାନ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଚୋରି ହେଉଛି ନିରାମୟ ଦାମୀ ଔଷଧ

- **ଧରାପଡ଼ିଲେ ଫାର୍ମାସିଷ୍ଟ, ବିଭାଗୀୟ ତଦନ୍ତ ଆରମ୍ଭ**
- **ମାଗଣା ସଂକେତ ନ ଥିବାରୁ ଚୋରି ସୁଯୋଗ**

ବରଗଡ଼,୧୬।୬
(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ମାଗଣାରେ ଔଷଧ ଯୋଗାଣ ପାଇଁ ଓଡ଼ିଶା ସରକାର ନିରାମୟ ଯୋଜନା କରିଛନ୍ତି। ୨୦୧୫ରୁ ରାଜ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୫୭୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ରୋଗୀଙ୍କୁ ଯୋଗାଇବାର ପ୍ରାବଧାନ ରହିଛି। ମାତ୍ର କିଛି ବିଭାଗୀୟ କର୍ମଚାରୀ ଏହାର ବେଶ୍ ଫାଇଦା ଉଠାଉଥିବା ଭଳି ଘଟଣା ସାମ୍ନାକୁ ଆସିଛି। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଫାର୍ମାସିଷ୍ଟ ନିରାମୟ କକ୍ଷରୁ ବହୁ ଦାମିକିଆ ଔଷଧ ଧରି ଯାଉଥିବାବେଳେ ସ୍ଥାନୀୟ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ଫାର୍ମାସିଷ୍ଟ ବୁଧବାରଠାରୁ ଧରାପଡ଼ି ଥିବାବେଳେ ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ କି ପୋଲିସରେ ଏତଲା ମଧ୍ୟ ଦିଆଯାଇନାହିଁ। ଫଳରେ ଏହି ଘଟଣାରେ ବିଭାଗୀୟ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ନିରାମୟ କେନ୍ଦ୍ରକୁ ପୂର୍ବରୁ ଆସୁଥିବା ଔଷଧରେ ନଟ୍ ଫର୍ ସେଲ୍ (ବିକ୍ରି ପାଇଁ ନୁହେଁ) ସଙ୍କେତ ରହୁଥିଲା। ମାତ୍ର ଏବେ ତାହା ନ ରହି ସିଧାସଳଖ ଔଷଧର ଏମ୍‌ଆର୍‌ପି (ମେକ୍ସିମମ୍ ରିଟେଲ୍ ପ୍ରାଇସ୍) ଉଲ୍ଲେଖ ରହୁଥିବାରୁ ତାହା ନିରାମୟ ଔଷଧ ଚୋରି କରି ବାହାରେ ବିକ୍ରି କରିବାକୁ ସୁଯୋଗ ଦେଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ସହର ଉପକଣ୍ଠ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିରାମୟ କେନ୍ଦ୍ର ରହିଛି। ଏଠାରେ ଔଷଧ ବିତରଣ ପାଇଁ ଫାର୍ମାସିଷ୍ଟ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ରହିଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ଉକ୍ତ କେନ୍ଦ୍ରରେ ଉପଲବ୍ଧ ଔଷଧ ରୋଗୀଙ୍କୁ ମାଗଣାରେ ଦିଆଯିବାର ନିୟମ ରହିଛି। ତେବେ ବୁଧବାର ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ବହୁ ପରିମାଣର ଦାମିକିଆ ଔଷଧକୁ ବସ୍ତାରେ ଲୁଚାଇ ନେଉଥିଲେ ଏବଂ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ସେହି ଔଷଧ ମଧ୍ୟରେ ଦାମିକିଆ ଭିଟାମିନ୍, ସିରପ୍, ଇଞ୍ଜେକ୍ସନ, ସାଲାଇନ୍ ଆଦି ରହିଥିଲା। ଧରାପଡ଼ିବା ପରେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ହୋଇଥିଲା। ମାତ୍ର ସମ୍ପୃକ୍ତ ଫାର୍ମାସିଷ୍ଟ ସେଥିରେ ସଫଳ ହୋଇ ନ ଥିଲେ। କଥାଟି ଉପରିସ୍ଥ ଅଧିକାରୀଙ୍କ ପାଖକୁ ଯାଇଥିଲା ଏବଂ ତଦନ୍ତ ଆରମ୍ଭ ହୋଇଥିଲା। ନିରାମୟ କେନ୍ଦ୍ରରୁ ଏଭଳି ଔଷଧ ଚୋରି ରୋକିବା ଦିଗରେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାମାଜିକ କର୍ମୀ ବିକାଶ ଅଗ୍ରୱାଲ କହିଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମ୍‌ଓ) ଡା. ଚାରୁବାଳା ରଥଙ୍କୁ ପଚାରିବାରୁ କହିଥିଲେ, ଫାର୍ମାସିଷ୍ଟ ନିର୍ମଳ ପ୍ରଧାନଙ୍କ ବିରୋଧରେ ସେଭଳି ଅଭିଯୋଗ ଆସିଛି। ଏହି ଘଟଣାକୁ ଗୁରୁତ୍ୱର ସହିତ ନିଆଯାଇଛି। ନିରାମୟ ଯୋଜନାର ଔଷଧ ଚୋରି କରିବା ବଡ଼ ଅପରାଧ। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ଏଡ଼ିଏମ୍‌ଓ ଡା. ବିଭୂତି ଭୂଷଣ ମେହେରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ଏବଂ ବିଭାଗୀୟ ତଦନ୍ତ ସରିବା ପରେ ପୋଲିସ ଏତଲା ନେଇ ବିଚାର କରାଯିବ ବୋଲି ସିଡ଼ିଏମ୍‌ଓ ରଥ କହିଥିଲେ। ସେ ଛୁଟିରେ ଥିଲେ ଏବଂ ଶୁକ୍ରବାର ଯୋଗଦାନ ପରେ ଅଭିଯୋଗ ପାଇବା କ୍ଷଣି ସେଭଳି ନିର୍ଦ୍ଦେଶ ଦେଇଛନ୍ତି ବୋଲି ସିଡ଼ିଏମ୍‌ଓ ପ୍ରକାଶ କରିଛନ୍ତି।

# ସଂଶୋଧନ ହେଲା ପ୍ରଧାନମନ୍ତ୍ରୀ ଆବାସ କିସ୍ତି

**ପ୍ରଥମ କିସ୍ତିରେ ମିଳିବ ୪୦ ହଜାର ଟଙ୍କା**

ଭୁବନେଶ୍ୱର,୧୬।୬
(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) (ପିଏମ୍‌ଏୱାଇ-ଜି)ରେ ହିତାଧିକାରୀମାନଙ୍କୁ ପକ୍କାଘର ପାଇଁ ଦିଆଯାଉଥିବା ଇନ୍‌ଷ୍ଟାଲମେଣ୍ଟ(କିସ୍ତି) ଆର୍ଥିକ ସହାୟତାରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୱାର୍କଅର୍ଡର ଦେବା ସହିତ ପ୍ରଥମ କିସ୍ତିରେ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଦିଆଯିବ। ସେହିପରି ଘର କାମ ଛାତ ପର୍ଯ୍ୟନ୍ତ ଶେଷ ହେଲେ ଦ୍ୱିତୀୟ କିସ୍ତି ବାବଦରେ ୬୫ ହଜାର ଟଙ୍କା ଏବଂ ପାଇଖାନା ସହ ଘର ନିର୍ମାଣ ଶେଷ ହେବା ପରେ ହିତାଧିକାରୀ ସେହି ଘରେ ରହିବା ପରେ ତୃତୀୟ କିସ୍ତି ବାବଦରେ ଆଇଏପି ଅଞ୍ଚଳ ପାଇଁ ୨୫ ହଜାର ଓ ନନ୍‌ଆଇଏପି ଅଞ୍ଚଳ ପାଇଁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏହା ଲାଗୁ କରାଯିବ। ଏହା ପୂର୍ବରୁ ଦିଆଯାଉଥିବା କିସ୍ତି ଅପରିବର୍ତ୍ତିତ ରହିବ। ଏ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

# ପେଣ୍ଟାଗନ୍‌ର ଗୁପ୍ତ ଦସ୍ତାବିଜ ପ୍ରଘଟକାରୀ ୨୧ ବର୍ଷୀୟ

**ନିଜ ସାମରିକ କ୍ୟାରିୟରର ମାତ୍ର ୩ ବର୍ଷ ମଧ୍ୟରେ ଜାକ୍ ଡୋଗଲାସ୍ ଟେକ୍ସେରା ଆମେରିକାର ସବୁଠୁ ସମ୍ବେଦନଶୀଳ ଗୋଇନ୍ଦା ଅପରେଶନ ତଥ୍ୟ ହାସଲ ପରେ ପ୍ରଘଟ କରିଛନ୍ତି। ଏଣିକି ଦେଶର କେଉଁମାନେ ଏଭଳି ଗୋପନୀୟ ତଥ୍ୟ ପାଇପାରିବେ ସେନେଇ ପେଣ୍ଟାଗନ୍ ସମୀକ୍ଷା କରିବା ପାଇଁ ବାଧ ହୋଇଛି।**

ୱାଶିଂଟନ୍,୧୬।୬

ହାତରେ ହ୍ୟାଣ୍ଡକଫ୍ ଓ ଦୁଇଗୋଡ଼ରେ ଶିକୁଳି। ୨୧ ବର୍ଷୀୟ ଜାକ୍ ଟେକ୍ସେରା ବୋଷ୍ଟନର ଜନଗହଳିପୂର୍ଣ୍ଣ କୋର୍ଟରୁମ୍‌ରେ ପ୍ରଥମ ହାଜିରା ବେଳେ ବିଚଳିତ ଦେଖାଯାଉଥିଲେ। ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ 'ପେଣ୍ଟାଗନ୍'ର ଗୋପନୀୟ ଦସ୍ତାବିଜ ପ୍ରଘଟ ଅଭିଯୋଗରେ ଏପ୍ରିଲ ୧୩ରେ ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ଫେଡେରାଲ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଫ୍‌ବିଆଇ) ମାସାଚ୍ୟୁସେଟ୍ସର ଡିଘଟନ୍‌ରୁ ତାଙ୍କୁ ଗିରଫ କରିଥିଲା। ଜୁନ୍ ୧୪ରେ ତାଙ୍କ ବିରୋଧରେ ଅଭିଯୋଗ ଧାର୍ଯ୍ୟ ହୋଇଛି। ପ୍ରତିରକ୍ଷା ସମ୍ପର୍କିତ ଗୋପନୀୟ ତଥ୍ୟ ପ୍ରଘଟ ନେଇ ଆପରାଧିକ ମାମଲାରେ ପ୍ରତିବାଦୀ ଭାବେ ମାସାଚ୍ୟୁସେଟ୍ସ ନ୍ୟାଶନାଲ ଗାର୍ଡ ଏୟାରମ୍ୟାନ୍ ଜାକ୍‌ଙ୍କୁ ତାଙ୍କ ଅଧିକାର ଉପରେ ଅବଗତ କରାଯିବା ମାତ୍ରେ ସେ କହିଥିଲେ 'ହଁ'। ଶୁଣାଣି ପରେ ଭିଡ଼ ଭିତରୁ ଜଣେ ବ୍ୟକ୍ତି ଉଚ୍ଚସ୍ୱରରେ କହିଥିଲେ, 'ଆଇ ଲଭ୍ ୟୁ ଜାକ୍'। ପଛକୁ ନ ଅନାଇ ଜାକ୍ ଉତ୍ତର ଦେଇଥିଲେ, 'ୟୁ ଟୁ ଡାଡ୍'।

ଜାକ୍‌ଙ୍କ ବିରୋଧରେ ଇଚ୍ଛାକୃତ ଭାବେ ଜାତୀୟ ପ୍ରତିରକ୍ଷା ସମ୍ପର୍କିତ ଗୋପନୀୟ ତଥ୍ୟ ହାସଲ ଓ ସ୍ଥାନାନ୍ତର କରିବା ନେଇ ଗ୍ରାଣ୍ଡ୍ ଜୁରି ୬ଟି ଅଭିଯୋଗ ଧାର୍ଯ୍ୟ କରିଛନ୍ତି। ସରକାରୀ ଓକିଲଙ୍କ ଅଭିଯୋଗ ହେଲା, ଅନ୍‌ଲାଇନ ଗେମିଂର ଅହଂକାରୀ ସଂସ୍କୃତିରେ ଧରାପଡ଼ିଥିବା ଜାକ୍ ଅନେକ ଶହ ଗୁପ୍ତ ଦସ୍ତାବିଜ ଏକ ଡିସ୍‌କର୍ଡ ଚାଟ ସର୍ଭରରେ ଶେୟାର କରିଥିଲେ। ଏହାକୁ ଆମେରିକା ଇତିହାସରେ ଦଶନ୍ଧିର ସବୁଠୁ ବଡ଼ ଗୋଇନ୍ଦା ଡେଟା ଲିକ୍ କୁହାଯାଉଛି। ପୂର୍ବରୁ ୨୦୧୩ରେ କମ୍ପ୍ୟୁଟର ଇଣ୍ଟେଲିଜେନ୍ସ କନ୍‌ସଲଟାଣ୍ଟ ଏଡ୍‌ୱାର୍ଡ ସ୍ନୋଡେନ୍ ନ୍ୟାଶନାଲ ସିକ୍ୟୁରିଟି ଏଜେନ୍ସିର ଗୁପ୍ତ ଦସ୍ତାବିଜ ପ୍ରଘଟ କରି ଚର୍ଚ୍ଚିତ ହୋଇଥିଲେ।

ନ୍ୟାଶନାଲ ଗାର୍ଡରେ ଜଣେ ନିମ୍ନପାହ୍ୟାର 'ସାଇବର ସିକ୍ୟୁରିଟି ଜର୍ନିମ୍ୟାନ୍' ଭାବେ କାର୍ଯ୍ୟରତ ଜାକ୍ ୨୦୨୧ରୁ ସବୁଠୁ ଗୋପନୀୟ ସୁରକ୍ଷା ମଞ୍ଜୁରୀ ତଥ୍ୟ ହାସଲ କରିଥିଲେ। ଏହା ବଳରେ ସେ ଉଚ୍ଚ ପଦସ୍ଥ ରାଜନେତାଙ୍କ ଅବସ୍ଥିତି ଓ ଗତିବିଧି ଏବଂ ସାମରିକ ବଳର ଟେକ୍ନିକାଲ୍ ଅପ୍‌ଡେଟ୍ସ ଉପରେ ଅନେକ କଥା ଜାଣିପାରିଥିଲେ। ସଂଘୀୟ ତଦନ୍ତକାରୀମାନଙ୍କ ଅଭିଯୋଗ ହେଲା, ଜାକ୍ ଗତ ଡିସେମ୍ବରରୁ କ୍ଲାସିଫାଏଡ୍ ରିପୋର୍ଟଗୁଡ଼ିକୁ କପି କରି ଏକ ପ୍ରାଇଭେଟ୍ ଡିସ୍‌କର୍ଡ ଚାଟ୍ ଗ୍ରୁପ୍‌ରେ ଶେୟାର କରିବା ଆରମ୍ଭ କରିଥିଲେ। ଉକ୍ତ ମେସେଜିଂ ସୋସିଆଲ ପ୍ଲାଟ୍‌ଫର୍ମ ଗ୍ରୁପ୍‌ରେ ୨୦ରୁ ୩୦ କିଶୋର ଓ ଯୁବ ସଦସ୍ୟ ରହିଥିଲେ। କୋଭିଡ୍-୧୯ ମହାମାରୀ ସମୟରେ ସେମାନେ ବନ୍ଧୁକ, ଭଗବାନ ଓ ଗେମିଂ ନାମରେ ଏକାଠି ହୋଇଥିଲେ। ଜାକ୍ ଏଥିରେ ନିଜ ଛଦ୍ମନାମ ରଖିଥିଲେ 'ଓଜି'। ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଏସବୁ ସାମ୍ନାକୁ ଆସିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ୟୁକ୍ରେନ୍ ପଲିସିର ବିଫଳତା ଧରାପଡ଼ିଥିଲା। ଜାତୀୟ ସୁରକ୍ଷା ବିପନ୍ନ ହୋଇଥିବାରୁ ୱାଶିଂଟନ୍‌କୁ ବିଦେଶରେ ମଧ ହଟହଟା ହେବାକୁ ପଡ଼ିଥିଲା।

ଗତ ଜାନୁୟାରୀରେ ଜାକ୍ ସାମରିକ ମାନଚିତ୍ର ଓ ଚାଟ୍‌ଗୁଡ଼ିକର ଫଟୋ ଉତ୍ତୋଳନ କରି ସେଥିରେ ପୋଷ୍ଟ କରିଥିଲେ। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ସ ଏବଂ ଆମେରିକା ପକ୍ଷରୁ ଏହି ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରକୁ ଯୋଗାଇ ଦିଆଯାଉଥିବା ଅନ୍ୟ ଅସ୍ତ୍ରଶସ୍ତ୍ର, ଇଜିପ୍ଟ ଓ ଇସ୍ରାଏଲ୍ ଭଳି ସହଯୋଗୀ ରାଷ୍ଟ୍ର ସମ୍ପର୍କିତ ରାଜନୈତିକ ସମ୍ବେଦନଶୀଳ ଗୋଇନ୍ଦା ତଥ୍ୟ ମଧ ସେ ଏଥିରେ ପୋଷ୍ଟ କରୁଥିଲେ। ମାର୍ଚ୍ଚ ସୁଦ୍ଧା ସେ ଡିସ୍‌କର୍ଡ ଆପ୍‌ରେ ଏପରି ୩୦ ଗୁପ୍ତ ଦସ୍ତାବିଜ ପୋଷ୍ଟ କରିଥିବା ନେଇ ନେଦରଲାଣ୍ଡ୍ସର ଅନୁସନ୍ଧାନକାରୀ ଖବରଦାତା ଗୋଷ୍ଠୀ ବେଲ୍ଲିଂକ୍ୟାଟ୍ ପ୍ରଘଟ କରିଛି। ଏହା ପୂର୍ବରୁ ଫେବୃୟାରୀରେ ସେ ରୁଷୀୟ ଟେଲିଗ୍ରାମ୍ ଚ୍ୟାନେଲଗୁଡ଼ିକରେ କେତେକ ପୋଷ୍ଟ କରିଥିଲେ। ସେଥିମଧ୍ୟରୁ ଗୋଟିଏର ଶୀର୍ଷକ ଥିଲା 'ରୁଷିଆ-ୟୁକ୍ରେନ୍: ବ୍ୟାଟେଲ ଫର୍ ଦି ଡୋନ୍‌ବାସ ରିଜିୟନ୍ ଲାଇକ୍‌ଲି ହେଡିଂ ଫର୍ ଦି ଷ୍ଟେଲମେଟ୍ ଥ୍ରୁଆଉଟ୍ ୨୦୨୩'। ୟୁକ୍ରେନ୍‌ରେ ଆମେରିକା ପକ୍ଷରୁ ଚାଲିଥିବା ଅପରେଶନ୍‌ରେ ସୃଷ୍ଟି ହୋଇଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ସେହିପରି ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ କିଭ୍‌କୁ କେତେ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି, ଆଗକୁ କେତେ ଓ କିପରି ସାମରିକ ସହାୟତା ପ୍ରଦାନ କରାଯିବ ସବୁ କିଛି ପଦାକୁ ଆସିଛି। ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ସହ କିଭ୍ ପାଖରେ ଥିବା ମିଶାଇଲ୍ ଓ ଅନ୍ୟ ଯୁଦ୍ଧାସ୍ତ୍ର ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ଲିକ୍ ଦସ୍ତାବିଜରୁ ପ୍ରଘଟ ହୋଇଛି।


ଜାକ୍ ଡୋଗଲାସ୍ ଟେକ୍ସେରା

## ଜାକ୍ ଟେକ୍ସେରାଙ୍କ ପରିଚୟ

ଜାକ୍ ଟେକ୍ସେରା ମାସାଚ୍ୟୁସେଟ୍ସ ଏୟାର ନ୍ୟାଶନାଲ ଗାର୍ଡର ଜଣେ ମେମ୍ବର। ୨୦୧୯ରେ ସର୍ଭିସରେ ଯୋଗଦେବା ପରେ ସେ ନ୍ୟାଶନାଲ ଗାର୍ଡ ବେସ୍‌ରେ ସାମରିକ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କ ପରିବାରର ଅନେକ ସଦସ୍ୟ ସେନାରେ କାର୍ଯ୍ୟ କରୁଛନ୍ତି କିମ୍ବା ପୂର୍ବରୁ ସେବା ପ୍ରଦାନ କରିଛନ୍ତି। ଏଫ୍‌ବିଆଇ ଏଜେଣ୍ଟମାନେ ଗତ ଏପ୍ରିଲ ୧୩ରେ ଜାକ୍‌ଙ୍କ ଘରେ ଚଢ଼ାଉ କରିବା ସହ ଦଣ୍ଡ କୋହଳ କରାଇବା ପ୍ରତିଶ୍ରୁତି ଦେଇ ତାଙ୍କୁ ଗିରଫ କରିଥିଲେ। ଗିରଫଦାରି ବେଳେ ଜାକ୍ ଏକ ଟି-ଶାର୍ଟ ଓ ଶର୍ଟ୍ସ ପିନ୍ଧିଥିଲେ। ଜାତୀୟ ଗୁପ୍ତ ପ୍ରତିରକ୍ଷା ଦସ୍ତାବିଜଗୁଡ଼ିକୁ ବେଆଇନ ଭାବେ ହାସଲ କରି ଅନ୍ୟତ୍ର ପ୍ରେରଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଆର୍ଟର୍ନି ଜେନେରାଲ ମେରିକ୍ ଗାର୍ଲେଣ୍ଡ ସୂଚନା ଦେଇଛନ୍ତି। ତେବେ ଏହି ଲୋ-ର୍ୟାଙ୍କିଙ୍ଗ୍ ସର୍ଭିସ୍ ମେମ୍ବର ଅଭିଯୁକ୍ତ ରୂପେ ଆବିର୍ଭାବ ହେବା ଦଶନ୍ଧିର ସବୁଠୁ ହାଇଏଷ୍ଟ ପ୍ରୋଫାଇଲ ଇଣ୍ଟେଲିଜେନ୍ସ ଲିକ୍‌କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ନିମ୍ନପାହ୍ୟାର ପ୍ରତିରକ୍ଷା ବିଭାଗ କର୍ମଚାରୀ ଏଭଳି ସମ୍ବେଦନଶୀଳ ତଥ୍ୟ ହାସଲ କରିବା ସମସ୍ତଙ୍କୁ ଚକିତ କରିଦେଇଛି। ସାଇବର ଟ୍ରାନ୍ସପୋର୍ଟ ସିଷ୍ଟମ୍ସ ଜର୍ନିମ୍ୟାନ୍ ଭାବେ କାର୍ଯ୍ୟ କରିବା ପାଇଁ ହାଇସ୍କୁଲ ଡିଗ୍ରୀ, ଡ୍ରାଇଭିଂ ଲାଇସେନ୍ସ ଓ ୧୯ ମାସର ତାଲିମ ଆବଶ୍ୟକ ହୋଇଥାଏ। ସେହି ଯୋଗ୍ୟତା ସବୁ ଜାକ୍ ହାସଲ କରିଥିଲେ କି ନାହିଁ, ତାହା ଏବେ ତଦନ୍ତ ସାପେକ୍ଷ।

# ରଥଯାତ୍ରା ପାଇଁ ପୁରୀକୁ ଚାଲିବ ୧୫ ସ୍ପେଶାଲ ଟ୍ରେନ୍

■ଦକ୍ଷିଣ-ପୂର୍ବତଟ ରେଳପଥ ପକ୍ଷରୁ କୌଣସି ସ୍ପେଶାଲ ଟ୍ରେନ୍ ନାହିଁ

■ଦୂରଦୂରାନ୍ତର ଭକ୍ତଙ୍କ ପାଇଁ ରେଲ୍‌ୱେ ଗେଷ୍ଟହାଉସ୍‌ର ବ୍ୟବସ୍ଥା

ଭୁବନେଶ୍ୱର,୧୬।୬(ଅଭିଜିତ ଦାସ)

ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପୁରୀକୁ ୧୫ଟି ସ୍ପେଶାଲ ଟ୍ରେନ୍ ଚଳାଚଳ ଲାଗି ବ୍ୟବସ୍ଥା କରାଯାଇଛି। ୦୮୯୦୭ ପାରାଦୀପ-ପୁରୀ ସ୍ପେଶାଲ, ୦୮୦୧୯ ଅନୁଗୋଳ-ପୁରୀ ସ୍ପେଶାଲ, ୦୮୦୪୧ ଭଦ୍ରକ-ପୁରୀ ସ୍ପେଶାଲ, ୦୮୦୩୩ ଖୋର୍ଦ୍ଧାରୋଡ୍-ପୁରୀ ସ୍ପେଶାଲ, ୦୮୦୫୧ ନୂଆଗାଁ ରୋଡ୍-ପୁରୀ ସ୍ପେଶାଲ, ୦୮୦୨୧ ଅନୁଗୋଳ-ପୁରୀ ସ୍ପେଶାଲ, ୦୮୦୪୩ ଭଦ୍ରକ-ପୁରୀ ସ୍ପେଶାଲ, ୦୮୦୨୩ ବ୍ରହ୍ମପୁର-ପୁରୀ ସ୍ପେଶାଲ, ୦୮୯୦୯ ପାରାଦୀପ-ପୁରୀ ସ୍ପେଶାଲ, ୦୮୫୪୯ ପଲାସା-ପୁରୀ ସ୍ପେଶାଲ, ୦୮୦୪୫ କେନ୍ଦୁଝରଗଡ଼-ପୁରୀ ସ୍ପେଶାଲ, ୦୮୦୨୯ ଗୁଣୁପୁର-ପୁରୀ ସ୍ପେଶାଲ, ୦୮୯୧୧ ଯାଜପୁର କେନ୍ଦୁଝର ରୋଡ୍-ପୁରୀ ସ୍ପେଶାଲ, ୦୮୦୨୫ ବ୍ରହ୍ମପୁର-ପୁରୀ ସ୍ପେଶାଲ ଓ ୦୮୦୩୭ ଖୋର୍ଦ୍ଧାରୋଡ୍-ପୁରୀ ସ୍ପେଶାଲ ଟ୍ରେନ୍ ନିଜ ଗନ୍ତବ୍ୟ ସ୍ଥାନରୁ ପୁରୀ ଅଭିମୁଖେ ଯାତ୍ରା କରିବ। ସେହିପରି ପୂର୍ବତଟ ରେଳପଥ ଦ୍ୱାରା ରଥଯାତ୍ରା ଲାଗି ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ରେଲ୍‌ୱେ ଗେଷ୍ଟହାଉସ୍‌ର ମଧ୍ୟ ବନ୍ଦୋବସ୍ତ କରାଯାଇଛି।

ଅନ୍ୟପକ୍ଷରେ ରଥଯାତ୍ରାରେ ଅଧିକାଂଶ ଲୋକ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ବିହାର ରାଜ୍ୟରୁ ଆସିଥାନ୍ତି। କିନ୍ତୁ ଗତ ୨ ତାରିଖରେ ବାହାନଗା ରେଳ ଦୁର୍ଘଟଣା ଯୋଗୁ ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏନେଇ ଦକ୍ଷିଣ ପୂର୍ବ ରେଳପଥର ସିପିଆରଓ ଆଦିତ୍ୟ ଚୌଧୁରୀ କହିଛନ୍ତି ବର୍ତ୍ତମାନ ସୁଦ୍ଧା କୌଣସି ସ୍ପେଶାଲ ଟ୍ରେନ୍‌ର ଆୟୋଜନ କରାଯାଇନାହିଁ। ବାହାନଗା ଦୁର୍ଘଟଣାରେ ଯୋଗୁ ବିଭିନ୍ନ ସ୍ଥାନରେ ସିଗ୍‌ନାଲ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟ ଚାଲିଛି। ଏଥିସହ ଘଟଣାସ୍ଥଳରେ ଟ୍ରାକ୍‌ଗୁଡ଼ିକର ମଧ୍ୟ କାର୍ଯ୍ୟ ଜାରି ରହିଛି। ସେଥିଲାଗି ଅନେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ ଆଉ କେତେକର ଗତିପଥ ମଧ୍ୟ ପରିବର୍ତ୍ତନ କରାଯାଇଥିବା ଚୌଧୁରୀ ସୂଚନା ଦେଇଛନ୍ତି।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା, ସାନଭାଇ ଗୁରୁତର

## ଦାଦନ ଦୁଃଖ

ଗୁଣପୁର,୧୬।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ନନ୍ଦରାମପୁର ଅଞ୍ଚଳର ୨ ଭାଇ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିବାବେଳେ ସେଠାରେ କେତେଜଣ ଅଟୋ ଚାଳକ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ ୧୧ ତାରିଖରେ ଅଟୋ ଚାଳକଙ୍କ ଆକ୍ରମଣରେ ବଡ଼ଭାଇ ଆମଦ କରାଡ଼ (୨୮)ଙ୍କର ମୃତ୍ୟୁ ହୋଇଥିବାବେଳେ ସାନଭାଇ ଆୟବ କରାଡ଼ (୨୩) ଗୁରୁତର ଆହତ ହୋଇଛନ୍ତି। ମୃତଦେହ ଓଡ଼ିଶାକୁ ପଠାଇବା ପାଇଁ ସେଠାକାର ସରକାର କୌଣସି ପଦକ୍ଷେପ ନେଇ ନ ଥିବାବେଳେ ସେଠାରେ ଅନ୍ତିମ ସଂସ୍କାର କରି ନିଜ କାମ ସାରିଦେଇଛନ୍ତି। ଏପଟେ ପୁଅକୁ ନ ଦେଖି ମା'ବାପା ଦୁଃଖରେ ଭାଙ୍ଗିପଡିଛନ୍ତି। ଗୁରୁତର ଆୟବଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ତାଙ୍କ ବଡ଼ଭାଇ ଆମସ କରାଡ଼ ଓ ଗ୍ରାମବାସୀ ଶୁକ୍ରବାର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଭେଟି ନିବେଦନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତ କିଛିମାସ ତଳେ ଆମଦ ଓ ଆୟବ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ । ଗତ ୧୧ ତାରିଖ ରାତିରେ ୨ଭାଇ ଏକ ଅଟୋରେ ଯାଉଥିବାବେଳେ ଅଟୋଭଡ଼ା ବାବଦରେ ଅଟୋବାଲା ତାଙ୍କୁ ୩୦୦୦ ଟଙ୍କା ମାଗିଥିଲେ। ସେମାନେ ୧୦୦ ଟଙ୍କା ଦେଇ ଯାତାୟାତ କରୁଥିବାବେଳେ ଏତେ ଟଙ୍କା କାହିଁକି ଦେବେ ବୋଲି କହି ପ୍ରତିବାଦ କରିଥିଲେ। ଏହାପରେ ଅଟୋ ଚାଳକ ଏସ୍.ଆର୍. ଆଶ୍ୱଥ ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ୨ଭାଇଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆମଦଙ୍କର ମୃତ୍ୟୁ ହୋଇଥିବାବେଳେ ଆୟବ ଗୁରୁତର ହୋଇପଡିଥିଲେ । ସେହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଉଦ୍ଧାରକରି ମାଲେଶ୍ୱରମସ୍ଥିତ କେ.ସି. ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆମଦଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଟୋ ଚାଳକଙ୍କୁ ଗିରଫ କରିଛି। ହେଲେ ଅନ୍ୟମାନଙ୍କୁ ଗିରଫ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଆୟବ ସେଠାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାବେଳେ ଆର୍ଥିକ ଅଭାବ କାରଣରୁ ତାଙ୍କ ପରିବାର ଲୋକେ ବେଙ୍ଗାଲୁରୁ ଯାଇପାରୁନାହାନ୍ତି। ତେଣୁ ତାଙ୍କର ଏପରି ଦୁଃସ୍ଥିତିରେ ପ୍ରଶାସନ ଆର୍ଥିକ ସହାୟତା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବାହାନଗା ଟ୍ରେନ୍ ଦୁର୍ଘଟଣା

# ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

କଟକ,୧୬।୬ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ବାସିନ୍ଦା ପ୍ରକାଶ ରାମ(୧୭)। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା ବୋଲି ଏସ୍‌ସିବି ମେଡିକାଲର ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ମୃତଦେହକୁ ସ୍ୱତନ୍ତ୍ର ଗାଡ଼ିରେ ବିହାରସ୍ଥିତ ତାଙ୍କ ଗ୍ରାମକୁ ପଠାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୫)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ତେବେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨୯୦ରେ ପହଞ୍ଚିଛି।






## ରବି ଜେନା ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି

ଭୁବନେଶ୍ୱର,(ଅନିଲ ଦାସ): ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ଭାବେ ରବି ନାରାୟଣ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜ୍ୟୋତିଷ ଚନ୍ଦ୍ର ଦାସଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉକ୍ତ ନିଯୁକ୍ତି ଦିଆଯାଇଥିବା ଶୁକ୍ରବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଆଗୁଆ ଲୋକ ସଭା ନିର୍ବାଚନ କରାଇପାରେ ଭାଜପା: ନୀତୀଶ



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

ପାଟନା, ୧୬।୬

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ବିରୋଧରେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି କରିବାକୁ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଉଦ୍ୟମ ଚଳାଇଛନ୍ତି। ଏଥିରେ ଭୟଭୀତ ଶାସକ ଦଳ ଆଗୁଆ ନିର୍ବାଚନ କରାଇପାରନ୍ତି ବୋଲି ନୀତୀଶ ଶୁକ୍ରବାର ପୂର୍ବାନୁମାନ କରିଛନ୍ତି। ଆଗୁଆ ନିର୍ବାଚନ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିରୋଧୀ ଏକତା ଉଦ୍ୟମ ସଫଳ ହେଲେ ଏହା ଭାଜପାକୁ ବଡ଼ କ୍ଷତି ପହଞ୍ଚାଇବ। ସେଥିପାଇଁ ସେମାନେ ଆଗୁଆ ନିର୍ବାଚନ କରାଇପାରନ୍ତି ବୋଲି ୨୩ ତାରିଖ ବିରୋଧୀ ବୈଠକ ପୂର୍ବରୁ ନୀତୀଶ କହିଛନ୍ତି। ଜେଡିୟୁ ବିଧାୟକ ରତ୍ନେଶ ସାଦା ବିହାର କ୍ୟାବିନେଟରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଜିତନରାମ ମାନ୍‌ଝିଙ୍କ ପୁଅ ସନ୍ତୋଷ ସୁମନଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳରେ ଗୋଟିଏ ପଦବୀ ଖାଲି ପଡ଼ିଥିଲା। ସନ୍ତୋଷଙ୍କ ହାତରେ ଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ରତ୍ନେଶଙ୍କୁ ଦିଆଯାଇଛି।

## ଭାଜପା ପାଇଁ ଗୁପ୍ତଚରଗିରି କରୁଥିଲେ ମାନ୍‌ଝି

**ନୀତୀଶ କୁମାରଙ୍କ ଅଭିଯୋଗ**

**ପାଟନା, ୧୬।୬:** ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା (ଧର୍ମନିରପେକ୍ଷ) ଦଳର ପ୍ରତିଷ୍ଠାତା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାନ୍‌ଝି ଭାଜପାର ସୁବିଧା ପାଇଁ ମହାମେଣ୍ଟ ଉପରେ ଗୁପ୍ତଚରଗିରି କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଭିଯୋଗ କରିଛନ୍ତି। ସେ ମେଣ୍ଟରୁ ଓହରିଯାଇଥିବାରୁ ମେଣ୍ଟକୁ ମୁକ୍ତି ମିଳିଥିବା ନୀତୀଶ କହିଛନ୍ତି। ଜୁନ୍ ୨୩ରେ ପାଟନାରେ ହେବାକୁ ଥିବା ବିରୋଧୀ ଦଳଗୁଡ଼ିକର ବୈଠକରେ ମାନ୍‌ଝି ଯୋଗଦେବାକୁ ଚାହୁଁଥିଲେ। ସେ ଉକ୍ତ ବୈଠକର ଆଲୋଚନା ସମ୍ପର୍କରେ ଭାଜପାକୁ ଜଣାଇଦେଇପାରନ୍ତି ବୋଲି ନୀତୀଶ ଆଶଙ୍କା କରିଥିଲେ। ସେଥିପାଇଁ ସେ ଏଚ୍‌ଏଏମ୍(ଏସ୍)କୁ ଜେଡିୟୁ ସହ ମିଶ୍ରଣ ପାଇଁ କହିଥିଲେ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି। ମାନ୍‌ଝି ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ମେଣ୍ଟରୁ ଓହରିଯିବାକୁ କହିଥିଲେ ବୋଲି ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ମାନ୍‌ଝିଙ୍କ ପୁଅ ସନ୍ତୋଷ କୁମାର ସୁମନ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ନୀତୀଶ ତାଙ୍କ ଦଳକୁ ଜେଡିୟୁରେ ମିଶ୍ରଣ ପାଇଁ ପ୍ରସ୍ତାବ ଦେବାରୁ ସେ ମନ୍ତ୍ରିମଣ୍ଡଳ ଛାଡୁଥିବା କହିଥିଲେ।

# ଟାଟା ଷ୍ଟିଲ୍ ପ୍ଲାଣ୍ଟ ଦୁର୍ଘଟଣାର ତଦନ୍ତ ନ ହେବା ଶ୍ରମିକଙ୍କୁ ଉପହାସ: କଂଗ୍ରେସ

ଭୁବନେଶ୍ୱର,୧୬।୬(ସୁନିତ୍ ମିଶ୍ର)

ଢେଙ୍କାନାଳ ଜିଲା ମେରାମଣ୍ଡଳୀଠାରେ ଗତ ୧୩ ତାରିଖରେ ଟାଟା ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟ ଫର୍ନେସ ଦୁର୍ଘଟଣା ଯୋଗୁ ୧୯ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ଏନେଇ କୌଣସି ତଦନ୍ତ ନିର୍ଦ୍ଦେଶ ନ ଦେବା ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକ ଏବଂ ତାଙ୍କ ପରିବାର ପ୍ରତି ଏକ କ୍ରୁର ଉପହାସ ବୋଲି କଂଗ୍ରେସ ନେତା ରଜନୀ କୁମାର ମହାନ୍ତି କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ଦୀର୍ଘ ୫ଦିନ ବିତିଗଲା ପରେ ମଧ୍ୟ ରାଜ୍ୟ ସରକାର ଏଭଳି ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଚାପିଦେବା ଏବଂ ତଦନ୍ତ ନିର୍ଦ୍ଦେଶ ନ ଦେବା ଅତ୍ୟନ୍ତ ଦୁଃଖଦାୟକ। ଏ ସରକାର ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ବେଳେ ଏହି ଘଟଣାରେ ଏତେ ଲୁଚକାଳି ଖେଳ କାହିଁକି ଓ କାହା ସ୍ୱାର୍ଥକୁ ରାଜ୍ୟ ସରକାର ଜଗିଛନ୍ତି। ରାଜ୍ୟର ୧୯ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟ ଶ୍ରମ ବିଭାଗର ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀ ସମ୍ପୂର୍ଣ୍ଣ ନୀରବ ରହିବାରୁ ବୁଝାପଡୁଛି ରାଜ୍ୟ ସରକାର ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା କରିବାପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ଟାଟା କମ୍ପାନୀର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଲାଗିପଡ଼ିଛନ୍ତି। ନିର୍ବାଚନ ପାଣ୍ଠି ଯୋଗାଡ଼ କରିବା ବିଜେଡି ସରକାରର ଏକ ମାତ୍ର କାମ। ତେଣୁ ରାଜ୍ୟର ଶ୍ରମିକମାନେ ମଲେ ବା ବଞ୍ଚିଲେ ଏଥିରେ ସରକାରଙ୍କ କିଛି ଯାଏ ଆସେ ନାହିଁ। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଟାଟା କମ୍ପାନୀ ନିଜେ ହିଁ ନିଜ ଦୋଷର ତଦନ୍ତ କରୁଛି ବୋଲି ସେ କହିଛନ୍ତି। କଂଗ୍ରେସ ମୁଖପାତ୍ର ରଶ୍ମି ମହାପାତ୍ର କହିଛନ୍ତି, ନବୀନବାବୁଙ୍କ ଟାଟା ପ୍ରୀତି ଯୋଗୁ ଆଜି ରାଜ୍ୟର ଶ୍ରମିକମାନେ ଅକାରଣରେ ଗୁରୁତର ଆହତ ଓ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ବହୁ ସମୟରେ ଦୁର୍ଘଟଣା ଘଟୁଛି ବୋଲି ସେ କହିଛନ୍ତି।

# ସୋନପୁର ଜିଲା ବିଜେଡି କମିଟି ପୁନର୍ଗଠିତ

## ସରୋଜ କାଣ୍ଡା ସଭାପତି

■ ୧୫ ସାଧାରଣ ସମ୍ପାଦକ, ୧୭ ଯୁଗ୍ମ ସମ୍ପାଦକ, ୨୩ ରାଜ୍ୟ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୧୬।୬(ଅନିଲ ଦାସ)

ସୋନପୁର ଜିଲା ବିଜେଡି କମିଟିର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ସମେତ ବିଭିନ୍ନ ବ୍ଲକ,ଏନ୍ଏସି, ମ୍ୟୁନିସିପାଲିଟିରେ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ଏଥିସହିତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ୧୫, ଯୁଗ୍ମ ସମ୍ପାଦକ ଭାବେ ୧୭ ଏବଂ ସମ୍ପାଦକ ଭାବେ ୨୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୋନପୁର ଜିଲା ବିଜେଡି ସଭାପତି ଭାବେ ସରୋଜ କୁମାର କାଣ୍ଡା, ହିମାଂଶୁ ଶେଖର ବିଶ୍ୱାଳ ଡୁଙ୍ଗୁରିପାଲି, ଶଙ୍କର ପ୍ରସାଦ ସା(କବି) ସୋନପୁର, ହେମନ୍ତ କୁମାର ସାହୁ ତରଭା, ଝସକେତନ ବାଘର ଉଲୁଣ୍ଡା, ଦ୍ୱାରିକାନାଥ ସାହୁ ବିନିକା ଏବଂ ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କୁ ବିଏମ୍‌ପୁର ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୋନପୁର ମ୍ୟୁନିସିପାଲିଟି ସଭାପତି ଭାବେ ଜନ୍ମେଜୟ ପାତ୍ର, ଗଗନ ଅଗ୍ରୱାଲ ତରଭା ଏନ୍ଏସି ଏବଂ ସୋମନାଥ ମିଶ୍ରଙ୍କୁ ବିନିକା ଏନ୍ଏସି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅଭିମନ୍ୟୁ କୁଶଲଙ୍କୁ ସୋନପୁର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ରମେଶ ପୂଜାରୀ, ବିଜୟାନନ୍ଦ ମିଶ୍ର, କାଇରୁ ସ୍ୱାଇଁ, ମଧୁସୂଦନ ମିଶ୍ର, ଶୈଳେନ୍ଦ୍ର ସାହୁ ଏବଂ ରଞ୍ଜିତ କୁମାର ରଥଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲାର ଡିଜିଟାଲ ମିଡିଆ ସମ୍ପାଦକ ତଥା କାର୍ଯ୍ୟକାରୀ ସଭାପତି ଭାବେ ବିହାରୀଲାଲ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଡିଜିଟାଲ ମିଡିଆ ସେକ୍ରେଟାରି ଭାବେ ମଧୁ ଓତା, କ୍ୟାଶିୟର ଭାବେ ପ୍ରହଲ୍ଲାଦ ନାୟକ, ଅଫିସ ସେକ୍ରେଟାରି ଭାବେ ମାନଭଞ୍ଜନ ବେଡବକ, କୃଷକ ସେଲ୍ ସଭାପତି ଭାବେ କରମଚାନ୍ଦ ମହାନ୍ତି, ଏସ୍‌ସି ସେଲ୍ ସଭାପତି ଭାବେ ରାଜକୁମାର ସେନା, ଓବିସି ସେଲ୍ ସଭାପତି ଭାବେ ରାଜନ ଥେଲାଙ୍କୁ ନିଯୁକ୍ତି ଦିଆଯାଇଛି।

# 'ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍' ପୂରଣ କହିବା ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ଗ୍ରୀଷ୍ମପ୍ରବାହରେ ସାଧାରଣ ଲୋକେ ଅସ୍ତବ୍ୟସ୍ତ। 'ପାୱାର କଟ୍'କୁ ନେଇ ସମଗ୍ର ରାଜ୍ୟ ହୁଲସ୍ଥୁଲ୍ ହେଲାଣି। ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର, ଶକ୍ତି ବିଭାଗ ଏବଂ ରାଜ୍ୟ ସରକାରଙ୍କ ଭିତିରି ବୁଝାମଣା ଯୋଗୁ ଘନ ଘନ ଅଘୋଷିତ ବିଜୁଳି କାଟ୍ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି। ରାଜ୍ୟ ସରକାର ଯେଉଁ ସଷ୍ଟେନେବୁଲ୍ ଡେଭଲପ୍‌ମେଣ୍ଟ ଗୋଲ୍‌ର କଥା କହି ମିଛ ଡିଣ୍ଡିମ ପିଟୁଛନ୍ତି, ସେଥିରେ 'ନିରବିଚ୍ଛିନ୍ନ ବିଜୁଳି ସେବା' ମଧ୍ୟ ଅନ୍ୟତମ। ବାସ୍ତବରେ ରାଜ୍ୟବାସୀଙ୍କୁ ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍ ପୂରଣ ହୋଇଛି କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟ ବୋଲି ରାଜ୍ୟ ସରକାର କହି ବୁଲୁଛନ୍ତି। ତେବେ ବିଦ୍ୟୁତ୍ ବଳକା ରାଜ୍ୟରେ ବାରମ୍ବାର ଏମିତି ବିଜୁଳି କାଟ୍ କାହିଁକି ହେଉଛି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳ ଏବଂ ରାଜଧାନୀ ଭୁବନେଶ୍ୱରରେ ଘନ ଘନ ବିଜୁଳି କାଟ୍, ଲୋ ଭୋଲ୍‌ଟେଜର ଉପଭୋକ୍ତା କାହିଁକି ଶିକାର ହେଉଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଭାରେ 'ପାୱାର କଟ୍' ହେବା ଦ୍ୱାରା ଦେଶରେ ରାଜ୍ୟବାସୀଙ୍କୁ ଲଜ୍ଜିତ ହେବାକୁ ପଡ଼ିଲା। ମାତ୍ର ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଉଥିବା ଇଣ୍ଟର କଣ୍ଟିନେଣ୍ଟାଲ ଫୁଟବଲ ମ୍ୟାଚ ସମୟରେ ବାରମ୍ବାର 'ପାୱାର କଟ୍' ହେବା ଦ୍ୱାରା ଖେଳ ବାଧାପ୍ରାପ୍ତ ହେବା ସହିତ ସମଗ୍ର ବିଶ୍ୱରେ ରାଜ୍ୟବାସୀ ନିନ୍ଦିତ ହେଲେ। ଟାଟା କମ୍ପାନୀ ନିଜ ଲାଭ ପାଇଁ ଓଡ଼ିଶାରେ ବିତରଣ ଦାୟିତ୍ୱ ନେଇଛି। କିନ୍ତୁ ଓଡ଼ିଶା ସରକାର ଫାଇଦା ବା ଲାଭ ପାଇଁ ନୁହେଁ, ବରଂ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିବା ଜରୁରୀ। ବିଜୁଳି ବିଭ୍ରାଟ ପ୍ରସଙ୍ଗରେ ନିଜ ମୁଣ୍ଡରୁ ଦୋଷ ଖସାଇଦେଇ ଘରୋଇ ଟାଟା ପାୱାର କମ୍ପାନୀ ଉପରେ ରାଜ୍ୟ ସରକାର କାହିଁକି ଦୋଷ ଲଦି ଦେଉଛନ୍ତି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

# ଖାର୍ଗେଙ୍କୁ ଅଭିଯୋଗ ଜଣାଇଲେ ତାରା



ନୂଆଦିଲ୍ଲୀଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କୁ ସାକ୍ଷାତ କରୁଛନ୍ତି ବିଧାୟକ ତାରା ବାହିନୀପତି ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ ବାହିନୀପତି।

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଦିଲ୍ଲୀ ଯାଇ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ବରିଷ୍ଠ ନେତାଙ୍କୁ ଭେଟି ଅଭିଯୋଗ କରିବାରେ ଲାଗିଛନ୍ତି। ତାରାଙ୍କ ସ୍ତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ କୋରାପୁଟ ଜିଲା କଂଗ୍ରେସ ସଭାପତି ପଦରୁ ବିଦା କରାଯିବା ପରେ ବିବାଦ ବଢ଼ିବାରେ ଲାଗିଛି। ତାରା ଗୁରୁବାର ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟିଥିବା ବେଳେ ଶୁକ୍ରବାର ଏଆଇସିସି ଅଧ୍ୟକ୍ଷ ମଲିକାର୍ଜ୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ଖାର୍ଗେଙ୍କୁ ଭେଟିବା ସମୟରେ ତାରା ସବୁ କଥା ପୁଣି କହିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଏଥିସହ ଖାର୍ଗେଙ୍କୁ ଓଡ଼ିଶା ଗସ୍ତରେ ଆସିବା ଲାଗି ମଧ୍ୟ ସେ ଅନୁରୋଧ କରିଥିବା ଜଣାପଡ଼ିଛି। ଏହି ଅବସରରେ ତାରାଙ୍କୁ ବୁଝାଶୁଝା କରାଯାଇଥିବା ଶୁଣିବାକୁ ମିଳିଛି। ଦିଲ୍ଲୀରେ ଥିବା ତାରାଙ୍କ ଜଣେ ସମର୍ଥକଙ୍କ କହିବାନୁଯାୟୀ, ମୀନାକ୍ଷୀଙ୍କୁ ଆଉ ଜିଲା ସଭାପତି କରାଯିବା ଭଳି ମନେ ହେଉନାହିଁ। କାରଣ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ଏବେ କାମ କରୁଛି। ତେଣୁ ତାଙ୍କ ସୁପାରିସ ବିରୋଧରେ ପୁଣି ମୀନାକ୍ଷୀଙ୍କୁ ଜିଲା ସଭାପତି କରିବା ସହଜ ନୁହେଁ। ଏପରି ହେଲେ ବିବାଦ ଆହୁରି ବଢ଼ିବ ବୋଲି ଜାତୀୟ ନେତାମାନେ କହିଥିଲେ। ତେଣୁ ଦିଲ୍ଲୀରେ ତାରା କରିଥିବା ଲବି ବିଫଳ ହେଲେ ଏହାର ଏକ ଖରାପ ପ୍ରଭାବ କୋରାପୁଟ ଜିଲା ରାଜନୀତି ଉପରେ ପଡିବ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି।

ଅନ୍ୟପଟେ ତାରା ଶୁକ୍ରବାର ସକାଳୁ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କୁ ମଧ୍ୟ ଭେଟିଥିଲେ। ତାଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଏହା ଉପରେ ତୁରନ୍ତ ବିଚାରକରି ନିଷ୍ପତ୍ତି ପରିବର୍ତ୍ତନ ପାଇଁ କହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ତାରା ଏବଂ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ସମର୍ଥକମାନେ ପୃଥକ୍ ପୃଥକ୍ ଭାବେ ଭୁବନେଶ୍ୱର ଆସି ରାଜ୍ୟ କଂଗ୍ରେସ ମୁଖ୍ୟାଳୟରେ ଶକ୍ତି ପ୍ରଦର୍ଶନ କରିଥିଲେ। ପିସିସି ସଭାପତି ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ଏବେ ଏହି କଳି ଯାଇ ଦିଲ୍ଲୀରେ ପହଞ୍ଚି ସାରିଛି। ତାରା ତାଙ୍କ ସମର୍ଥକଙ୍କ ସହ ଯାଇ ନୂଆଦିଲ୍ଲୀରେ ଡେରା ପକାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ତାରା ଗୁରୁବାର କହିଥିଲେ, ଏହା ଏକ ଔପଚାରିକ ସାକ୍ଷାତ ଥିଲା। କାହା ବିରୋଧରେ କିଛି କହିନାହୁଁ। କଂଗ୍ରେସ କିଭଳି କ୍ଷମତାକୁ ଆସିବ, ସେନେଇ ଆଲୋଚନା କରାଯାଇଛି ବୋଲି ସେ କହିଥିଲେ।

# ଟାଟା ପାୱାର ଅଫିସ ଆଗରେ ଭାଜପାର ବିକ୍ଷୋଭ




ଗଞ୍ଜାମ ସାଂଗଠନିକ ଜିଲା ଭାଜପା ପକ୍ଷରୁ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

ବ୍ରହ୍ମପୁର,୧୬।୬(ନରସିଂହ ସାହୁ)

ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବ୍ରହ୍ମପୁରସ୍ଥିତ ଟାଟା ପାୱାର ଦକ୍ଷିଣାଞ୍ଚଳ କର୍ପୋରେଟ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀ ଅଫିସ ଭିତରକୁ ପଶିବା ଉଦ୍ୟମ ବେଳେ କମ୍ପାନୀର ସୁରକ୍ଷା କର୍ମୀ ଓ ଉପସ୍ଥିତ ପୋଲିସ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ଦୀର୍ଘ ସମୟ ଧରି ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଟାଟା ପାୱାର ପଦାଧିକାରୀ ବିକ୍ଷୋଭସ୍ଥଳକୁ ଆସି ଦାବିପତ୍ର ନେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦାବି ପୂରଣ ଲାଗି ପଦକ୍ଷେପ ନିଆଯିବ ବୋଲି ଟାଟା ପାୱାର କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି।

ପୂର୍ବାହ୍ନରେ ପୂର୍ବତନ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ କମାପଲ୍ଲୀ ରେଲୱେ ଓଭରବ୍ରିଜ ନିକଟରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଥିଲେ। ଟାଟା ପାୱାରର ଅଘୋଷିତ ବିଦ୍ୟୁତ କାଟକୁ ନିନ୍ଦା କରାଯାଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ବିଦ୍ୟୁତ୍ କାଟ୍‌ରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ବିଦ୍ୟୁତ ବଣ୍ଟନ ଦାୟିତ୍ୱ ସରକାର ଟାଟାକୁ ଟେକି ଦେଇ ଲୋକଙ୍କୁ କଲବଲ କରାଉଛନ୍ତି। ସରକାରଙ୍କ ନିୟନ୍ତ୍ରଣ ବାହାରେ ଥିବାରୁ ଘରୋଇ କମ୍ପାନୀ ମନଇଚ୍ଛା ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରୁଛି। ଏଥିସହ କମ୍ପାନୀ ଦରବୃଦ୍ଧି କରି ଦୀର୍ଘଦିନରୁ ଉପଭୋକ୍ତାଙ୍କୁ ଶୋଷଣ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ପତ୍ର ହଲିଲେ ତୁରନ୍ତ ବିଜୁଳି କାଟ କରାଯାଉଛି। ଉପଭୋକ୍ତାମାନେ ବହୁବାର ଏହାର ପ୍ରତିବାଦ କରିଛନ୍ତି। ସବଷ୍ଟେଶନ ମରାମତି ଆଳ ଦେଖାଇ କମ୍ପାନୀ ଚୁପ୍ ରହୁଛି। ଏଥିପାଇଁ ଭାଜପା ରାଜ୍ୟ ସରକାରଙ୍କୁ ମଧ୍ୟ ଦୋଷ ଦେଇଛି। ପ୍ରତିଦିନ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦିଆ ନଗଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ଜିଲା ଉପସଭାପତି ସୁନୀଲ ସାହୁ, ରାମ କୁମାର ପାତ୍ର, ସୁବାସ ସାହୁ, ମନୋଜ ପଟ୍ଟନାୟକଙ୍କ ସମେତ ପ୍ରଭାତ ଷଡ଼ଙ୍ଗୀ, ପ୍ରଶାନ୍ତ କର, ଗଂଗାଧର ଶତପଥୀ, ପ୍ରଦୀପ ଶତପଥୀ, ବାଳକୃଷ୍ଣ ସାମନ୍ତରା, ରାମ ପ୍ରସାଦ ସାମଲ, ଶିବ ଶଙ୍କର ନାୟକ ଏବଂ ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତାମାନେ ସାମଲ ହୋଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Urgently Required**
Salon & Spa therapist, Manager & House Keeping staff for Bhubaneswar Center.
Only Female Candidate can Contact for details.
9178760530
9178760540

**ଆବଶ୍ୟକ**
ଭୁବନେଶ୍ୱରରେ ଲଣ୍ଡ୍ରି କମ୍ପାନୀ ପାଇଁ ଡେଲିଭରୀ ବୟ ଆବଶ୍ୟକ।
Mobile:
୯୦୭୮୦୦୦୧୦୮/ ୮୨୮୦୦୮୨୮୦୦

**WANTED**
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
9132933333, 9132460000
ରେ ଆମ ସହିତ ଯୋଗାଯୋଗ କରନ୍ତୁ

DHARITRI
DISPLAY CLASSIFIED
COLOR INSERTIONS EVERY FRIDAY.
Monthly Package :
26 B/W + 4 Color Insertions.

WALK IN INTERVIEWS
JOIN OUR TEAM
ankura hospital for women & children | 9M
India's fastest growing hospital for Women & Children is now recruiting for its upcoming **Bhubaneswar** center
17th & 18th Jun | 10am to 4pm
Nursing, Pharmacy, Operations, Quality, OT Tech, PRE, HR, Floor Managers, Front office, Billing, Marketing, IT, Lab Tech, MOD, Accountant & Internal Audit, Tele Caller
Address: **Ankura Hospital for Women & Children**
Janpath Rd, near Sishu Bhawan Square, Bapuji Nagar, Bhubaneswar, Odisha
9121053131 | job@ankurahospital.com
Scan for Location
Hyderabad | Pune | Vijayawada | Tirupati | Khammam

**JOB REQUIREMENT**
1. CIVIL ENGINEER FOR PIPE LINE WORK
2. NORMAL SUPERVISOR FOR PIPE LINE
3. ACCOUNTANT
4. OPERATOR FOR JCB, HYDRA, HYVA ETC.
5. SECURITY
TO APPLY FOR THE SAME, MESSAGE YOUR BIO-DATA AND WORK EXPERIENCE IN THE BELOW MENTIONED WHATSAPP NUMBER 7205058526

**ODISHA ADARSHA VIDYALAYA GONDHIPALLY, MALKANGIRI**
Dist.: Malkangiri, Odisha, PIN Code: 764045
Email: oavgondhipally@gmail.com
Contact No.: 7077270403, 9090216331
Advertisement No. 1/2023, Dt.16.06.2023
**WALK-IN-INTERVIEW**
A Walk-in-Interview will be conducted in the vidyalaya premises on **Dt.23.06.2023 at 11.00 A.M.** to fill up the vacant posts of **PGTs (Mathematics, Chemistry, English, Economics, Commerce - 01 Post each) & TGT (Mathematics - 1 Post, English - 02 Posts) purely on part time contractual basis** for the Academic Session 2023-24 or till the joining of regular teacher whichever is earlier. The interested candidates below 65 years of age can attend the interview with their complete Bio-Data and all original certificate along with the photo copies of the same. For details about (Elegibility, Qualification, Age, Remuneration, Application Form etc.), please Visit: **www.malkangiri.nic.in**. The candidate is required to bring the filled in application form to the interview along with 02 Nos. of Passport sized photos. For any query, they can Contact to **7077270403, 9090216331, 7325993152**. No TA/DA will be given for attending the interview. Selection will be done in accordance with the revised guidelines as given by OAVS.
Sd./- Principal
OAV, Gondhipally, Malkangiri

**WE ARE HIRING FOR OUR HYUNDAI, MAHINDRA & HONDA DEALERSHIP**

| POSITION | LOCATION | ELIGIBILITY | NO. OF VACANCIES |
|---|---|---|---|
| SALES MANAGER-PERSONAL & COMMERCIAL | Bhubaneswar, Cuttack & Keonjhar | Graduation with 5-7 years experience in sales function and team handling in Automobile dealership | 4 |
| TEAM LEADER | Bhubaneswar & Berhampur | Graduation with 3-5 years experience in sales function and team handling in Automobile dealership | 3 |
| CRM/CX MANAGER | Bhubaneswar, Cuttack, Jajpur, Berhampur & Barbil | Graduation with 3-5 years experience in customer relations in Automobile dealership | 4 |
| SALES TRAINER | Bhubaneswar | Graduation with 3-5 years experience in similar profile with good communication, presentable and technical skill in Automobile dealership | 2 |
| SALES CONSULTANT | Bhubaneswar, Cuttack, Jajpur, Nayagarh, Keonjhar, Barbil & Berhampur | Graduation with 1-3 years experience in sales in Automobile dealership | 30 |
| SERVICE ADVISOR & BODYSHOP ADVISOR | Bhubaneswar, Cuttack, Jajpur, Keonjhar, Barbil & Berhampur | Degree/Diploma in Engineering with 2-3 years experience in customer handling in Automobile dealership | 10 |
| FLOOR SUPERVISOR | Keonjhar & Barbil | Degree/Diploma in Engineering with 4-6 years experience in shop floor management in Automobile dealership | 4 |
| FLOOR QUALITY CONTROLLER | Keonjhar & Barbil | Degree/Diploma in Engineering with 3-5 years experience in vehicle diagnosis & shop floor management in Automobile dealership | 4 |
| WARRANTY INCHARGE | Bhubaneswar & Nayagarh | Diploma in Engineering with 2-3 years experience in similar profile in Automobile dealership | 3 |
| TECHNICAL ADVISOR-BODYSHOP | Bhubaneswar & Berhampur | Degree/Diploma in Engineering with 2-3 years experience in similar profile in Automobile dealership | 2 |
| TECHNICIAN | Bhubaneswar, Cuttack, Jajpur, Keonjhar & Barbil | ITI with 2-3 years of relevant experience in Automobile dealership | 18 |
| ELECTRICIAN | Bhubaneswar, Cuttack, Jajpur, Keonjhar & Barbil | ITI with 2-3 years of relevant experience in Automobile dealership | 6 |
| TECHNICIAN TRAINEE | Bhubaneswar, Keonjhar & Barbil | ITI with fresher or 1 year experience in Automobile dealership | 10 |
| DRIVER | Bhubaneswar | Driving Experince with valid four wheeler driving licence | 6 |
| WASHING ASSOCIATE | Bhubaneswar, Keonjhar & Barbil | 10th pass with fresher or 1 year experience in Automobile dealership | 5 |

Walk in Interview: 19th, 21st, 22nd, 23rd & 24th of June 2023
Place of Interview: Utkal Automobiles Pvt. Ltd., S3/61, Mancheswar Industrial Estate, Rasulgarh, Bhubaneswar, Odisha, Land mark- Near Mancheswar Police Station.
Salary is Negotiable and best in the Industries.
Send your Resume to:
hrexecutive@utkalautomobiles.com, hrexecutive.hyundai@utkalautomobiles.com
Contact No.: 7064008721 / 7440038756 / 7440038748

IDBI BANK
ଆଞ୍ଚଳିକ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର-୭୫୧୦୨୨
ଆବଶ୍ୟକ ବିଜିନେସ୍ ଫାସିଲିଟେଟର/ବିଜିନେସ କରେସପଣ୍ଡେଣ୍ଟ (ବ୍ୟବସାୟ ପ୍ରତିନିଧି)(ବ୍ୟବସାୟ ସହଯୋଗୀ)
**BC/BFs ଯୋଗଦାନ ପାଇଁ ବିଜ୍ଞାପନ**
ଆଇଡିବିଆଇ ବ୍ୟାଙ୍କ ଲିଃ ଏହାର ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ଅଞ୍ଚଳର ଶାଖାଗୁଡିକ ନିମନ୍ତେ ବିଜିନେସ୍ ଫାସିଲିଟେଟର/ବିଜିନେସ୍ କରେସପଣ୍ଡେଣ୍ଟ କାର୍ଯ୍ୟ ନିମନ୍ତେ ଦରଖାସ୍ତ ଅହ୍ୱାନ କରୁଅଛି।
**ଭୁବନେଶ୍ୱର ଅଞ୍ଚଳର ଶାଖା ଗୁଡିକ:** ଧାମରା, ଡୁବୁରୀ, ବାଲେଶ୍ୱର, ଭଦ୍ରକ,ବାଲିଆ, ଜଗତସିଂହପୁର, ଯାଜପୁର ରୋଡ, ଜଳେଶ୍ୱର, କେନ୍ଦ୍ରାପଡା, ଖୋର୍ଦ୍ଧା, କାକଟପୁର, ମହକାଦପୁର, ନିଆଳି, ଦାଣ୍ଡମୁକୁନ୍ଦପୁର, ଯାଜପୁର ଟାଉନ୍, ଆଠଗଡ, ପାରିଆ ଏବଂ ଜଇଶୋଳ ଶାଖା
**ଯୋଗାଯୋଗ ବ୍ୟକ୍ତି: ଶ୍ରୀ ରଜତ କର୍ମକାର, ମୋ.: ୯୯୦୩୩୬୬୩୭୩**
**ବ୍ରହ୍ମପୁର ଅଞ୍ଚଳର ଶାଖାଗୁଡିକ:** ବ୍ରହ୍ମପୁର, ରାୟଗଡା, ବଲାଙ୍ଗୀର, ବାଲୁଗାଁ, ଭବାନୀପାଟଣା, ଫୁଲବାଣୀ, ଜୟପୁର, ନୟାଗଡ, ଗୁଣୁପୁର, ପାରଳାଖେମୁଣ୍ଡି, ସରମୁହାଣ, ନବରଙ୍ଗପୁର, ବଡବଜାର, ବେନ୍ଦ୍ରା, ସୁନାଥର, ମୋତାବାଡି, ବୌଦ୍ଧ, ବାଲଡିହମାଳ ଶାଖା
**ଯୋଗାଯୋଗ ବ୍ୟକ୍ତି: ଶ୍ରୀ ଦୀପକ ପତି, ମୋ.: ୯୬୬୮୫୧୯୩୭୩**
**ସମ୍ବଲପୁର ଅଞ୍ଚଳର ଶାଖାଗୁଡିକ:** ବରଗଡ, କେନ୍ଦୁଝର, ଦେବଗଡ, ସୁବର୍ଣ୍ଣପୁର, ସୁନ୍ଦରଗଡ, କରଞ୍ଜିଆ ତାବଲା, ଭୋଇପାଲି, ଖେମାଳ ଏବଂ ଗୋଟମା ଶାଖା
**ଯୋଗାଯୋଗ ବ୍ୟକ୍ତି: ଶ୍ରୀମତୀ ଅରୁଣା ଦାସ, ମୋ.: ୯୦୯୦୯୬୦୬୫୯**
**ଯୋଗ୍ୟତା:** ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ଅବସର ପ୍ରାପ୍ତ ଶିକ୍ଷକ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ପ୍ରାକ୍ତନ ସେବାନିବୃତ୍ତ କର୍ମଚାରୀ, କିରାନା / ମେଡ଼ିକାଲ / ସୁଲଭମୂଲ୍ୟ ଦୋକାନର ବ୍ୟକ୍ତି ବିଶେଷ, ପିସିଓ ଅପରେଟର ବ୍ୟକ୍ତି, ସରକାରୀ ସ୍ୱଳ୍ପ ସଞ୍ଚୟ ଯୋଜନା / ବୀମା କମ୍ପାନୀର ଏଜେଣ୍ଟ, ପେଟ୍ରୋଲ ପମ୍ପର ବ୍ୟକ୍ତି ବିଶେଷ, ସୁପରିଚାଳିତ (ଏସ୍‌ଏଚ୍‌ଜି) ସ୍ୱୟଂ ସହାୟକ ଗୋଷ୍ଠୀର କ୍ଷମତାପ୍ରାପ୍ତ କାର୍ଯ୍ୟକର୍ତ୍ତା ଯେଉଁମାନଙ୍କର ବ୍ୟାଙ୍କ ସହିତ ସମ୍ପର୍କ ରହିଛି। ଜନସେବା କେନ୍ଦ୍ର ପରିଚାଳନା ବ୍ୟକ୍ତିବିଶେଷ ଯେଉଁମାନେ କି ବ୍ୟାଙ୍କର ସୁବିଧାଜନକ ଏବଂ ବ୍ୟବସାୟ ପରିଚାଳନା ନିମନ୍ତେ ଯୋଗ୍ୟ ସାପେକ୍ଷ ଅଟନ୍ତି।
**ବୟସ:** ୨୧ ରୁ ୫୦ ବର୍ଷ ବୟସ, ଶିକ୍ଷାଗତ ଯୋଗ୍ୟତା ୧) ସର୍ବନିମ୍ନ ୧୦ମ ପାସ୍, ୨) IIBF ଠାରୁ ମୌଳିକ ପ୍ରମାଣପତ୍ର।
**କାର୍ଯ୍ୟ ପରିସର**
**୧) ବ୍ୟବସାୟିକ ସହଯୋଗୀ (BFs) ପାଇଁ**
• ସଠିକ ଗ୍ରାହକ ଚିହ୍ନଟ। • ଋଣ ଦରଖାସ୍ତ, ଆକାଉଣ୍ଟ ଖୋଲିବା ଫର୍ମ ସଂଗ୍ରହ ଏବଂ ପ୍ରାଥମିକ ପ୍ରୋସେସିଙ୍ଗ, ଆବଶ୍ୟକ କାଗଜପତ୍ର ପୂରଣ, ପ୍ରାଥମିକ ସୂଚନା ଯାଞ୍ଚ ସହିତ ବ୍ୟାଙ୍କରେ ଦାଖଲ। • ଋଣ ପ୍ରଦାନ ପରେ ମନିଟରିଂରେ ସହାୟତା ଏବଂ ଋଣ ଆଦାୟ ସହାୟତା। • ସ୍ୱୟଂ ସହାୟକ ଗୋଷ୍ଠୀ/ମିଳିତ ଦେୟତା ଗ୍ରୁପକୁ ସହାୟତା ଏବଂ ବିକାଶ। • ବ୍ୟାଙ୍କର କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧ ଅନୁମୋଦିତ ହୋଇଥିବା ବ୍ୟାଙ୍କ ପକ୍ଷରୁ ଯେକୌଣସି ସେବା।
**୨) ବ୍ୟବସାୟିକ ପ୍ରତିନିଧି (BCs) ପାଇଁ**
ବ୍ୟବସାୟିକ ସହଯୋଗୀଙ୍କ ପାଇଁ ତାଲିକାଭୁକ୍ତ ଉପରୋକ୍ତ କାର୍ଯ୍ୟାବଳୀ ସହିତ ବ୍ୟବସାୟିକ ପ୍ରତିନିଧିମାନେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବେ।
୧) ସ୍ୱଳ୍ପରାଶିର ଜମା ସଂଗ୍ରହ ଏବଂ ଗ୍ରାହକମାନଙ୍କୁ ସେମାନଙ୍କର ଆକାଉଣ୍ଟରୁ ଚାହିଦା ମୁତାବକ ନଗଦଅର୍ଥ ଯୋଗାଣ। ୨) ସ୍ୱଳ୍ପରାଶିର ଋଣ ବଣ୍ଟନ। ୩) ମୂଳ ପରିଶୋଧ / ସୁଧ ଆଦାୟ। ୪) ମାଇକ୍ରୋ ଇନସ୍ୟୁରାନ୍ସ / ମ୍ୟୁଚୁଆଲ ଫଣ୍ଡ ପ୍ରଡ଼କ୍ଟ / ପେନସନ ପ୍ରଡ଼କ୍ଟ / ଅନ୍ୟ ତୃତୀୟ ପକ୍ଷର ପ୍ରଡ଼କ୍ଟ ବିକ୍ରୟ। ୫) ସ୍ୱଳ୍ପରାଶିର ଅର୍ଥ / କ୍ୟାଶ / ଅନ୍ୟାନ୍ୟ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ ଗ୍ରହଣ ଓ ପ୍ରେରଣ। ୬) ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ବ୍ୟାଙ୍କର ଅନ୍ୟାନ୍ୟ ସେବା।
ଆଇଡ଼ିବିଆଇ ଶାଖାମାନଙ୍କରେ ଦରଖାସ୍ତ ଫର୍ମ ଉପଲବ୍ଧ।
ଯୋଗ୍ୟ ପାର୍ଥୀମାନେ ଆଇଡ଼ିବିଆଇ ବ୍ୟାଙ୍କର ବିଜ୍ଞପିତ ନିକଟବର୍ତ୍ତୀ ଶାଖାମାନଙ୍କରେ ତା.୨୦.୦୬.୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ପୂରଣ ଦରଖାସ୍ତଗୁଡିକ ଦାଖଲ କରିପାରିବେ।

See Career Appointment on every Wednesday & Saturday

**ସଂକ୍ଷେପରେ**

## ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୬।୬:** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶୁକ୍ରବାର ସୁରକ୍ଷା ବଳ ସହ ଗୁଳି ବିନିମୟ ବେଳେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୁମାଗୁଣ୍ଡ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବାର ନିର୍ଦ୍ଦିଷ୍ଟ ସୂଚନା ପାଇ ଶୁକ୍ରବାର ଭୋର ସମୟରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରିଯାଇ ଅଭିଯାନ ଆରମ୍ଭ କରିଥିଲା। ଏହି ଏନ୍‌କାଉଣ୍ଟରରେ ୫ ବିଦେଶୀ ଆତଙ୍କବାଦୀ ନିହତ ହୋଇଥିବା ଜମ୍ମୁ-କଶ୍ମୀରର ଅତିରିକ୍ତ ପୋଲିସ ଡିଜି ବିଜୟ କୁମାର ଟୁଇଟ୍ କରିଛନ୍ତି।

## ସିକିମରେ ବନ୍ୟା: ୩,୦୦୦ ପର୍ଯ୍ୟଟକ ଫସିଛନ୍ତି

**ଗାଙ୍ଗଟକ୍, ୧୬।୬:** ପ୍ରବଳ ବର୍ଷା ଯୋଗୁ ଉତ୍ତର ସିକିମ୍‌ରେ ପ୍ରଳୟଙ୍କରୀ ବନ୍ୟା ଆସିଛି। ପେଗୋଙ୍ଗ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ୧୦ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ୩,୦୦୦ ପର୍ଯ୍ୟଟକ ରାଜପଥର ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଲାଚୁଙ୍ଗ ଏବଂ ଲାଚେନ୍ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଫସିରହିଥିବା ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିବା ଲାଗି ସରକାର ଉଦ୍ୟମ ଚଳାଇଛନ୍ତି। ପଶ୍ଚିମ ସିକିମ୍‌ର ରିମ୍ବି ନଦୀରେ ଜଣେ ୯୦ ବର୍ଷୀୟ ଗୋପାଳକ ଭାସିଯାଇଛନ୍ତି।

## ଗ୍ରୀନ୍‌କାର୍ଡ ଯୋଗ୍ୟତା କୋହଳ କଲେ ବାଇଡେନ୍



**ୱାଶିଂଟନ, ୧୬।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପୂର୍ବରୁ ଆମେରିକାରେ ରହିବା ଏବଂ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଯେଉଁମାନେ ଗ୍ରୀନ୍ କାର୍ଡ ପାଇଁ ଦୀର୍ଘଦିନ ହେଲା ଅପେକ୍ଷା କରିଛନ୍ତି, ସେମାନଙ୍କ ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଯୋଗ୍ୟତା ମାନଦଣ୍ଡରେ କୋହଳ କରିଛନ୍ତି। ଏଥି ସକାଶେ ଆମେରିକା ସିଟିଜେନ୍‌ଶିପ୍ ଆଣ୍ଡ ଇମିଗ୍ରେଶନ ସର୍ଭିସେସ୍ ପକ୍ଷରୁ ନୀତି ମାର୍ଗଦର୍ଶନ ଜାରି କରାଯାଇଛି। ଏହା ଦ୍ୱାରା ଗ୍ରୀନ୍ କାର୍ଡ ବା ସ୍ଥାୟୀ ବସତି ପାଇଁ ଅପେକ୍ଷା କରିଥିବା ହଜାର ହଜାର ଭାରତୀୟ ପ୍ରଯୁକ୍ତି ପେସାଦାରମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ମୋଦି ଜୁନ୍ ୨୧ରୁ ୨୪ ଆମେରିକା ଗସ୍ତରେ ଯାଉଛନ୍ତି। ତାଙ୍କ ସମ୍ମାନାର୍ଥେ ବାଇଡେନ୍ ଓ ଆମେରିକାର ପ୍ରଥମ ମହିଳା ଜିଲ୍ ୨୨ରେ ଷ୍ଟେଟ୍ ଡିନରର ଆୟୋଜନ କରିଛନ୍ତି। ସେହିଦିନ ମୋଦି ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ।

## ଶବବୁହା ଗାଡ଼ି ନ ମିଳିବାରୁ ମୃତ ନବଜାତକକୁ ବ୍ୟାଗ୍‌ରେ ନେଲେ ବାପା



**ଭୋପାଳ, ୧୬।୬:** ମଧ୍ୟପ୍ରଦେଶ ଜବଲପୁରରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନାରେ ଶବବୁହା ଗାଡ଼ି ନ ମିଳିବାରୁ ମୃତ ନବଜାତକକୁ ବ୍ୟାଗ୍‌ରେ ଭର୍ତ୍ତି କରି ବସ୍‌ରେ ନେବାକୁ ପଡ଼ିଥିଲା। ଡିଣ୍ଡୋରି ଜିଲା ସହଜପୁରିର ଜାମାନି ଜୁନ ୧୩ରେ ମାରାଭି ଜିଲା ହସ୍ପିଟାଲରେ ଏକ ସନ୍ତାନ ପ୍ରସବ କରିଥିଲେ। ନବଜାତକଟି ଶ୍ୱାସକ୍ରିୟାଜନିତ ସମସ୍ୟା ଦେଇ ଗତି କରୁଥିବାବେଳେ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଜବଲପୁର ଡାକ୍ତରଖାନା ପଠାଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହିଁ ନବଜାତକଟିର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ପରେ ମୃତ ନବଜାତକକୁ ନେବା ପାଇଁ ଡାକ୍ତରଖାନାରେ ଶବବୁହା ଗାଡ଼ି ମିଳି ନ ଥିଲା। ଅନ୍ୟ ଗାଡ଼ି ଭଡ଼ା କରି ଘରକୁ ଯିବା ଲାଗି ଅର୍ଥ ନ ଥିବାରୁ ବାପା ସୁନୀଲ ମୃତ ନବଜାତକକୁ ବ୍ୟାଗ୍‌ରେ ଭର୍ତ୍ତି କରି ବସ୍‌ରେ ଘରକୁ ଯାଇଥିଲେ। ତେବେ ସୁନୀଲଙ୍କ ଅନୁରୋଧକ୍ରମେ ନବଜାତକକୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସେ ସମୟରେ ନବଜାତକଟି ଜୀବିତ ଥିବା ଜବଲପୁର ମୁଖ୍ୟ ସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମିଶ୍ରା କହିଛନ୍ତି।

# ଅନ୍ଧାରରେ ହଜାରେ ଗାଁ



ଗୁଜରାଟ କଚ୍ଛ ଜିଲାରେ ବାତ୍ୟା 'ବିପର୍ଯ୍ୟୟ' ଭୂପୃଷ୍ଠ ଛୁଇଁବା ପରେ ଭୀଷଣ ଝଡ଼ ବର୍ଷା ଯୋଗୁ ବହୁ ଘର ଭାଙ୍ଗିଯାଇଛି।

**ବିପର୍ଯ୍ୟୟ ରାଜସ୍ଥାନମୁହାଁ**

**ଅହମଦାବାଦ/ଜୟପୁର, ୧୬।୬**

ଭୀଷଣ ସାମୁଦ୍ରିକ ବାତ୍ୟା 'ବିପର୍ଯ୍ୟୟ' ଗୁରୁବାର ଗୁଜରାଟରେ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ କ୍ଷୟକ୍ଷତି କରିଛି। ସେଠାରେ ୨ ଜଣଙ୍କ ମୃତ୍ୟୁ ହେବା ସହ ୨୨ ଜଣ ଆହତ ହୋଇଛନ୍ତି। ଗଛ ପଡ଼ି ବହୁ ଗାଡ଼ି ଓ ଘର ଭାଙ୍ଗିଯାଇଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ହଜାରେରୁ ଊର୍ଦ୍ଧ୍ୱ ଗାଁ ଅନ୍ଧକାରରେ ରହିଛି। ବିପର୍ଯ୍ୟୟ ଦୁର୍ବଳ ହୋଇ ଡିପ୍ ଡିପ୍ରେଶନରେ ପରିଣତ ହେବା ସହ ଶୁକ୍ରବାର ସନ୍ଧ୍ୟାରେ ରାଜସ୍ଥାନରେ ପ୍ରବେଶ କରିଛି।

ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳରେ ବାତ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଭିନ୍ନ ସ୍ଥାନରେ ୫୨୪ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। ଫଳରେ ୧,୦୦୦ ଗ୍ରାମକୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଛି। ଭାବନଗର ଜିଲାରେ ଜଣେ ଛେଳି ଜଗୁଆଳି ଓ ତାଙ୍କ ପୁଅ ଛେଳିଙ୍କୁ ରକ୍ଷା କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ବାତ୍ୟା ଗୁରୁବାର ସନ୍ଧ୍ୟାରେ ଜଖାଉ ବନ୍ଦର ନିକଟରେ ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୨୫ରୁ ୧୪୦ କିଲୋମିଟର ଥିଲା। ବିଳମ୍ବିତ ରାତିରେ ଏହାର ବେଗ ୧୦୦ କିଲୋମିଟରକୁ ହ୍ରାସ ପାଇଥିଲା। ଏବେ ଏହା ଡିପ୍ ଡିପ୍ରେଶନର ରୂପ ନେଇଥିବାରୁ ରାଜସ୍ଥାନରେ ଦୁଇଦିନ ପ୍ରବଳ ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ୍ ଯୋଗେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ କଥା ହୋଇ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଗିର୍ ଜଙ୍ଗଲର ସିଂହ ସମେତ ବନ୍ୟପ୍ରାଣୀଗୁଡ଼ିକର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ମୋଦି ଜାଣିବାକୁ ଚାହିଁଥିଲେ। ଉପକୂଳର ଖାଲୁଆ ଅଞ୍ଚଳରୁ ୯୪,୦୦୦ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୧୮ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୧୨ଟି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଟିମ୍, ରାଜ୍ୟ ସଡ଼କ ଓ କୋଠା ବିଭାଗର ୧୧୫ ଟିମ୍, ରାଜ୍ୟ ବିଦ୍ୟୁତ୍ ବିଭାଗର ୩୯୭ ଜଣ ଉପକୂଳ ଜିଲାରେ ନିୟୋଜିତ ଅଛନ୍ତି।



## ବିପର୍ଯ୍ୟୟରେ ଜନ୍ମନେଲେ ୭୦୭ ଶିଶୁ

**ଗାନ୍ଧୀନଗର, ୧୬।୬**

ଗୁଜରାଟ କଚ୍ଛ ଜିଲାରେ ଗୁରୁବାର ଅତି ଭୀଷଣ ସାମୁଦ୍ରିକ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ୭୦୭ ନବଜାତ ଜନ୍ମ ନେଇଛନ୍ତି। ବାତ୍ୟା ବିପର୍ଯ୍ୟୟ ଯୋଗୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ଏହି ଗର୍ଭବତୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସରକାରୀ ସୂଚନାନୁସାରେ ପାଖାପାଖି ୮ ଜିଲାରୁ ୧,୧୫୨ରୁ ୧,୧୭୧ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ବାତ୍ୟା ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ଉପକୂଳ ଅଞ୍ଚଳରୁ ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।



ଗୁଜରାଟ ପଶ୍ଚିମାଞ୍ଚଳରେ ବିପର୍ଯ୍ୟୟ ପ୍ରଭାବରେ ବ୍ରିଜ୍ ଭାଙ୍ଗିବା ପରେ ବନ୍ୟା ଜଳରେ ନାଲିୟା-ଭୁଜ ହାଇୱେ ଧୋଇହୋଇଯାଇଛି।

## ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବନ୍ଦ ହେଉ: ରାଜ୍ୟପାଳ



ଡ. ସି.ଭି. ଆନନ୍ଦ ବୋଷ

**କୋଲକାତା, ୧୬।୬ (ପି.ଟି.)**

ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବନ୍ଦ ହେବା ଜରୁରୀ ବୋଲି ରାଜ୍ୟପାଳ ଡ. ସି.ଭି. ଆନନ୍ଦ ବୋଷ ଶୁକ୍ରବାର କହିଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଛି। ଦିନକ ପୂର୍ବରୁ ଭାଙ୍ଗୋରରେ ଦୁଇ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାଙ୍ଗୋରକୁ ଗସ୍ତରେ ଯାଇଥିବା ରାଜ୍ୟପାଳ କହିଛନ୍ତି, ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି। ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଅବାଞ୍ଛିତ ଘଟଣାମାନ ଘଟିଛି। କୌଣସି ହିଂସାକୁ ବରଦାସ୍ତ କରାଯିବନି, ଏହାକୁ ବନ୍ଦ କରିବାକୁ ହେବ ବୋଲି ରାଜ୍ୟପାଳ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଭାଙ୍ଗୋରରେ ଇଣ୍ଡିଆନ୍ ସିକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ଏବଂ ଶାସକ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଗୋଟିଏ ଦୁଇଟି ଘଟଣାକୁ ନେଇ ବିରୋଧୀ ଦଳ ପ୍ରସଙ୍ଗ କରିବାକୁ ଉଦ୍ୟମ କରୁଥିବାରୁ ମମତା ଏହାର ସମାଲୋଚନା କରିଛନ୍ତି।

## ଯୌନ ନିର୍ଯାତନା ମାମଲା: ତାମିଲନାଡୁର ପୂର୍ବତନ ଡିଜିପିଙ୍କୁ ୩ ବର୍ଷ ଜେଲ

**ଚେନ୍ନାଇ, ୧୬।୬**

ମହିଳା ପୋଲିସ ଅଫିସରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ତାମିଲନାଡୁର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜେଶ ଦାସଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଭିଲୁପୁରମ୍‌ର ଏକ ଅଦାଲତ ନିଲମ୍ବିତ ଆଇପିଏସ୍ ଅଫିସର ରାଜେଶଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିବା ସହ ରାୟ ବିରୋଧରେ ଅପିଲ୍ କରିବା ପାଇଁ ୩୦ ଦିନ ସମୟ ଦେଇଛନ୍ତି। ପୂର୍ବତନ ଡିଜିପିଙ୍କ ବିରୋଧରେ ମହିଳା ଆଇପିଏସ୍ ଅଫିସର ୨୦୨୧ ଫେବୃୟାରୀରେ ଅଭିଯୋଗ ଦାଏର କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ



ରାଜେଶ ଦାସ

ଏଡାପ୍ପାଡି କେ. ପାଲାନିସ୍ୱାମୀଙ୍କ ସୁରକ୍ଷା ପାଇଁ ମହିଳା ଅଫିସର ଜଣକ ପାଟ୍ରୋଲିଂ ଡ୍ୟୁଟିରେ ଯାଇଥିବାବେଳେ ଡିଜିପି ତାଙ୍କ ପ୍ରତି ଯୌନ ଅଗ୍ରସର ହୋଇଥିଲେ ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏଆଇଏଡିଏମ୍‌କେ ସରକାର ଡିଜିପି ରାଜେଶଙ୍କୁ ନିଲମ୍ବନ କରିବା ସହ ତଦନ୍ତ ପାଇଁ ୬ ଜଣିଆ କମିଟି ଗଠନ କରିଥିଲେ।

**କ୍ୟାଶ୍ ଫର୍ ଜବ୍ ଦୁର୍ନୀତି**

## ତାମିଲନାଡୁ ମନ୍ତ୍ରୀଙ୍କ ଭାଇଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୬।୬**

କ୍ୟାଶ୍ ଫର୍ ଜବ୍ ଦୁର୍ନୀତିରେ ସମ୍ପୃକ୍ତ ତାମିଲନାଡୁର ଗିରଫ ମନ୍ତ୍ରୀ ସେନ୍ଥିଲ ବାଲାଜୀଙ୍କ ଭାଇ ଅଶୋକ କୁମାରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ସମନ ଜାରି କରିଛି। ଏହି ଅପରାଧରୁ ଅଶୋକ କୁମାର ଫାଇଦା ଉଠାଇଥିବା ଇଡି ଅଭିଯୋଗ କରିଛି। ନିଯୁକ୍ତି ଦେବାକୁ କହି ଅଶୋକ ବିଭିନ୍ନ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିଥିଲେ ବୋଲି ବିଭିନ୍ନ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ମନିଲଣ୍ଡରିଂ ମାମଲାରେ ଗତ ମଙ୍ଗଳବାର ଇଡି ତାମିଲନାଡୁ ବିଦ୍ୟୁତ୍ ମନ୍ତ୍ରୀ ଭି. ସେନ୍ଥିଲ ବାଲାଜୀଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିବା ସହ ତାଙ୍କୁ ଗିରଫ କରିଥିଲା। କୋର୍ଟ ତାଙ୍କୁ ଜେଲ୍ ହାଜତକୁ ପଠାଇଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# କେନ୍ଦ୍ରମନ୍ତ୍ରୀଙ୍କ ଘର ଜାଳିଦେଲେ



ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କର ଇମ୍ଫାଲସ୍ଥିତ ବାସଭବନରେ ଦଙ୍ଗାକାରୀମାନେ ନିଆଁ ଲଗାଇ ଦେଇଛନ୍ତି।

**ଥମୁନି ମଣିପୁର ହିଂସା**

**ଇମ୍ଫାଲରେ ଆର୍‌ଏଏଫ୍-ଦଙ୍ଗାକାରୀଙ୍କ ମଧ୍ୟରେ ସଂଘର୍ଷ**

**ଇମ୍ଫାଲ, ୧୬।୬**

ମଣିପୁରରେ ପାଖାପାଖି ଦେଢ଼ମାସ ହେଲା ହିଂସାକାଣ୍ଡ ଜାରି ରହିଥିବାବେଳେ ଥମିବାର ନାଁ ନେଉନି। ଶୁକ୍ରବାର ସନ୍ଧ୍ୟାରେ ରାଜଧାନୀ ଇମ୍ଫାଲରେ ଦଙ୍ଗାକାରୀ ଏବଂ ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଦଙ୍ଗାକାରୀମାନେ ଏକ ୱେରହାଉସ୍‌କୁ ଜାଳିଦେବା ସହ ଅନ୍ୟ ସମ୍ପତ୍ତିକୁ ଟାର୍ଗେଟ କରିବାରୁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଇମ୍ଫାଲ ପ୍ୟାଲେସ୍ ଗ୍ରାଉଣ୍ଡରେ ଏହି ହିଂସାକାଣ୍ଡ ଦେଖାଦେଇଛି। ଅଗ୍ନିଶମ କର୍ମଚାରୀ ଓ ସୁରକ୍ଷା ବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ସମ୍ପତ୍ତି ଜଣେ ହାଇପ୍ରୋଫାଇଲ୍ ଆଇଏଏସ୍ ଅଫିସରଙ୍କର ଥିଲା।

ଗତ ବିଳମ୍ବିତ ରାତିରେ ଦଙ୍ଗାକାରୀମାନେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କର ଇମ୍ଫାଲସ୍ଥିତ ଘରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଥିଲେ। କର୍ଫ୍ୟୁ ଜାରି ସତ୍ତ୍ୱେ ଉତ୍ୟକ୍ତ ଲୋକେ କୋଙ୍ଗବାସ୍ଥିତ ମନ୍ତ୍ରୀଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସୁରକ୍ଷା ଯବାନମାନେ ନିୟୋଜିତ ଥିବାରୁ ଦଙ୍ଗାକାରୀମାନେ ବିଭିନ୍ନ ଦିଗରୁ ପେଟ୍ରୋଲ ବୋମା ମାଡ଼ କରିଥିଲେ। ଉତ୍ୟକ୍ତ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସୁରକ୍ଷା ବଳ ସେମାନଙ୍କୁ ଅଟକାଇବାରେ ବିଫଳ ହୋଇଥିଲା। ପ୍ରାୟ ୧୨୦୦ ଦଙ୍ଗାକାରୀ ସବୁ ଦିଗରୁ ପେଟ୍ରୋଲ ବୋମା ଫିଙ୍ଗିବା ସହ ସମ୍ମୁଖ ପ୍ରବେଶପଥ ଦେଇ ଘରେ ପଶିଥିଲେ ବୋଲି ଏସ୍‌କର୍ଟ କମାଣ୍ଡର କହିଛନ୍ତି। ମଣିପୁରରେ ଦଙ୍ଗାକାରୀମାନେ ଦ୍ୱିତୀୟଥର ପାଇଁ ଜଣେ ମନ୍ତ୍ରୀଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ଗତ ମାସରେ ବହିର୍ବ୍ୟାପାର ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂ ମଣିପୁରର ମେଇତି ଏବଂ କୁକି ସମ୍ପ୍ରଦାୟର ବୁଦ୍ଧିଜୀବୀମାନଙ୍କ ସହ ବୈଠକ କରିଥିଲେ। ମଣିପୁର ହିଂସା ପାଇଁ ଦାୟୀ ରାଜନୈତିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ନିନ୍ଦା କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ।

## ୧୦ କୋଟିର ସହାୟତା ଦେବାକୁ ମହାଠକ ସୁକେଶ ଆଗ୍ରହୀ

**ନୂଆଦିଲ୍ଲୀ, ୧୬।୬**

୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖର ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ଆହତଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏ ନେଇ ସୁକେଶ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି। ଟ୍ରେନ୍ ଦୁର୍ଘଟଣା ଆହତମାନଙ୍କ ସହାୟତା ଲାଗି ସୁକେଶ ନିଜ ବୈଧ



ସମ୍ପତ୍ତିରୁ ୧୦ କୋଟି ଟଙ୍କା ଦାନ କରିବାକୁ ଚାହୁଁଥିବା ଚିଠିରେ ଉଲ୍ଲେଖ

**ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା**

କରାଯାଇଛି। ସେ ଦାନ କରିବାକୁ ଥିବା ଟଙ୍କାକୁ ଦୁର୍ଘଟଣାରେ ଅନାଥ ହୋଇଥିବା ପିଲାଙ୍କ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ ସୁକେଶ କହିଛନ୍ତି। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ୨୯୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି।

## ସହମତି ପ୍ରଦାନ ବୟସ ୧୩ରୁ ୧୬କୁ ବଢ଼ାଇଲା ଜାପାନ

**ଟୋକିଓ, ୧୬।୬**

ଜାପାନର ଆଇନ ପ୍ରଣେତାମାନେ ଯୌନ ଅପରାଧ ଆଇନରେ କେତେକ ସଂସ୍କାରକୁ ଶୁକ୍ରବାର ଅନୁମୋଦନ କରିଛନ୍ତି। ସେଠାରେ ଯୌନସମ୍ପର୍କ ସ୍ଥାପନ ପାଇଁ ସହମତି ପ୍ରଦାନ ବୟସ ବିଶ୍ୱରେ ସର୍ବନିମ୍ନ ୧୩ ବର୍ଷ ରହିଥିବାବେଳେ ଏହାକୁ ୧୬ ବର୍ଷକୁ ବୃଦ୍ଧି କରାଯାଇଛି। ଉକ୍ତ ସଂସ୍କାର ଜାପାନ ପାର୍ଲାମେଣ୍ଟର ଉଚ୍ଚ ସଦନରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହି ସଂସ୍କାରକୁ ସଚେତନ ପ୍ରଚାରକମାନେ ସ୍ୱାଗତ କରିଥିବାବେଳେ ଟୋକିଓର ବର୍ତ୍ତମାନର ମାନବାଧିକାର ସଂଗଠନ ଏହାକୁ ବଡ଼ ପଦକ୍ଷେପ କହିଛି। ଏହା ଦ୍ୱାରା ପିଲାମାନଙ୍କ ପ୍ରତି ବୟସ୍କଙ୍କ ଯୌନ ହିଂସା ଗ୍ରହଣୀୟ ନୁହେଁ ବୋଲି ଏକ ବାର୍ତ୍ତା ସମାଜକୁ ଯାଇଥିବା ଗ୍ରୁପ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୧୬ରୁ କମ୍ ବର୍ଷ ବୟସରେ ଯୌନକ୍ରିୟାକୁ ବୈଧାନିକ ଭାବେ ବଳାତ୍କାର ବିବେଚନା କରାଯିବ। ବ୍ରିଟେନରେ ଯୌନ ସମ୍ପର୍କ ସ୍ଥାପନ ଲାଗି ସହମତି ପ୍ରଦାନ ବୟସ ୧୬ ବର୍ଷ ହୋଇଥିବାବେଳେ ଫ୍ରାନ୍ସରେ ୧୫ ଏବଂ ଜର୍ମାନୀ ଓ ଚାଇନାରେ ୧୪ ବର୍ଷ ରହିଛି।

## ସହମତି ବୟସ: କେନ୍ଦ୍ରକୁ ତଥ୍ୟ ମାଗିଲେ ଆଇନ କମିଶନ

**ନୂଆଦିଲ୍ଲୀ, ୧୬।୬**

ସହମତି ବୟସ ପ୍ରସଙ୍ଗର ଅନୁଧ୍ୟାନ କରୁଥିବା ୨୨ତମ ଆଇନ କମିଶନ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ଏନେଇ କମିଶନ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ମାଗିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ୧୮ ବର୍ଷରୁ କମ୍ ବୟସ୍କଙ୍କୁ ନାବାଳକ ଦର୍ଶାଯାଇଛି। କିଶୋର କିଶୋରୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ସହମତି





ଭୂମିକା ଉପରେ ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜିଥାଏ। ତେଣୁ ସହମତି ବୟସ ସମ୍ପର୍କରେ ଆଇନ କମିଶନ ସରକାରଙ୍କଠାରୁ କେତେକ ତଥ୍ୟ ମାଗିଛନ୍ତି। ଶିଶୁଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପୋକ୍ସୋ ଆଇନର ଉଦ୍ଦେଶ୍ୟ। ଏହାର ଅର୍ଥ କିଶୋର କିଶୋରୀଙ୍କ ମଧ୍ୟରେ ସହମତିରେ ପ୍ରେମ ସମ୍ପର୍କକୁ ଅପରାଧୀକରଣ କରାଯାଇପାରିବ ନାହିଁ ବୋଲି ଗତବର୍ଷ ଦିଲ୍ଲୀ ହାଇକୋର୍ଟ କହିଥିଲେ। ପ୍ରତି ୩ ବର୍ଷରେ ଗଢ଼ାଯାଉଥିବା ଆଇନ କମିଶନ ଜଟିଳ ଆଇନଗତ ପ୍ରସଙ୍ଗ ଉପରେ ସରକାରଙ୍କୁ ଉପଦେଶ ଦେଇଥାନ୍ତି। ବର୍ତ୍ତମାନର ଆଇନ କମିଶନ ଅବସରପ୍ରାପ୍ତ ବିଚାରପତି ଋତୁରାଜ ଅୱସ୍ଥିଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି।

# ହର୍ଷପୁରରେ ରଜବତୀ ବିବାହ



ଗ୍ରାମର ଦେହୁରୀ ରଜବତୀଙ୍କ ବିବାହ କରାଉଛନ୍ତି।

**କେନ୍ଦୁଝର,୧୬।୬**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ରଜପର୍ବ ଧୁମଧାମରେ ପାଳିତ ହେଉଛି। ଏ ନେଇ ଗାଁଠୁ ସହର ଉତ୍ସବମୁଖର ହୋଇଥିବା ବେଳେ ଜିଲାର ସଦର ବ୍ଲକ୍ ହର୍ଷପୁର ଗ୍ରାମରେ ରଜବତୀ ବିବାହ ପରି ନିଆରା ପରମ୍ପରା ଦେଖିବାକୁ ମିଳିଛି। ୧୯୭୨ରୁ ଗାଁରେ ଉକ୍ତ ପରମ୍ପରା ଚାଲିଆସୁଥିବା ବେଳେ ଗ୍ରାମବାସୀ ମିଳିତ ଭାବରେ ପାଳନ କରୁଛନ୍ତି। ଚଳିତ ବର୍ଷ ରଜବତୀଙ୍କ ପିତା ଭାବେ ରଞ୍ଜନ ନାଏକ ଓ ବରପିତା ଭାବେ ମେଘୁଆ ନାଏକ ବିବାହ ପରିଚାଳନା କରୁଥିବା ବେଳେ ତୃତୀୟ ରଜ ଦିନ ବିବାହ ସମ୍ପନ୍ନ ହୋଇଛି।

ପ୍ରକାଶ ଯେ, ଗ୍ରାମରେ ବିବାହ ପାଇଁ ରଜ ପୂର୍ବରୁ ଗ୍ରାମ ମୁଣ୍ଡରେ ରଙ୍ଗବେରଙ୍ଗ ଆଲୋକସଜ୍ଜା ସାଙ୍ଗକୁ ଆକର୍ଷଣୀୟ ତୋରଣ ଲଗାଯାଇଛି। ବାହାଘର ପାଇଁ ବେଦି ନିର୍ମାଣ ହୋଇଥିଲା। ଶେଷ ରଜରେ ରଜବତୀ ଠାକୁରାଣୀଙ୍କୁ କନ୍ୟା ବେଶରେ ସଜ୍ଜିତ କରି ଗ୍ରାମର ଝିଅ ଓ ବୋହୂମାନେ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଇଥିଲେ। ବର ଦଳ ପାରମ୍ପରିକ ବ୍ୟାଣ୍ଡ୍ ବଜାଇ ଶୋଭାଯାତ୍ରାରେ ଆସିଥିଲେ। ମଣ୍ଡପରେ ବିବାହ ସମ୍ପନ୍ନ ହୋଇଥିଲା। ଗ୍ରାମର ସମସ୍ତେ ଭାଇଚାରାର ମନୋଭାବ ରଖି ଭୋଜିଭାତ ଖାଇ

## ରଜରେ ନିଆରା ପରମ୍ପରା

ବିବାହ ଉତ୍ସବରେ ସାମିଲ ହୋଇଥିଲେ। ଝିଅ ଓ ବୋହୂମାନେ ପିଠାପଣା ଖାଇ ଦୋଳି ଖେଳିବା ସହ ଏହି ନିଆରା ବିବାହରେ ସାମିଲ ହୋଇ ପୂଜା କରିଥିଲେ। ବିବାହ ଦେଖିବାକୁ ଆଖାପାଖ ଅଞ୍ଚଳ ତଥା ବାହାରୁ ଲୋକଙ୍କ ଭିଡ଼ ଜମିଥିଲା। ରଜବତୀ ଖୁସି ହେଲେ ଗ୍ରାମ ତଥା ଉକ୍ତ ଅଞ୍ଚଳର ମଙ୍ଗଳ ହେବ ଏବଂ ଭଲ ଚାଷ ହେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗ୍ରାମ ଦେହୁରୀ ହଳଧର ନାୟକ କୁହନ୍ତି, ଉତ୍ସବ ପ୍ରତ୍ୟେକ ବର୍ଷ ରଜରେ ପାଳନ ହୁଏ। ଏଥିପାଇଁ ୩ ଦିନ ଆଗରୁ ପ୍ରସ୍ତୁତି କରାଯାଇଥାଏ। ଘରଦ୍ୱାରା ଲିପାପୋଛା କରାଯାଏ। ନିଜ ଝିଅ ବିବାହ ଭଳି ଆୟୋଜନ କରାଯାଏ। ରଜ ପରଦିନ ଶନିବାର ପଡୁଥିବାରୁ ଚଳିତ ବର୍ଷ ରବିବାର ବିସର୍ଜନ ହେବ।

ଗ୍ରାମର ବାସିନ୍ଦା ରାଇବାରି ନାଏକ, ଆଶା ନାଏକ କୁହନ୍ତି, ଏହା ଗ୍ରାମରେ ଏକତା ରକ୍ଷା କରିବା ସହ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଗ୍ରାମବାସୀ ଦିନରେ ରଜଦୋଳି ଖେଳିବା ସହ ବିବାହ ଉତ୍ସବରେ ସାମିଲ ହୋଇଥାନ୍ତି। ବରିଷ୍ଠ ଅଧ୍ୟାପକ ବିପିନ ସାହୁ କହିଛନ୍ତି, ଏହି ପରମ୍ପରା ବହୁ ପୁରୁଣା। ପ୍ରାୟ ଶହେ ବର୍ଷ ହେଲା ଉକ୍ତ ଗ୍ରାମରେ ଏହି ରଜବତୀ ବିବାହ ଉତ୍ସବ ପାଳନ ହୋଇଆସୁଛି।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ରଜ ଉତ୍ସବରେ ଦୁଇ ଯୁବତୀ ଦୋଳି ଖେଳୁଛନ୍ତି।



କେନ୍ଦୁଝର ଲାଲାବାଙ୍ଗାଠାରେ ଖାଇ ଦୋଳି ଖେଳ ଚାଲିଛି।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ରଜ ଉତ୍ସବରେ ସମ୍ବଲପୁରୀ ନୃତ୍ୟ।



ଭୁବନେଶ୍ୱର କାନନବିହାର ଲେଡିଜ୍ ଫୋରମ୍ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ପିଠା ପ୍ରତିଯୋଗିତା।



କେନ୍ଦୁଝର ଢେଙ୍କିକୋଟ ଟିକିରା ରଜ ପଡ଼ିଆରେ ଅନୁଷ୍ଠିତ ରଜ ପର୍ବ।



କଟକ ଧବଳେଶ୍ୱରଗଡ଼ାଠାରେ ଅନୁଷ୍ଠିତ ରଜ ଉତ୍ସବରେ ଜଣେ ବାଳିକା ଦୋଳି ଖେଳୁଛନ୍ତି।





କଟକ ସିଡିଏ ସେକ୍ଟର-୯ ତାରିଣୀଗଡ଼ା ବସ୍ତିରେ ଅନୁଷ୍ଠିତ ରଜ ଉତ୍ସବରେ ୨ ବାଳିକା ଦୋଳି ଖେଳୁଛନ୍ତି ଏବଂ ବାଳିକାମାନେ ସଜବାଜ ହେଉଛନ୍ତି(ଡାହାଣ)।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁଲାଇ ୩ରେ ଜିଆଇଏଫ୍ଆଇ

**ଭୁବନେଶ୍ୱର,୧୬।୬**

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ ପ୍ରଥମ ଥର ପାଇଁ ଭାରତରେ ଜେନେରାଲ ଇନ୍ସ୍ୟୁରାନ୍ସ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ (ଜିଆଇଏଫ୍ଆଇ)ର ଆୟୋଜନ କରାଯାଉଛି। ୨୦୨୩ ଜୁଲାଇ ୩ରେ ଜିଆଇଏଫ୍ଆଇ ପୁଣେଠାରେ ଆୟୋଜନ ହେବ। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ତପନ ସିଂଘେଲ୍ କହିଛନ୍ତି, ଆମେ ପ୍ରଥମ ଥର କରି ଜିଆଇଏଫ୍ଆଇର ପରିକଳ୍ପନା କରିଛୁ, ଯେଉଁଠାରେ ଆମେ ସର୍ବୋତ୍ତମ ଆଡଭାଇଜରମାନଙ୍କୁ ଜିଫି ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବୁ। ଆମେ ଆଡଭାଇଜରମାନଙ୍କୁ ଏହି ପୁରସ୍କାର ପାଇଁ ଆବେଦନ କରିବାକୁ ପ୍ରୋତ୍ସାହିତ କରୁଛୁ ଓ ସେମାନଙ୍କର କଠିନ ପରିଶ୍ରମ ଏବଂ ସମର୍ପଣ ମନୋଭାବକୁ ଆମ ସହିତ ପାଳନ କରିବା ପାଇଁ ଅନୁପ୍ରେରିତ କରୁଛୁ। ଏହି ଦିନିକିଆ କାର୍ଯ୍ୟକ୍ରମରେ ବିଭିନ୍ନ ଇଣ୍ଟରାକ୍ଟିଭ୍ କାର୍ଯ୍ୟକଳାପ ସହ ପ୍ରସିଦ୍ଧ ବକ୍ତାଙ୍କ ଦ୍ୱାରା ପ୍ରେରଣାଦାୟକ ସେସନର ମଧ୍ୟ ଆୟୋଜନ କରାଯିବ।



ବିଶିଷ୍ଟ ଶିଳ୍ପପତି ତଥା ଏସ୍‌ବିଏସ୍ ବାୟୋଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ପ୍ରତିଷ୍ଠାତା ଡା. ସଞ୍ଜୀବ ଜୁନେଜାଙ୍କ ଚଣ୍ଡିଗଡ଼ସ୍ଥିତ ବାସଭବନରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟମାନେ ଜୁନେଜାଙ୍କୁ ଭେଟିଛନ୍ତି। ଏହି ପରିପ୍ରେକ୍ଷୀରେ ନଡ୍ଡାଙ୍କ ସମେତ ସଞ୍ଜୀବଙ୍କ ମାଆ ଉଷା ଜୁନେଜା, ଭଉଣୀ ରାଧିକା ଚିମା,ଝିଅ ଦିବିତା ଜୁନେଜା ଓ ପୁଅ ଦିବମ ଜୁନେଜା ଉପସ୍ଥିତ ଅଛନ୍ତି।

## (Ph.D) ଲାଭ



କୃତୀଙ୍କ ନାମ: ମଧୁସ୍ମିତା ମାଝି, ସ୍ୱର୍ଗତ ଅମରଜିତ ମାଝି (ବ୍ୟବସାୟିକ ଟିକସ କାର୍ଯ୍ୟାଳୟ (ଟ୍ରିବ୍ୟୁନାଲ), ପୁରୀର ପୂର୍ବତନ ଆସିଷ୍ଟାଣ୍ଟ କମିଶନର) ଏବଂ ବସୁଧା ମାଝିଙ୍କ ସୁପୁତ୍ରୀ, ଗ୍ରାମ- ଜୋରବନ୍ଧ, ବ୍ଲକ୍- ଚନ୍ଦାହାଣ୍ଡି, ଜିଲ୍ଲା- ନବରଙ୍ଗପୁର ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଜି. ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ୍‌ରୁ ଡକ୍ଟରେଟ୍ ଅଫ୍ ଫିଲୋସୋଫି ଡିଗ୍ରୀ ହାସଲ କରିଛନ୍ତି । ତାଙ୍କର ବିଷୟ ଥିଲା ''ବ୍ୟାଙ୍କିଙ୍ଗ୍ ସେବାରେ ସୂଚନା ପ୍ରଯୁକ୍ତିର ଭୂମିକା ଏବଂ ତ୍ରି-ସ୍ତରୀୟ ଏଚ୍‌ଆର୍‌ଡି କାର୍ଯ୍ୟପଦ୍ଧତି ଉପରେ ତାହାର ପ୍ରଭାବ - ମନୋନୀତ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ବ୍ୟାଙ୍କର ଏକ ତୁଳନାତ୍ମକ ଅଧ୍ୟୟନ'' । ଉତ୍କଳ ବିଶ୍ୱବିଦ୍ୟାଳୟର ପିଏମ୍ ଆଣ୍ଡ ଆଇଆର୍ ରିଡର୍ ଡା. ବିଜୟ କୁମାର ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ସେ ତାଙ୍କର ପିଏଚ୍‌ଡି କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟ, କୋଲକାତା, ପଶ୍ଚିମବଙ୍ଗର ବିଜ୍‌ନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡା. ଶର୍ମିଷ୍ଠା ବାନାର୍ଜୀ ତାଙ୍କର ଏକ୍ସଟର୍ନାଲ୍ ଥିଲେ । ସେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଗଣ୍ଡ ଜନଜାତିର ପ୍ରଥମ ଆଦିବାସୀ ଝିଅ ହେବା ସହିତ ନିଜ ପିତୃ ଏବଂ ମାତୃବଂଶର ପ୍ରଥମ ଝିଅ ଅଟନ୍ତି । ସେ ତାଙ୍କ ପରିବାରରେ ଉଚ୍ଚଶିକ୍ଷା ହାସଲ କରିଥିବା ଦ୍ୱିତୀୟ ପିଢ଼ି ଏବଂ ନିଜ ଜାଗାରେ ଉଚ୍ଚଶିକ୍ଷାରେ ଡିଗ୍ରୀ ହାସଲ କରିଥିବା ପ୍ରଥମ ଝିଅ ଅଟନ୍ତି । ସେ ନିଜର ସଫଳତା ପାଇଁ ସମ୍ପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡା. ବିଧୁ ଭୂଷଣ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆହୁରି ମଧ୍ୟ, ଅଭିଜିତ ମହାନ୍ତି ଓ ତାଙ୍କ ଯାତ୍ରାରେ ସମର୍ଥନ ଯୋଗାଇଥିବା ସାଙ୍ଗସାଥୀ ଓ ଶୁଭେଚ୍ଛୁବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଧ-୦୫୯୨

# ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ କଲେକ୍ସନ

**ଭୁବନେଶ୍ୱର,୧୬।୬**
**(ଅଭୟ ଦାଶ)**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ରଜ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ରଜପର୍ବ ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସ ଆକର୍ଷଣୀୟ ଡିଜାଇନ ଓ ମନଲୋଭା ଗହଣାର ବ୍ୟାପକ ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇଛି। ଏପରିକି ରିଲାଏନ୍ସ ଜୁଏଲ୍ସର ଆକର୍ଷଣୀୟ ସୁନାହାର ସେଟ୍ ଏବଂ ଚୁଡ଼ିର ଏକ ଚମତ୍କାର ସଂସ୍କରଣ ଉପସ୍ଥାପନ କରିଛି, ଯାହା ଚଳିତ ରଜରେ ମହିଳାମାନଙ୍କୁ ବେଶ୍ ଆକର୍ଷଣୀୟ କରିବା ସହିତ ରଜ ଉତ୍ସବରେ ଉଜ୍ଜ୍ୱଳତାର ପ୍ରତୀକ ଆଣିଦେବ। ସେହିଭଳି ଆମେ ଆମର ପୃଷ୍ଠପୋଷକମାନଙ୍କୁ ଜୁନ୍ ୧୫ ରୁ ୧୯ ମଧ୍ୟରେ ଓଡ଼ିଶାର ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମ୍ ପରିଦର୍ଶନ ସହ ଆମର ଏହି ଉତ୍କୃଷ୍ଟ ରଜ ସଂଗ୍ରହକୁ ଅନୁସନ୍ଧାନ କରିବା ଏବଂ ଆପଣଙ୍କ ଶୈଳୀ ଓ



ପସନ୍ଦ ସହିତ ମେଳ ଖାଉଥିବା ଉପଯୁକ୍ତ ଅଂଶ ଆବିଷ୍କାର କରିବାକୁ ଆମନ୍ତ୍ରଣ କରୁଛୁ। ଏପରିକି ଏହି ସଂକଳନରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତିଫଳିତ ହୋଇଛି, ଯାହା ଆମ କାରିଗରଙ୍କ କଳାକୃତିରେ ଗଢ଼ାଯାଇ ରାଜା ଉତ୍ସବ ପାଇଁ ସ୍ମରଣୀୟ କୃତି ସୃଷ୍ଟି କରିଥାଏ। ପ୍ରତ୍ୟେକ ଅଳଙ୍କାର ସୃଷ୍ଟି ଉତ୍ସବର ପ୍ରକୃତ ଭାବନାକୁ ଜାଗ୍ରତ କରିବା ଏବଂ ସମ୍ପ୍ରଦାୟ ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଚିନ୍ତାକରି ଡିଜାଇନ କରାଯାଇଛି। ବିଶେଷକରି ୨୨କ୍ୟାରେଟ୍ ସୁନାରେ ନିର୍ମିତ ଏହି ଉତ୍କୃଷ୍ଟ ସଂଗ୍ରହଗୁଡ଼ିକରେ ଆକର୍ଷଣୀୟ ନେକ୍‌ଲେସ୍ ସେଟ୍ ଏବଂ ଜଟିଳ ଡିଜାଇନ୍ ବିବରଣୀରେ ସଜ୍ଜିତ ଚୁଡ଼ି ଦେଖିବାକୁ ମିଳିଛି। ଏହି ଅଳଙ୍କାରଗୁଡ଼ିକ ଉତ୍ସବର ଆକର୍ଷଣ ବଢ଼ାଇବା ଏବଂ ଯେକୌଣସି ପୋଷାକରେ ସୁନ୍ଦରତାର ଆଭାସ ଯୋଡିବା ପାଇଁ ଉପଯୁକ୍ତ । ସେହିପରି ରଜ ସଂଗ୍ରହ ସହିତ ଆମ ଓଡ଼ିଶା ଶୋରୁମ୍‌ଗୁଡ଼ିକରେ ବିଭିନ୍ନ ପ୍ରକାର ପାରମ୍ପରିକ ସୁନା ଅଳଙ୍କାର ଏବଂ ଉତ୍କୃଷ୍ଟ ହୀରା ଡିଜାଇନ ମଧ୍ୟ ଉପଲବ୍ଧ ରହିଛି, ଯାହା କି ବିଭିନ୍ନ ସ୍ୱାଦ ଓ ପସନ୍ଦକୁ ପୂରଣ କରିଥାଏ। ଏହି ସ୍ୱତନ୍ତ୍ର କଲେକ୍ସନ ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ ଅଫର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତି ୮ ଗ୍ରାମ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାହକମାନେ ଏକ ମାଗଣା ସୁନାମୁଦ୍ରା ଏବଂ ହୀରା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ୮,୦୦୦ ଟଙ୍କାର ସୁନା ମୁଦ୍ରା ପାଇପାରିବେ ବୋଲି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଓଆଇର ମିନି ଆର୍‌ବିସି ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୬**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଏକ ମିନି-ଆର୍‌ବିସି ନିକଟରେ କଟକର କଲେଜ ସ୍କୋୟାର ଶାଖାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନ୍‌ବିଜି ଓଡ଼ିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ, ଉପ ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ମିନି ଆର୍‌ବିସିର ବରିଷ୍ଠ ପ୍ରବନ୍ଧକ ରମେଶ ଚନ୍ଦ୍ର ମହାରଣା, ଆଞ୍ଚଳିକ କାର୍ଯ୍ୟାଳୟର ମାର୍କେଟିଂ ଅଧିକାରୀଙ୍କ ସମେତ ବିଭିନ୍ନ ଶାଖାର ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଉକ୍ତ ମିନି ଆର୍‌ବିସି ଜରିଆରେ ରିଟେଲ ଗ୍ରାହକମାନଙ୍କୁ ସେମାନଙ୍କର ଆବଶ୍ୟକତାର ବିତ୍ତୀୟ ସମାଧାନ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା




ପ୍ରଦାନ କରାଯିବା ସହିତ କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୨୬ଟି ଶାଖାରେ ଗୃହଋଣ, ଗାଡ଼ି ଋଣ, ଶିକ୍ଷାଋଣ, ବ୍ୟକ୍ତିଗତ ଋଣ ଓ ବନ୍ଧକ ଋଣ ଆଦି ପ୍ରଦାନ କରାଯାଇପାରିବ। ସେହିଭଳି ଏହା ଜରିଆରେ ରିଟେଲ ଋଣ ପ୍ରଦାନକରି ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବାକୁ ବିଓଆଇ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିପରି ବିଓଆଇର ରିଟେଲ ଗ୍ରାହକ ଏବଂ ସର୍ବସାଧାରଣ ଏହି ନୂତନ ମିନି ଆର୍‌ବିସିକୁ ଆସିବା ସହିତ ରିଟେଲ ସେଗ୍‌ମେଣ୍ଟର ଅଭିବୃଦ୍ଧିରେ ଅଂଶଗ୍ରହଣ କରିବାକୁ ବ୍ୟାଙ୍କ ପକ୍ଷରୁ ଉତ୍ସାହିତ କରାଯାଉଛି।

# ଏମ୍‌ଏସ୍‌ଆଇଏଲ୍ ପକ୍ଷରୁ ଜିମ୍ନିର ମୂଲ୍ୟ ଘୋଷଣା

**ଭୁବନେଶ୍ୱର,୧୬।୬**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଫ୍ ରୋଡ୍ ଜିମ୍ନିର ମୂଲ୍ୟ ଘୋଷଣା କରାଯାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୨,୭୪,୦୦୦ ଟଙ୍କା ରହିଥିବାବେଳେ ଏମ୍‌ଏସ୍‌ଆଇଏଲ୍‌ର ନେକ୍ସା ଶୋ'ରୁମ୍ ଜରିଆରେ ଜିମ୍ନିର ଡେଲିଭରି ଦିଆଯାଉଛି।



ଏ ସମ୍ପର୍କରେ ଏମ୍‌ଏସ୍‌ଆଇଏଲ୍‌ର ଏମ୍‌ଡି ତଥା ସିଇଓ ହିଶାସୀ ଟାକେଉଚି କହିଛନ୍ତି,ଭାରତୀୟ ବଜାରରେ ଆମେ ଲିଜେଣ୍ଡାରି ଜିମ୍ନିର ମୂଲ୍ୟ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଜିମ୍ନି (୫ଡୋର) ଆମର ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ଅବିଶ୍ୱସନୀୟ ମାଇଲଖୁଣ୍ଟ ଓ ଏହା ଦେଶର ସର୍ବବୃହତ୍ ଏସ୍‌ୟୁଭି ନିର୍ମାତା ଭାବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସୁଜୁକି ମୋଟର କର୍ପୋରେଶନ ପାଇଁ ଭାରତ କେବଳ ଏକ ଘରୋଇ ବଜାର ରୂପେ ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ରପ୍ତାନି ବେସ୍ ଭାବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପରିକି ସୁଜୁକିର ଅଲଗ୍ରିପ ପ୍ରୋ (୪ଡବ୍ଲ୍ୟୁଡି) ଟେକ୍ନୋଲୋଜି ଦ୍ୱାରା ସମର୍ଥିତ ଏହାର ଟାଇମଲେସ ଡିଜାଇନ ଓ ଅତୁଳନୀୟ ଅଫ୍-ରୋଡ୍ କ୍ଷମତା ସହିତ ଚିନ୍ତାଧାରାକୁ ମଧ୍ୟ ଭଙ୍ଗ କରିଛି। ସେହିଭଳି ଭାରତ ଜିମ୍ନି (୫-ଡୋର)ର ଉତ୍ପାଦନକାରୀ ପ୍ଲାଣ୍ଟ ଭାବେ କାର୍ଯ୍ୟ କରିବ ଓ ଏହାର ଶୁଭାରମ୍ଭ ପାଇଁ ପ୍ରଥମ ବଜାର ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଜିମ୍ନି ସବୁ ରାସ୍ତାରେ ଯିବାର କ୍ଷମତା ରଖିବା ସହ ହାସ୍‌ଟାଗ୍ ନେଭର ଟର୍ନ ବ୍ୟାକ୍ ସ୍ପିରିଟ୍ ଭାବେ ପରିଚିତ ହୋଇପାରିଛି। ସେହିଭଳି ଜିମ୍ନି (୫-ଡୋର) ଉଭୟ ଜେଟା ଓ ଆଲ୍‌ଫା ଭାରିଆଣ୍ଟରେ ଅଟୋମାଟିକ ଏବଂ ମାନୁଆଲ ଟ୍ରାନ୍ସମିସନ ବିକଳ୍ପରେ ଉପଲବ୍ଧ। ନେକ୍ସାର ଡିଜାଇନ 'କ୍ରାଫ୍ଟେଡ ଫ୍ୟୁଚରଜିମ୍' ଦର୍ଶନକୁ ଆଗକୁ ବଢ଼ାଇବା ସହ ଜିମ୍ନି ନେକ୍ସାର ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ନୂଆ ଡିଜାଇନ ରୂପରେଖ ଉପରେ ଧ୍ୟାନ ଆକର୍ଷିତ କରିଛି। ଏହା ମଧ୍ୟ ତିନୋଟି ପ୍ରମୁଖ ସ୍ତମ୍ଭ ଯଥା ନେକ୍ସପ୍ରେସନ, ନେକ୍ସଟେକ୍ ଏବଂ ନେକ୍ସପେରିଏନ୍ସକୁ ଅନ୍ତର୍ଭୁକ୍ତ କରିଛି। ଏଥିରେ ଏକ ପ୍ରମାଣିତ ୧.୫ ଲି. କେ-ସିରିଜ ଇଞ୍ଜିନ ସହିତ ଆଇଡିଲ ଷ୍ଟାର୍ଟ ଷ୍ଟପ ଟେକ୍ନୋଲୋଜି ଅନ୍ତର୍ଭୁକ୍ତ ରହିଛି।

# ଟିଏସ୍‌ଏମ୍‌ଏଲ୍‌ର ସ୍ୱତନ୍ତ୍ର ସମ୍ମାନ ସମାରୋହ

**ଭୁବନେଶ୍ୱର,୧୬।୬**

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ପକ୍ଷରୁ ଗୁରୁବାର 'ଖଣି କ୍ଷେତ୍ର ମହିଳାଙ୍କ ପାଇଁ ଆନ୍ତର୍ଜାତିକ ଦିବସ' ପାଳିତ ହୋଇଯାଇଛି। ବିଶେଷକରି ଖଣି ଶିଳ୍ପରେ କାର୍ଯ୍ୟରତ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ସମ୍ମାନ ଜଣାଇ କମ୍ପାନୀ ବିଶ୍ୱ ସମୁଦାୟ ସହ ୨୦୨୩ ଜୁନ୍ ୧୫ରେ ଉପରୋକ୍ତ ଦିବସ ପାଳନ କରିଛି। ଏପରିକି ଖଣି କ୍ଷେତ୍ରରେ ସଫଳ ମହିଳାମାନଙ୍କୁ ସମ୍ମାନିତ କରିବା ଲାଗି କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଟିଏସ୍‌ଏମ୍‌ଏଲ୍‌ର ସମସ୍ତ ୟୁନିଟ୍‌ରେ ଆୟୋଜନ କରାଯାଇଥିଲା। ପ୍ରତି ବର୍ଷ ଜୁନ୍ ୧୫ରେ ପାଳନ କରାଯାଉଥିବା ବେଳେ ଖଣି ଶିଳ୍ପର ଭବିଷ୍ୟତ ଗଠନ କରିବାରେ ମହିଳାମାନଙ୍କ ପ୍ରମୁଖ ଭୂମିକାକୁ ସମ୍ମାନ ଜଣାଇବା ଲାଗି ଖଣି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ କରାଯାଉଛି। ଏପରିକି ଅନ୍ୱେଷଣ ଓ ଉତ୍ତୋଳନରୁ



ଆରମ୍ଭକରି ପ୍ରକ୍ରିୟାକରଣ ଓ ପରିଚାଳନା ପର୍ଯ୍ୟନ୍ତ କମ୍ପାନୀ ପରିଚାଳନା ପ୍ରତି ମହିଳାମାନଙ୍କ ମୂଲ୍ୟବାନ୍ ଯୋଗଦାନକୁ ଟିଏସ୍‌ଏମ୍‌ଏଲ୍ ସବୁବେଳେ ମାନ୍ୟତା ପ୍ରଦାନ କରିଆସୁଛି। କମ୍ପାନୀର ସଫଳତାରେ ସେମାନଙ୍କ ପ୍ରତିଭା ଓ ସମର୍ପଣ ଭାବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେହିପରି ଖଣି ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ଆମ ପ୍ରତିବଦ୍ଧତାର ଅଂଶ ସ୍ୱରୂପ,ସେମାନଙ୍କ ପେସାଦାର ଅଭିବୃଦ୍ଧି ଓ ଉନ୍ନତିକୁ ସହାୟତା ପ୍ରଦାନ କରିବା ପାଇଁ ଟିଏସ୍‌ଏମ୍‌ଏଲ୍ ପକ୍ଷରୁ ବିଭିନ୍ନ ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଖଣି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ କରିବା ଏବଂ ଖଣି ଶିଳ୍ପ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନ ପ୍ରଦାନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଟାଟା ଷ୍ଟିଲ ମାଇନିଂରେ ଆମେ ବିବିଧତା ବିକାଶ ସହ ସମସ୍ତ କର୍ମଚାରୀଙ୍କ ସଫଳତା ପାଇଁ ସମାନ ସୁଯୋଗ ଓ ଅନୁକୂଳ ପରିବେଶ ସୃଷ୍ଟି ଉପରେ ଦୃଢ଼ ବିଶ୍ୱାସ କରୁ ବୋଲି ସତିଜା ବିସ୍ତୃତ ଭାବେ ଆଲୋକପାତ କରିଥିଲେ।


# Classified Everyday
**0674-2580101, 2549949**


REAL ESTATE

## SALE

Resale 2/3BHK GF Flat, Garage, Mahatab Road, 1k.m. Lingaraj Temple, Old Town, Bhubaneswar. 64 Lakhs. 9337124748. D-73771

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862




Two Room, One Toilet, Dining, Kitchen, First floor Family, Chintamaniswar, near Jalaram Sweets, Bhubaneswar. 9437026669. D-6590

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Salon/ SPA with expert therapist (health benefits). 8114322659. D-75120

Asribada Panchakarma herbal SPA Kesharimall, Bhubaneswar. Contact. 8926173473. D-74695

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open health benefits SPA special offer @ 799 Jaydev Vihar. 8018429809. D-75117

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of my affidavit Notary Public, Bhubaneswar 7th June 2023 and marriage with Sri Rajat Rath. Henceforth my name has been changed to Reena Rath instead of Reena for all purposes. D-0589

By an affidavit I Santosh Kumar Mishra, At- Bhubaneswarpur Sasan, P.S.- Bonth, Dist.- Bhadrak declare that my name is recorded as Santosh Mishra in Bank Account. As per Aadhaar my name will be corrected as Santosh Kumar Mishra for all purposes. D-0596

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରମିଳା ପାତ୍ର ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ- ତା୦୧।୦୭।୨୦୧୫

ସମୟ ସ୍ରୋତରେ ଆଠବର୍ଷ ତଳେ ସ୍ୱାମୀ, ପୁତ୍ର, କନ୍ୟା ଇତ୍ୟାଦିଙ୍କୁ ଛାଡ଼ି କେଉଁ ଅପହଞ୍ଚ ଅଜଣା ରାଇଜକୁ ଚାଲିଗଲ । କାଳର ସୀମାହୀନ ପରିଧିରେ ହଜିଗଲା ତୁମ ଇହ ଜନ୍ମର କାହାଣୀ। ତୁମ ଉପସ୍ଥିତିରେ ଭାରିଭାରି ଲାଗୁଥିବା ଗୃହ ଅଗଣା ଆଜି ଶୂନ୍ୟ ପଞ୍ଜୁରୀ । କିନ୍ତୁ ଛାଡ଼ି ଯାଇଥିବା ଅଭୁଲା ସ୍ମୃତି ସବୁ ରୂପାଜନ୍ମ ହୋଇ ତୁମକୁ ଜୀବିତ କରି ରଖିଅଛି। ବିଧିର ବିଧାନ ମାନିବାକୁ ବାଧ୍ୟ ଆମେସବୁ ଅକିଞ୍ଚନ ଲିନୁ, ବବି, କିଟି, ମକର ସମସ୍ତେ ଆଜିର ଦିନରେ ତୁମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଅଛୁ। ତୁମର ମୁକ୍ତି ପାଇଁ ବିଭୁ ପଦାରବିନ୍ଦରେ ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।**
ଧ-୦୫୩୮

**ଦ୍ୱାଦଶାହ ଉପଲକ୍ଷେ**



**୰କିଶୋର ଚନ୍ଦ୍ର ନାଥ**
ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ
ଆବିର୍ଭାବ: ୦୨।୦୮।୧୯୫୧
ତିରୋଧାନ: ୦୬।୦୬।୨୦୨୩

ଆପଣ ଆତ୍ମମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲେ ପଛରେ ପୂରା ପରିବାରକୁ ଶୋକ ସାଗରରେ ବୁଡେଇ। ଆପଣଙ୍କ ଆତ୍ମା ଚିରଶାନ୍ତି ଲଭୁ, ଏତିକି ବିଶ୍ୱନିୟନ୍ତାଙ୍କ ନିକଟରେ ଆକୁଳ ନିବେଦନ।

ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁପରିଜନ, ଆତ୍ମୀୟସ୍ୱଜନ ।
ଧ-୦୫୮୮

# ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୬

(ତପନ ସ୍ୱାଇଁ)

ଜେ. ଏମ. ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୨ୟ କଳିଙ୍ଗ ଓପନ ସର୍ବଭାରତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ୨୦ ରାଜ୍ୟର ୩୧୫ ପ୍ରତିଯୋଗି ଭାଗ ନେଇଛନ୍ତି। ଆନ୍ତର୍ଜାତିୟ ଅଫିସିଆଲ ତଥା ଜଜ ଅଶୁଂମାନ ବାନାର୍ଜୀ, ସଞ୍ଜୀବିନି ପୂର୍ଣ୍ଣ ପତ୍ରି ଖେଳକୁ ପରିଚାଳନା କରୁଥିବାବେଳେ ସଜଲ ତନ୍ତି, ଅଭିଜିତ ସି, ମଳୟ କର୍ମକାର, ନିଲେନ୍ଦୁ ରାୟ ଚୌଧୁରୀ, ରୁମା ଦାସ,ଶିବାନି ବଡେକାର, ଆଦିତି ଦେବ, ଜିତେନ୍ଦ୍ର ଗୌଡ଼ ଓ ପଙ୍କଜ କୁଣ୍ଡେ ପ୍ରଭୃତି ସହ ଅଫିସିଆଲ ଭାବେ ସହଯୋଗ କରୁଛନ୍ତି। ପ୍ରତିଯୋଗିତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜେଏମ ସ୍ପୋର୍ଟ୍ସ ଅଧ୍ୟକ୍ଷ ମୀରାରାଣୀ ଦାସ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ରୂପେ ବିଜୁ ଯୁବ କଲ୍ୟାଣ ବିଭାଗ ଅଧ୍ୟକ୍ଷ କୁନ ବିହାରୀ ଦାସ ଉପସ୍ଥିତ ରହି ରାଜ୍ୟ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିବା ସହିତ ଜେଏମ ସ୍ପୋର୍ଟ୍ସ ଏକାଡେମୀର ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଅର୍ଗସ ନ୍ୟୁଜ୍‌ର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ନିଜ ବକ୍ତବ୍ୟରେ ଜେଏମ ସ୍ପୋର୍ଟ୍ସ ଭଳି ବେସରକାରୀ ସଂସ୍ଥାର ଉଦ୍ୟମ ଯୋଗୁ ଭାରତୀୟ ପ୍ରତିଯୋଗୀମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବାରେ ଲାଗିଛନ୍ତି ବୋଲି କହିଥିଲେ। ସେହିଭଳି ଅନ୍ୟତମ ଅତିଥି ମୀରା ପରିଡା ଜିମ୍ନାଷ୍ଟିକ ଏକ କଷ୍ଟସାଧ୍ୟ ଖେଳ ହେଲେ ସୁଦ୍ଧା ଏହାକି କ୍ୟାରିୟର କରୁଥିବା ଖେଳାଳିଙ୍କ ଅଭିଭାବକଙ୍କୁ ପ୍ରଶଂସା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ବାଂଲାଦେଶ ବିଜୟ ନିକଟତର

**ମୀରପୁର, ୧୬।୬ (ଏପି):** ନାଜମୁଲ ହୋସେନ ଓ ମୋମିନୁଲ ହକ୍ ଶତକ ହାସଲ କରିବା ପରେ ବାଂଲାଦେଶ ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ଏକମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚରେ ବିଜୟର ନିକଟତର ହୋଇଛି। ମ୍ୟାଚ ଜିତିବା ଲାଗି ଆଫଗାନିସ୍ତାନ ସମ୍ମୁଖରେ ବାଂଲାଦେଶ କଷ୍ଟସାଧ୍ୟ ୬୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପ୍ରଥମ ଇନିଂସରେ ୧୪୬ ରନ କରିଥିବା ନାଜମୁଲ ଦ୍ୱିତୀୟ ଇନିଂସରେ ୧୨୪ ରନ କରିଛନ୍ତି। ଫଳରେ ଗୋଟିଏ ଟେଷ୍ଟ ମ୍ୟାଚରେ ଉଭୟ ଇନିଂସରେ ଶତକ ହାସଲ କରିବାରେ ସେ ବାଂଲାଦେଶର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ପୂର୍ବରୁ ବାଂଲାଦେଶର ପ୍ରଥମ ଖେଳାଳି ଭାବେ ମୋମିନୁଲ ଏହି ସଫଳତା ହାସଲ କରିଛନ୍ତି। ୨୦୨୧ ଏପ୍ରିଲ ପରେ ସେ ତାଙ୍କର ପ୍ରଥମ ଶତକ ହାସଲ କରିଛନ୍ତି। ଏଠାରେ ସେ ୧୨୧ ରନ କରିଛନ୍ତି। ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସ ୪୨୫/୪ରେ ଘୋଷଣା କରିଛି। ଜବାବରେ ପ୍ରଥମ ଇନିଂସରେ ୨୩୬ ରନ ପଛୁଆ ଥିବା ଆଫଗାନିସ୍ତାନ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧ ଓଭରରେ ୨ ଉଇକେଟ ବିନିମୟରେ ୪୫ ରନ କରିଛି। ୬୧୭ ରନ ପଛରେ ରହିଥିବା ଆଫଗାନିସ୍ତାନକୁ ମ୍ୟାଚ ଜିତିବା ଲାଗି ଦୁଇ ଦିନ ସମୟ ରହିଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୮୨

ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୪୬

ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨୫/୪ (ନାଜମୁଲ ହୋସେନ-୧୨୪, ମୋମିନୁଲ ହକ୍-୧୨୧*, ଜାକିର ହସନ-୭୨, ଲିଟନ ଦାସ-୬୬*; ଜାହିର ଖାଁ-୨/୧୧୨)।

ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୪୫/୨।

# ଇଂଲଣ୍ଡ ୩୯୩/୮ରେ ଇନିଂସ ଘୋଷଣା

ବର୍ମିଂହାମ୍, ୧୬।୬ (ଏପି)

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ବହୁପ୍ରତିକ୍ଷୀତ ଆଶେସ କ୍ରିକେଟ ଟେଷ୍ଟ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଏକଦା ମଧ୍ୟାହ୍ନ ଭୋଜନ ସୁଦ୍ଧା ୧୨୪ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଜୋ ରୁଟ (୧୧୮*) ଓ ଜନି ବେୟାରଷ୍ଟୋ (୭୮)ମଧ୍ୟରେ ୧୧୯ରନର

**ରୁଟ୍‌ଙ୍କ ଶତକ**

ଭାଗୀଦାରି ଯୋଗୁ ଘରୋଇ ଦଳ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ୭୮ ଓଭର ଖେଳି ୮ ଉଇକେଟ ବିନିମୟରେ ୩୯୩ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଦଳର ଅନ୍ୟତମ ସଫଳ ବ୍ୟାଟର ଓପନର ଜ୍ୟାକ୍ କ୍ରଲି ୬୧ ରନ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ସଫଳ ବୋଲର ନାଥାନ ଲିଅନ ୧୪୯ ରନ ବିନିମୟରେ ୪ ଏବଂ ଜୋସ୍ ହାଜେଲଉଡ୍ ୬୧ ରନ ଦେଇ ୨ ଉଇକେଟ ନେଇଛନ୍ତି। ସୂଚନାଯୋଗ୍ୟ, ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ଅଧୀନରେ ଇଂଲଣ୍ଡ ଦଳ ଟେଷ୍ଟ ମ୍ୟାଚରେ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରିଛି। ଦଳ ଏହାର ଗତ ୧୭ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୧୨ଟିରେ ବିଜୟ ହାସଲ କରିଛି। ମୋଇନ ଅଲି ପାଖାପାଖି ଦୁଇ ବର୍ଷ ପରେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ ଖେଳୁଛନ୍ତି। ଇଂଲଣ୍ଡର ଆଘାପାପ୍ତ ପ୍ରମୁଖ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ସ୍ଥାନରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ଓ୍ୱାରଓ୍ୱିକଶାୟାର ସହିତ ଅଲିଙ୍କ ହୋମ୍ ଗ୍ରାଉଣ୍ଡ ହେଉଛି ଏଜ୍‌ବାଷ୍ଟାନ। ଏଠାରେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଅଷ୍ଟ୍ରେଲିଆ ୨୦୦୧ ପରଠାରୁ ଇଂଲଣ୍ଡରେ ଆଶେସ ଜିତି ପାରି ନାହିଁ। ଦଳ ଗତ ରବିବାର ଭାରତକୁ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପରାସ୍ତ କରି ଟାଇଟଲ ହାସଲ କରିଛି। ଅଷ୍ଟ୍ରେଲିଆ ୨୦୨୧-୨୨ରେ ଗତ ଆଶେସ ସିରିଜରେ ଇଂଲଣ୍ଡକୁ ୪-୦ରେ ହରାଇ ଦେଇଥିଲା। ଭ୍ରମଣକାରୀ ଦଳ ଡ୍ର ରଖିପାରିଲେ ଆଶେସ ବଜାୟ ରଖିପାରିବ।



ଶଟ୍ ଖେଳିବା ଅବସରରେ ଜୋ ରୁଟ୍।

# ଫାଇନାଲରେ ମାଲେସିଆ

**ସ୍କ୍ୱାଶ ବିଶ୍ୱକପ୍**

**ଚେନ୍ନାଇ,୧୬।୬ (ପି.ଟି.):** ଚତୁର୍ଥ ସିଡ୍ ମାଲେସିଆ ୩-୦ରେ ଦ୍ୱିତୀୟ ସିଡ୍ ଭାରତକୁ ହରାଇ ଏଠାରେ ଚାଲିଥିବା ଏସ୍‌ଡିଏଟି ଡବ୍ଲ୍ୟୁଏସ୍‌ଏଫ୍ ସ୍କ୍ୱାଶ ବିଶ୍ୱ କପ୍‌ର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ସାଇ ହଙ୍ଗ୍ ଅଙ୍ଗ୍ ୭-୪, ୫-୭, ୧-୭, ୭-୧, ୭-୬ରେ ଅଭୟ ସିଂଙ୍କୁ ପରାସ୍ତ କରିଥିବା ବେଳେ ଆଇରା ଅଜମାନ ୭-୩, ୭-୩, ୫-୭, ୭-୪ରେ ଜ୍ୟୋତ୍ସ୍ନା ଚିନାପ୍ପାଙ୍କୁ ଏବଂ ଡାରେନ ପ୍ରାଗାସାମ୍ ୭-୫, ୨-୭, ୭-୬, ୬-୫ରେ ସୌରଭ ଘୋଷାଲଙ୍କୁ ହରାଇ ଦେଇଥିଲେ। ଶନିବାର ଫାଇନାଲରେ ମାଲେସିଆ ଟପ୍ ସିଡ୍ ତଥା ଗତଥର ଚାମ୍ପିୟନ ଇଜିପ୍ଟକୁ ଭେଟିବ। ଇଜିପ୍ଟ ଅନ୍ୟ ସେମିଫାଇନାଲରେ ୪-୦ରେ ଜାପାନକୁ ପରାସ୍ତ କରିଛି।

# ଲୁନ୍‌କାନୁ ୫ ବର୍ଷ ବାସନ୍ଦ

**ମ୍ୟାଚ୍ ଫିକ୍ସିଂ ମାମଲା**

**ଲଣ୍ଡନ, ୧୬।୬ (ଏପି):** ଏକ ମ୍ୟାଚ ଫିକ୍ସିଂ ମାମଲାରେ ରୋମାନିଆର ଟେନିସ ଖେଳାଳି ପେଟ୍ରୁ-ଆଲେକ୍‌ଜାଣ୍ଡ୍ରୁ ଲୁନ୍‌କାନୁଙ୍କୁ ୫ ବର୍ଷ ବାସନ୍ଦ ଓ ୪୦,୦୦୦ ଡଲାର ଜରିମାନା କରାଯାଇଥିବା ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଶୁକ୍ରବାର ପ୍ରକାଶ କରିଛି। ଲୁନ୍‌କାନୁଙ୍କ ବିରୋଧରେ ଅଣାଯାଇଥିବା ୭ଟି ମ୍ୟାଚ ଫିକ୍ସିଂ ଅଭିଯୋଗ ମଧ୍ୟରୁ ୫ଟିର ଶୁଣାଣିକୁ ସଂରକ୍ଷିତ ରଖାଯାଇଛି। ୩୪ବର୍ଷୀୟ ଏହି ଖେଳାଳିଙ୍କ ବିରୋଧରେ ଅଲଗା ଅଭିଯୋଗ ମଧ୍ୟ ରହିଥିଲା। ତାଙ୍କ ବିରୋଧରେ ତଦନ୍ତ ବେଳେ ସେ ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସିକୁ ସହଯୋଗ କରି ନ ଥିଲେ। ଲୁନ୍‌କାନୁ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୨୦୦୯ରେ ହାସଲ କରି ତାଲିକାର ୩୦୪ ତମ ସ୍ଥାନରେ ରହିଥିଲେ। ଜୁଲାଇରେ ରୋମାନିଆରେ ଏକ ରୋୟର ଲେଭଲ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ସେ ବିଦାୟ ନେଇଥିଲେ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, June 17/2023 | Page 20 | ₹ 7.00



**ଶ୍ରାବଣୀ ଜିତିଲେ ରୌପ୍ୟ**
କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ୦୮

୦୫ **ପ୍ରଭାସଙ୍କ ଜବରଦସ୍ତ କମ୍‌ବ୍ୟାକ୍**
ଓମ୍ ରାଉତଙ୍କ ନିର୍ଦ୍ଦେଶିତ ପାନ୍ ଇଣ୍ଡିଆ ଫିଲ୍ମ 'ଆଦିପୁରୁଷ'ରେ ପ୍ରଭାସଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି।



# ୨୧ ଯାଏ ପ୍ରଚଣ୍ଡ ରୌଦ୍ରତାପ

**ଅନିଲ ଦାସ**
**ଭୁବନେଶ୍ୱର, ୧୬।୬**

ଉପକୂଳରୁ ଉପାନ୍ତ ସବୁଠି ପାରଦ ଉପରମୁହାଁ ହୋଇଛି। ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀକୁ ଟପି ଯାଇଥିବା ବେଳେ ୮ଟି ସ୍ଥାନରେ ୪୪ ଡିଗ୍ରୀକୁ ପାର କରିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଝାରସୁଗୁଡ଼ାରେ ସର୍ବାଧିକ ୪୫.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୫.୩, ସମ୍ବଲପୁର ୪୪.୮, ଅନୁଗୋଳ ୪୪.୭, ହୀରାକୁଦ ୪୪.୬, ଭୁବନେଶ୍ୱର ୪୪.୬, ସୁନ୍ଦରଗଡ଼ ୪୪.୫, ତାଳଚେର ୪୪.୪, ବୌଦ୍ଧ ୪୪.୨, ରାଉରକେଲା ୪୪, ବରଗଡ଼ ୪୪, ନୟାଗଡ଼ ୪୩.୫, ଢେଙ୍କାନାଳ ୪୩.୫, ଟିଟିଲାଗଡ଼ ୪୩.୫, ବାରିପଦା ୪୩.୨, ବ୍ରହ୍ମପୁର ୪୩.୨, ନୂଆପଡ଼ା ୪୩, ଭବାନୀପାଟଣା ୪୩, ଖୋର୍ଦ୍ଧା ୪୩, ମାଲକାନଗିରି ୪୨.୪, କଟକ ୪୨.୨, ଦେବଗଡ଼ ୪୨, କେନ୍ଦ୍ରାପଡ଼ା ୪୧.୮, ଫୁଲବାଣୀ ୪୧.୫, ☞ପୃଷ୍ଠା–୪

# ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ମନା

**ସନ୍ତୋଷ ଶତପଥୀ**
**ଉମରକୋଟ, ୧୬।୬**

ପୁଅ କରିଥିଲା ଧର୍ମ ପରିବର୍ତ୍ତନ। ତେଣୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ହିନ୍ଦୁ ଶ୍ମଶାନରେ ସତ୍କାର କରିବାକୁ ମିଳିଲାନି ଅନୁମତି। ଏପରି ଏକ ସମ୍ବେଦନଶୀଳ ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ପୋଲିସ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁର୍ଜା ଗ୍ରାମ ନିକଟ ଏକ ସ୍ଥାନରେ ମୃତଦେହ ସତ୍କାର କରାଯିବ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁଯାୟୀ, ଉମରକୋଟ ଥାନା ଅଧୀନ ସିଉନାଗୁଡ଼ା ଗ୍ରାମର ଡମ୍ବୁ ସାନ୍ତା(୫୫)ଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ହୋଇଥିଲା। ମୃତକଙ୍କ ସାନପୁଅ ହିନ୍ଦୁ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ଡମ୍ବୁ ସାନପୁଅଙ୍କ ନିକଟରେ ରହୁଥିଲେ। ତେଣୁ ତାଙ୍କ ମୃତ୍ୟୁପରେ ଗ୍ରାମବାସୀ ଡମ୍ବୁଙ୍କ ମୃତଦେହକୁ ହିନ୍ଦୁ ଶ୍ମଶାନରେ ସତ୍କାର କରିବା ସୁଯୋଗ ଦେଇ ନ ଥିଲେ। ଖବର ସଂଗ୍ରହ କରିବାକୁ ଖବରଦାତାମାନେ ସେଠାକୁ ଯାଇଥିଲେ ମଧ୍ୟ ଗ୍ରାମବାସୀ ତାଙ୍କୁ ଗାଁ ଭିତରେ ପୂରାଇ ଦେଇ ନ ଥିଲେ। ଆପୋସ ବୁଝାମଣାରେ ଘଟଣା ସମାଧାନ କରାଯିବ କହି ଗ୍ରାମବାସୀ ଖବରଦାତାଙ୍କୁ ଫେରାଇ ଦେଇଥିଲେ। ତେବେ ଅପରାହ୍ନ ୪ଟା ସୁଦ୍ଧା ଘଟଣାର କୌଣସି ସମାଧାନ ନ ହେବାରୁ ମୃତକଙ୍କ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଉମରକୋଟ ଥାନା କର୍ମଚାରୀ ଓ ତହସିଲଦାର ତୁଳା ମୁଦୁଲି ସିଉନାଗୁଡା ଗ୍ରାମରେ ପହଞ୍ଚିଥିଲେ। ସେମାନେ ସେମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁର୍ଜା ଗାଁ ନିକଟ ଏକ ସ୍ଥାନରେ ରାତି ଭିତରେ ମୃତଦେହ ସତ୍କାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉମରକୋଟ ଥାନା ଅଧୀନରେ ଏଥିପୂର୍ବରୁ ଅନୁରୂପ ୨ଟି ଘଟଣା ଘଟିଥିବା ବେଳେ ଏହା ତୃତୀୟ ଘଟଣା।

# ଇତିହାସ ଲିଭାଇବାକୁ କେନ୍ଦ୍ରର ଉଦ୍ୟମ

## ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାରର ନୂତନ ନାମକରଣ



୧୯୩୦ରେ ନିର୍ମିତ ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଆଣ୍ଡ ଲାଇବ୍ରେରି।



୨୦୨୨ ଏପ୍ରିଲ ୨୧ରେ ତିନ୍ ମୂର୍ତ୍ତି ଭବନରେ ଉଦ୍‌ଘାଟିତ ପ୍ରାଇମ୍ ମିନିଷ୍ଟର୍ସ ମ୍ୟୁଜିୟମ୍।

**କେନ୍ଦ୍ରର ମୋଦି ସରକାର ନୂଆଦିଲ୍ଲୀସ୍ଥିତ ତିନ୍ ମୂର୍ତ୍ତି ଭବନରେ ଥିବା ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାରର ନୂଆ ନାମକରଣ କରିଛନ୍ତି। ଏଣିକି ଏହା 'ପ୍ରାଇମ୍ ମିନିଷ୍ଟର୍ସ ମ୍ୟୁଜିୟମ୍' ନାମରେ ପରିଚିତ ହେବ। ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଆଣ୍ଡ ଲାଇବ୍ରେରି (ଏନ୍‌ଏମ୍‌ଏମ୍‌ଏଲ୍) ସୋସାଇଟିର ଉପାଧ୍ୟକ୍ଷ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଶୁକ୍ରବାର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି। ଯାହାଙ୍କର ନିଜସ୍ୱ ଇତିହାସ ନାହିଁ, ସେମାନେ ଅନ୍ୟମାନଙ୍କ ଇତିହାସ ଲିଭାଇବାକୁ ଉଦ୍ୟମ କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି।**

**ନୂଆଦିଲ୍ଲୀ, ୧୬।୬**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୧୯୨୯–୩୦ରେ ଜାତୀୟ ରାଜଧାନୀ ଦିଲ୍ଲୀର କେନ୍ଦ୍ରସ୍ଥଳରେ ବ୍ରିଟିଶ୍ ଆର୍ମି କମାଣ୍ଡର–ଇନ୍–ଚିଫ୍‌ଙ୍କ ବାସଭବନ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ଏହାର ନାମ ରହିଥିଲା ଫ୍ଲାଗ୍‌ଷ୍ଟାଫ୍ ହାଉସ୍। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ୧୯୪୮ରୁ ଏହି ଐତିହାସିକ ପ୍ରାସାଦ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସରକାରୀ ବାସଭବନ ପାଲଟିଥିଲା। ନେହେରୁ ୧୯୬୪ ମେ' ୨୭ରେ ମୃତ୍ୟୁ ପର୍ଯ୍ୟନ୍ତ ଏଠାରେ ୧୬ ବର୍ଷରୁ ଅଧିକ ସମୟ ଧରି ଅବସ୍ଥାନ କରିଥିଲେ। ନେହେରୁଙ୍କ ପରଲୋକ ପରେ ଏହି ଭବନକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ୧୯୬୬ ଏପ୍ରିଲ ୧ରେ ଉକ୍ତ ସ୍ମାରକୀ ଭବନରେ ସଂଗ୍ରହାଳୟ ଓ ପାଠାଗାର ପରିଚାଳନା ନିମନ୍ତେ ନେହେରୁ ମେମୋରିଆଲ ଆଣ୍ଡ ଲାଇବ୍ରେରି ସୋସାଇଟି ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରାଯାଇଥିଲା। ତିନ୍ ମୂର୍ତ୍ତି ଭବନ ପରିସରରେ ଥିବା ଏହି ସୋସାଇଟକୁ କେନ୍ଦ୍ରର ମୋଦି ସରକାର ନୂଆ ନାମ ଦେଇଛନ୍ତି। ଏହା ଏଣିକି ପ୍ରଧାନମନ୍ତ୍ରୀଙ୍କ ମ୍ୟୁଜିୟମ୍ ଓ ଲାଇବ୍ରେରି ସୋସାଇଟି ନାମରେ ପରିଚିତ ହେବ। ପ୍ରାୟ ୯୦ ବର୍ଷ ପୂର୍ବେ ନିର୍ମିତ ତିନ୍ ମୂର୍ତ୍ତି ଭବନ ପରିସରରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଉଦ୍‌ଘାଟନର ପ୍ରାୟ ବର୍ଷକ ପରେ କରାଯାଇଥିବା ଏହି ନାମକରଣକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପ୍ରତିରକ୍ଷା ମନ୍ତ୍ରୀ ☞ପୃଷ୍ଠା–୪



## ସଂକ୍ଷେପରେ

### ୱାର୍ଡସଭ୍ୟଙ୍କ ଅକାଳ ବିୟୋଗ



ରସୁଲପୁର, ୧୬।୬ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ୬ ନମ୍ବର ୱାର୍ଡସଭ୍ୟ ଚୈତନ୍ୟ ବାରିକ(୫୪)ଙ୍କ ଅକାଳ ବିୟୋଗ ହୋଇଛି। ଏହି ଖବର ପାଇ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟା ରଞ୍ଜିତା ମଲିକ, ମିନତି ପରିଡ଼ା, ସଦାନନ୍ଦ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ନୃସିଂହ ମଲିକ ଓ ରଞ୍ଜନ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବାରିକ ଜଣେ କର୍ମ ତତ୍ପର ବ୍ୟକ୍ତି ଥିଲେ। ତାଙ୍କ କର୍ମ ପ୍ରବଣତାକୁ ଦୃଷ୍ଟି ଦେଇ ୱାର୍ଡବାସୀ ତାଙ୍କୁ ୨୦୨୨ ପଞ୍ଚାୟତ ନିର୍ବାଚନରେ ଅପ୍ରତିଦ୍ୱନ୍ଦ୍ୱିଭାବେ ଚୟନ କରିଥିଲେ। ସେ ପ୍ରାୟତଃ ୬ମାସ ତଳୁ ମେରୁଦଣ୍ଡ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମେରୁଦଣ୍ଡରେ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ତାହା ଅସଫଳ ହେବାରୁ ସେ କିଛିଦିନ ହେବ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମରଶରୀରକୁ ଇଚ୍ଛାପୁରସ୍ଥିତ ବାସଭବନକୁ ଅଣାଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଗୋରୁ, ମଇଁଷି ସଂଖ୍ୟା କମୁଛି

## ବିପଦରେ ଜୀବନଜୀବିକା, ପରିବେଶ ସନ୍ତୁଳନ

ଯାଜପୁର, ୧୬।୬(ହର୍ଷବର୍ଦ୍ଧନ ବେହେରା)

ପରିବେଶ ଓ ପରିସଂସ୍ଥା ଠିକ୍ ଭାବେ ପରିଚାଳିତ ହେଲେ ସୁସ୍ଥ ପରିବେଶ ସହ ମନୁଷ୍ୟ ଖାଦ୍ୟ, ବସ୍ତ୍ର, ଅମ୍ଳଜାନ, ଔଷଧୀୟ ଗଛ ଆଦି ପାଇଥାଏ। କିନ୍ତୁ ଜୈବ ବିବିଧତା ତଥା ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ମୂଲ୍ୟବାନ୍ ଗଛ, ଔଷଧୀୟ ବୃକ୍ଷଲତା, ବିରଳ ପଶୁପକ୍ଷୀଙ୍କ ସମେତ ଗୃହପାଳିତ ପଶୁଙ୍କ ସଂଖ୍ୟାରେ ଆଶାତୀତ ଭାବେ ହ୍ରାସ ଘଟିଛି। ପ୍ରାକୃତିକ ନଦୀନାଳ ପୋତି ନିର୍ମାଣ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହାସହ ଜିଲାର ଜୈବବିବିଧତା ଉପରେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପଦୃଷ୍ଟି ସହ ଚାରଣଭୂମିର ସଙ୍କୋଚନ ଯୋଗୁ ଗୋରୁ ଏବଂ ମଇଁଷିଙ୍କ ସଂଖ୍ୟା ହ୍ରାସ ଉଦବେଗଜନକ ହୋଇଛି। ଯାଜପୁର ଜିଲାକୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ୨୦୧୨ରେ ଏଠାରେ ମୋଟ ୪,୮୬,୯୩୩ ଗୋରୁ ରହିଥିଲାବେଳେ ୨୦୧୯ ସର୍ଭେରେ ତାହା ହ୍ରାସ ପାଇ ୪,୭୭,୩୦୬ରେ ପହଞ୍ଚିଛି। ସେହିପରି ବିଭିନ୍ନ ପ୍ରଜାତିର ମଇଁଷି ସଂଖ୍ୟା ୨୦୧୨ରେ ୫୩୩୨ ରହିଥିଲାବେଳେ ୨୦୧୯ରେ ୩୮୮୪ରେ ପହଞ୍ଚିଛି। ପ୍ରତି ୫ ବର୍ଷରେ ହେବାକୁ ଥିବା ପ୍ରାଣୀ ସମ୍ପଦ ଗଣନା ପୁଣି ୨୦୨୪ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଏହି ସଂଖ୍ୟା ଆହୁରି ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଗୋରୁଙ୍କ ଉପରେ ପୂର୍ବଭଳି ଗୁରୁତ୍ୱ ପ୍ରଦାନ କରାଯାଉନାହିଁ। ଆଧୁନିକ ଯୁଗରେ



ବୈଷୟିକ ଚାଷ ପ୍ରଣାଳୀ ଆରମ୍ଭ ହେବା ଦିନଠାରୁ ମୁଖ୍ୟତଃ ବଳଦଙ୍କ ଚାହିଦା ଆଉ ନାହିଁ କହିଲେ ଚଳେ। ସେମାନଙ୍କୁ ମାଲିକମାନେ ବାହାରେ ଛାଡ଼ି ଦେଉଛନ୍ତି। ଏହାସହ ଗୋଚାଲାଣ ମଧ୍ୟ ବୃଦ୍ଧି ପାଇଛି। ତେଣୁ ଗୋରୁ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଉଥିବା ମତପ୍ରକାଶ ପାଇଛି। ଜିଲାର ୨୮୯୯ ବର୍ଗ କି.ମି. ଭୌଗୋଳିକ ପରିସୀମା ମଧ୍ୟରୁ ୭୨୫.୨୭ ବର୍ଗ କି.ମି. ଜଙ୍ଗଲ ରହିଛି। ସେଥିମଧ୍ୟରୁ ମାତ୍ର ୬.୩୫ ବର୍ଗ କି.ମି. ସଂରକ୍ଷିତ ଜଙ୍ଗଲ। ରାଜସ୍ୱ ବିଭାଗ ଅଧୀନରେ ୨୬,୯୪୪ ଏକର ଗୋଚର ଜମି ମଧ୍ୟରୁ ବେସରକାରୀ ଭାବେ ପ୍ରାୟ ୧୦ ହଜାର ଗୋଚର ଜମି ଜବରଦଖଲ ହୋଇଥିବା କୁହାଯାଉଛି। ଜିଲାର କେତେଜଣ ପ୍ରଭାବଶାଳୀ ଲୋକ ଗୋଚର ଓ ଜଙ୍ଗଲ ଜମିକୁ ମାଡି ବସିଛନ୍ତି। ଏଥିଯୋଗୁ ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି, କୁକୁଡା ଆଦି ଗୃହପାଳିତ ପଶୁଙ୍କ ଚାରଣ ଭୂମି ସଙ୍କୁଚିତ ହୋଇଛି। ପୂର୍ବରୁ ଜିଲାର ପ୍ରାୟ ୮୦ ପ୍ରତିଶତ ପରିବାର ବିଭିନ୍ନ ପ୍ରକାର ଗୃହପାଳିତ ପ୍ରାଣୀ ପାଳୁଥିଲେ। ସେତେବେଳେ ପ୍ରାଣୀଙ୍କ ପାଇଁ ଆବଶ୍ୟକ ଚାରଣ ଭୂମି ଥିଲା। ପ୍ରାୟ ୧୯୯୮ ମସିହା ପର୍ଯ୍ୟନ୍ତ ଏହି ଧାରା ଲାଗି ରହିଥିଲା। ମହାବାତ୍ୟା ପରଠାରୁ କ୍ରମଶଃ ପ୍ରାଣୀ ସମ୍ପଦ ଅବକ୍ଷୟମୁଖୀ ହୋଇଛି ବୋଲି ମତପ୍ରକାଶ ପାଇଛି। ମଣିଷର ଜୀବନଜୀବିକା ଓ ପରିବେଶ ସନ୍ତୁଳନ ସହ ଉପରୋକ୍ତ ଗୃହପାଳିତ ପଶୁମାନଙ୍କ ନିବିଡ ସମ୍ପର୍କ ରହିଛି। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ବଞ୍ଚିରହିବା ପାଇଁ ସେମାନଙ୍କ ସଂଖ୍ୟା ବୃଦ୍ଧି ନିହାତି ଅନିବାର୍ଯ୍ୟ। ଏଭଳିସ୍ଥଳେ ଏଥିପ୍ରତି କାହାର ନଜର ନ ପଡ଼ିବା ଓ ନିରାକରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସମ୍ପ୍ରତି ଚିନ୍ତାର କାରଣ ହୋଇଛି। ଗ୍ରାମାଞ୍ଚଳରେ ଦେଶୀଗାଈଙ୍କ ସଂଖ୍ୟା ସବୁଠାରୁ ବେଶି ହାରରେ କମିବାକୁ ଲାଗିଛି। ଦେଶୀଗାଈ ଗ୍ରାମାଞ୍ଚଳର ଲୋକମାନଙ୍କ ଆର୍ଥିକ ମାନଦଣ୍ଡ ଭାବେ ପରିଗଣିତ ହୋଇଥାଏ। କେଉଁ କାରଣରୁ ଦେଶୀଗାଈଙ୍କ ସଂଖ୍ୟା ହ୍ରାସ ପାଉଛି ତାହା ଠିକ ଭାବେ ଜଣାପଡି ନଥିଲେ ହେଁ ଅବାଧ ଚୋରାଚାଲାଣ, ଗୋହତ୍ୟା, ରୋଗ ଆଦି ପ୍ରମୁଖ କାରଣ ହୋଇଥାଇ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ଘଟିବା ଏବଂ ଆବାସ ପାଇଁ ଲୋକେ ବ୍ୟାପକମାତ୍ରାରେ ଗୋଚର ଜମିକୁ ଜବରଦଖଲ କରିବା ଯୋଗୁ ସଂପ୍ରତି ପୂର୍ବଭଳି ଗୋଚର ଜମି ଦେଖିବାକୁ ମିଳୁନାହିଁ। ଫଳରେ ଗୃହପାଳିତ ପଶୁ ଖାଦ୍ୟ ଓ ପାନୀୟ ଠିକ୍‌ଭାବେ ପାଇ ନ ପାରି ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ବର୍ଷକୁ ପ୍ରାୟ ୧୦ କୋଟି ଟଙ୍କା ଅନୁଦାନ ଆସୁଛି। ଏହା ଠିକ ଭାବରେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ପ୍ରାଣୀ ସମ୍ପଦ ହ୍ରାସ ପାଇବାର ଅନ୍ୟତମ କାରଣ ହୋଇଛି ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ବାଲିଚନ୍ଦ୍ରପୁର, ୧୬।୬(ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମର ଚାଷୀ ବିପିନ ମଲିକ(୫୮)ଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ତାଙ୍କ ଚାଷ ଜମିରୁ କାମ ସାରି ନିଜର ଛେଳି ଚରାଇ ଘରକୁ ଫେରୁଥିବାବେଳେ ମଧ୍ୟାହ୍ନରେ ବିଲ ମଝିରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମୃତଦେହ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେ ଜଣେ ସଫଳ ଚାଷୀ ସହ ବନ୍ଧୁବତ୍ସଳ ବ୍ୟକ୍ତିଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କର ୪ ଝିଅ ଅଛନ୍ତି। ସେ ଜଣେ ଗରିବ ଚାଷୀ ହୋଇଥିବାରୁ ସରକାରୀ ସହଯୋଗ ଯୋଗାଇ ଦେବା ପାଇଁ ଦାବି ହୋଇଛି। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଗଗନ ବିହାରୀ ସ୍ୱାଇଁ, ଅଜିତ୍ ପ୍ରଧାନ, ଉପେନ୍ଦ୍ର ମଲିକ, ରଞ୍ଜିତ ମଲିକ, ଶିବ ପ୍ରସାଦ ମଲିକ, ନନ୍ଦ ମଲିକ, ଚିନ୍ମୟ ମଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବରଦା ଆର୍‌ଆଇ ସଂଗ୍ରାମ କେଶରୀ ପରିଡ଼ା ପହଞ୍ଚି ବିପିନଙ୍କ ଫଟୋ ଉଠାଇବା ସହ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିଛନ୍ତି।

## ୧୯୯୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ବରୀ, ୧୬।୬(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଧୀନ ସର୍ବପୁରାତନ ଆମ୍ରକାନନ ଉଚ୍ଚ ବିଦ୍ୟାଳୟ ୧୯୯୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ଗୁରୁପୂଜନ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଶିକ୍ଷାଦାନ ସେମାନଙ୍କୁ କିଭଳି ଆଜି ଜନମାନସରେ ସ୍ୱତନ୍ତ୍ର ସ୍ଥାନରେ ଅବସ୍ଥାପିତ କରି ପାରିଛି ସେ ସମ୍ପର୍କରେ ମତ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁନାକର ପଣ୍ଡା ସଭାପତିତ୍ୱ କରି ଏହି ବିଦ୍ୟାଳୟରୁ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରି ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିପାରିଛନ୍ତି, ଯାହାକି ଶିକ୍ଷୟିତ୍ରୀଶିକ୍ଷକଙ୍କ ଶିକ୍ଷାଦାନ ଯୋଗୁ କେବଳ ଯେ ସମ୍ଭବ ହୋଇଛି ତାହା ନୁହେଁ ବିଦ୍ୟାଳୟର ପରିବେଶ, ପାରିପର୍ଶ୍ୱିକ ଅବସ୍ଥା, ସ୍ଥାନୀୟ ଲୋକ ଓ ଅଭିଭାବକଙ୍କ ଚେଷ୍ଟା ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ମତ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ରାଉତ, କାହ୍ନୁଚରଣ ପଣ୍ଡା, ଗୋପାଳ ଚନ୍ଦ୍ର ମହାନ୍ତି, ଅଭିରାମ ସାମଲ, ମୀନା ସାମଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବା ସହ ଧର୍ମୀୟ ଚିନ୍ତାଧାରାକୁ ମଧ୍ୟ ଆପଣାଇ ନେବା ଉଚିତ୍ ବୋଲି ମତ ରଖିଥିଲେ। ମହେନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ପାତ୍ର, ସଞ୍ଜୟ ଦାସ, ଖଗେଶ୍ୱର ପରିଡ଼ା, ପ୍ରତାପ ଜେନା, ମନୋଜ ସାମଲ, ସୁଚିସ୍ମିତା ସାମଲ ଓ ଜୟଶ୍ରୀ ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ଅବିବାହିତା ଛବିରାଣୀଙ୍କ ଉପରେ ପରିବାର ବୋଝ

- ମୂଲ ଲାଗି ଭଉଣୀ, ତାଙ୍କ ୨ ପିଲା ଓ ଜେଜେ ମା'ଙ୍କୁ ପୋଷୁଛନ୍ତି
- ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିବେଦନ

ଜେନାପୁର, ୧୬।୬(ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଏଣ୍ଡଲବା ପଞ୍ଚାୟତ ଅଧୀନ ଏଣ୍ଡଲବା ଗ୍ରାମର ଛବିରାଣୀ ତରାଇ ତାଙ୍କ ପରିବାରର ବୋଝ ମୁଣ୍ଡାଇଛନ୍ତି। ପରିବାର କହିଲେ ୫ଜଣ ସଦସ୍ୟ ଓ ସମସ୍ତେ ମହିଳା। ଛବିରାଣୀଙ୍କ ବୟସ(୩୬) ବର୍ଷ ହୋଇଥିଲେ ହେଁ ପରିବାରରେ ସେ ଏକ ମାତ୍ର ରୋଜଗାରିଆ। ବାପା ପରମାନନ୍ଦ ତରାଇଙ୍କ ୧୦ ବର୍ଷ ତଳୁ ପରଲୋକ ହୋଇଛି। ବୁଢ଼ୀ ମା'କମଳା ତରାଇଙ୍କ ବୟସ ୮୫ ଛୁଇଁଲାଣି। ଛବିବରାଣୀଙ୍କ ସାନ ଭଉଣୀ କବିତାଙ୍କୁ ସ୍ୱାମୀ ଛାଡ଼ି ଦେଲା ପରେ ସେ ଆସି ଦୁଇ ପିଲାଙ୍କୁ ଧରି ୬ ବର୍ଷ ହେବ ବାପଘରେ ରହୁଛନ୍ତି। ସରକାରୀ ସାହାଯ୍ୟ କହିଲେ କେବଳ ବୁଢ଼ୀ ମା'ଙ୍କୁ ୫୦୦ ଟଙ୍କା ଭତ୍ତା ଓ ମୁଣ୍ଡ ପିଛା ୫ କିଲୋ ଚାଉଳ ମିଳୁଛି। ସେଥିରେ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଦେହ ଖରାପ ହେଲେ ଔଷଧ ଟିକେ ଖାଇବାକୁ ପଇସା ନାହିଁ। ସେଥିପାଇଁ ଅନ୍ୟମାନଙ୍କୁ ହାତ ପତେଇବାକୁ ପଡୁଛି। ଛବିରାଣୀଙ୍କୁ କୌଣସି ସରକାରୀ ସାହାଯ୍ୟ ମିଳିନାହିଁ। ସେ ମୂଲଲାଗି ପରିବାର ଚଳାଉଛନ୍ତି। ମାତ୍ର ମୂଲ ଲାଗି ଯେଉଁ ଦି ପଇସା ଆଣୁଛି ସେଥିରେ ପରିବାର ଚାଳିବା କଷ୍ଟକର ହୋଇପଡୁଛି। ଘରର ଆର୍ଥିକ ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହି ପରିବାର ଦିନେ ଖାଇଲେ ଆଉ ଦିନେ ଉପାସରେ ଶୋଉଛନ୍ତି। ପରିବାର ସମସ୍ତ ବୋଝକୁ ମୁଣ୍ଡାଇ ନିଜ ସଂସାର କରିବାକୁ ଭୁଲିଯାଇଛନ୍ତି ଛବିରାଣୀ। ଯଦି ସରକାର ସହାୟତାର ହାତ ବଢ଼ାନ୍ତେ ତେବେ ସେ ତାଙ୍କ ପରିବାରକୁଭଲରେ ମୁଠାଏ ଖାଇବାକୁ ଦେଇ ପାରନ୍ତେ ବୋଲି କୋହଭରା କଣ୍ଠରେ କହିଛନ୍ତି ଛବିରାଣୀ। ଏଥିସହିତ ଜିଲାପାଳ ତାଙ୍କ ପରିବାରର ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି।



ଛବିରାଣୀଙ୍କ ପରିବାର।

## ଟାଟା ଷ୍ଟିଲ୍‌ର କମ୍ୟୁନିଟି ୱେଲ୍‌ନେସ୍ ପାର୍କ ଉଦ୍‌ଘାଟିତ

କଳିଙ୍ଗନଗର, ୧୬।୬(ଶୁଭାଶିଷ ରାଉତ)

ସମ୍ପ୍ରଦାୟର ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟାଟାଷ୍ଟିଲ୍ ଫାଉଣ୍ଡେଶନ ଗୁରୁବାର ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରି ବାସିନ୍ଦାଙ୍କୁ ଏକ ନୂତନ କମ୍ୟୁନିଟି ୱେଲନେସ୍ ପାର୍କ ଉତ୍ସର୍ଗ କରିଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜୋନ ୩୮ର ଜିଲା ପରିଷଦ ସଭ୍ୟ ସାଧୁଚରଣ ରାଉତ, ଡୁବୁରି ସରପଞ୍ଚ ନିରୂପମା ଦାସ, ଡୁବୁରିର ସାମାଜିକ କର୍ମୀ ବିଶ୍ୱଜିତ ଦାସ, ଟାଟାଷ୍ଟିଲ୍ ଫାଉଣ୍ଡେଶନ୍‌ର ୟୁନିଟ୍ ହେଡ୍ ଆଲେନ୍ ଜୋସେଫ୍ ପ୍ରମୁଖ ଉପସ୍ଥିତ ଥିଲେ।

ଟାଟାଷ୍ଟିଲ୍ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ଏହି ପାର୍କରେ ଆକ୍ୟୁପ୍ରେସର ଚାଲିବା ଟ୍ରାକ୍, ଖୋଲା ଜିମ୍, ଯୋଗ ପାଇଁ ଉତ୍ସର୍ଗୀକୃତ ସ୍ଥାନ ଏବଂ ପରିଦର୍ଶକଙ୍କ ପାଇଁ ବସିବାର ବ୍ୟବସ୍ଥା କରାଯାଇଛି। ପାର୍କର ସୁରକ୍ଷା ପାଇଁ ସୀମା ପ୍ରଚାରୀ ମଧ୍ୟ ନିର୍ମାଣ ହୋଇଛି। ଚାଲିବା ଟ୍ରାକ୍ ପେଭର ବ୍ଲକ୍ ସହିତ ଆକ୍ୟୁପ୍ରେସର ସୁବିଧା ସହ ନିର୍ମିତ ଯାହା ରକ୍ତ ସଞ୍ଚାଳନରେ ଉନ୍ନତି, ଶରୀରର ଯନ୍ତ୍ରଣା ହ୍ରାସ ଓ ରକ୍ତଚାପ ନିୟନ୍ତ୍ରଣ ଇତ୍ୟାଦିରେ ସାହାଯ୍ୟ କରିବ। ଦୁଇଟି ସୋଲାର ଚାଳିତ ହାଇମାଷ୍ଟ ଲାଇଟ୍ ଲଗାଯାଇଛି। ଏହାବ୍ୟତୀତ ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ବାସିନ୍ଦାଙ୍କ ମଧ୍ୟରେ ଯୋଗ ଅଭ୍ୟାସକୁ ପ୍ରତିପାଦନ କରିବା ପାଇଁ ଆସନ୍ତା ୨୦ଦିନ ଧରି ପ୍ରତିଦିନ ସକାଳେ ପାର୍କରେ ଯୋଗ ଅଧିବେଶନ ଆରମ୍ଭ କରିବାକୁ ଯୋଜନା କରିଛି। ଟାଟାଷ୍ଟିଲ୍ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ଏହି ପାର୍କକୁ ସମ୍ପ୍ରଦାୟ ଗୋଷ୍ଠୀ ଦ୍ୱାରା ରକ୍ଷଣାବେକ୍ଷଣ କରାଯିବ। ପୂର୍ବରୁ ଟାଟାଷ୍ଟିଲ୍ ଫାଉଣ୍ଡେଶନ୍ ଦ୍ୱାରା ଏହି ପ୍ରକାରର ଏକ ନବୀକରଣ କମ୍ୟୁନିଟି ୱେଲନେସ୍ ପାର୍କକୁ ବୁଧବାର ଦାନଗଦି ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗାଠାରେ ଉଦ୍‌ଘାଟନ କରାଯାଇଥିଲା।



ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପାର୍କ ଉଦ୍‌ଘାଟନ କରୁଛନ୍ତି।

## ଅସହ୍ୟ ତାତି ଫିକାକଲା ରଜ ପର୍ବ

କାଳିଆପାଣି, ୧୬।୬(ଡି.ଏନ.ଏ.)

ଚଳିତ ବର୍ଷ ଅସହ୍ୟ ଖରା ରଜପର୍ବକୁ ଫିକା କରିଦେଇଛି। ଗାଁଗହଳିରେ ପୂର୍ବ ବର୍ଷ ପରି ଦୋଳି ଖେଳ, ପୁଚି ଖେଳ ଦେଖିବାକୁ ମିଳିନାହିଁ। ଆମ୍ବ ତୋଟା, ଗାଁ ମୁଣ୍ଡ ବରଗଛ ମୂଳରେ ଦୋଳି ଲାଗିଥିବାବେଳେ ଯୁବତୀ ଓ ମହିଳାମାନଙ୍କର ଦୋଳି ଗୀତ ଶୁଭୁନି କି, ଦୋଳି ଖେଳ ଦେଖିବାକୁ ମିଳି ନ ଥିଲା। ସବୁବର୍ଷପରି ଚଳିତ ବର୍ଷ ରଜ ପର୍ବର ପ୍ରଥମ ଦିନ ଯୁବତୀ ଓ ମହିଳାମାନେ ନୂତନ ବସ୍ତ୍ର ପିନ୍ଧି ଆମ୍ବତୋଟା ଓ ଗାଁ ମୁଣ୍ଡ ବରଗଛ ମୂଳରେ ବନ୍ଧା ହୋଇଥିବା ଦୋଳିରେ ଗୀତଗାଇ ଖେଳୁଥିବାବେଳେ ୧୫ ତାରିଖରେ ସମସ୍ତ ଦୋଳି ଖାଁଖାଁ ଲାଗିଥିଲା। ସକାଳ ୭ଟାରୁ ଖରା ଆସିଥିବାବେଳେ ୧୦ଟାରେ ଏକ ପ୍ରକାର ଗରମ ପବନ ବହିଥିଲା। ଫଳରେ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଥିଲା। ଏପରିକି ଦିନ ୧୧ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗରମ ପବନ ବହିବା ସହ ଗମଗମ ହୋଇ ଝାଳ ବାହାରୁଥିଲା। ବାରମ୍ବାର ବିଦ୍ୟୁତ୍ କାଟ ଲୋକଙ୍କୁ ଆଉଟପାଉଟ କରିଦେଇଥିଲା।

## ଅସହାୟର ବନ୍ଧୁ ସେବା ସଙ୍ଗଠନର ନିଆରା ରଜ ପାଳନ

କାଏମା, ୧୬।୬(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ୍ ଅଞ୍ଚଳର ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଏକ ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରାଯାଇଛି। ସଙ୍ଗଠନ ପକ୍ଷରୁ ପ୍ରତି ଗାଁରେ ଥିବା ଦୁଃଖୀ, ଦରିଦ୍ର, ମାନସିକ, ନିରାଶ୍ରୟ, ଦୃଷ୍ଟିହୀନ ଏବଂ ଅସହାୟ ଲୋକଙ୍କୁ ପୋଡ଼ପିଠା, ମିଠା, ଆମ୍ବ ଓ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି। ଏନେଇ ସଙ୍ଗଠନର ପ୍ରତିଷ୍ଠାତା ଗଣେଶ୍ୱର ନାୟକ କହିଛନ୍ତି, ଅସହାୟଙ୍କ ମୁହଁରେ ହସ ଫୁଟାଇବା ଆମର ଲକ୍ଷ୍ୟ। ସବୁବେଳେ, ସବୁସମୟରେ ଅସହାୟଙ୍କ ସାଥିରେ ରହିଛି ରହିବୁ। ଗରିବ ଅସହାୟ ବ୍ୟକ୍ତିଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହେତୁ କୌଣସି ପର୍ବ ପାଳନ କରିବା ତାଙ୍କ ପକ୍ଷରେ ସାତସପନ ପରି ହୋଇଥାଏ। ତେଣୁ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ସଙ୍ଗଠନ ପକ୍ଷରୁ ଅସହାୟ ଲୋକଙ୍କ ସହ ରଜ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗଣେଶ୍ୱର ନାୟକ, ସହସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, କାଦମ୍ବିନୀ ମିଶ୍ର, ରମେଶ କୁମାର ତରାଇ ଓ ଶ୍ୟାମସୁନ୍ଦର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନର ଏପରି ପ୍ରୟାସକୁ ଅଞ୍ଚଳବସୀ ପ୍ରଶଂସା କରିଛନ୍ତି।



ଜଣେ ମହିଳାଙ୍କୁ ବସ୍ତ୍ର ପ୍ରଦାନ କରାଯାଉଛି।

## ଖରା ପାଇଁ ଫିକା ପଡ଼ିଲା ରଜମଉଜ

ରସୁଲପୁର, ୧୬।୬(ରଞ୍ଜିତ ରାଉତ)

ଚଳିତବର୍ଷ ମୁଣ୍ଡ ଫଟା ଖରାରେ ରଜମଉଜ ଫିକା ପଡ଼ିଯାଇଛି। ଦିନବେଳା ପ୍ରଚଣ୍ଡ ଖରା ସହ ଗରମ ଗୁଳୁଗୁଳି ଯୋଗୁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ମଧ୍ୟାହ୍ନରେ ଟାଣ ଖରାରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଗ୍ରୀଷ୍ମର ସତର୍କତା ଯୋଗୁ ଆବାଳ ବୃଦ୍ଧ ବନିତା ଦିନବେଳା ବୁଲାବୁଲି କରିବାକୁ ରାଜି ହେଉନାହାନ୍ତି। ଏଭଳି ସ୍ଥିତିରେ ରଜରେ ପରମ୍ପରା ଆଧାରିତ ରଜଦୋଳି ଖେଳ, ଯାତ୍ରାମେଳା ବୁଲିବା, କବାଡି ଖେଳ, ଗାଁ ଦାଣ୍ଡରେ ତାସ, ଲୁଡୁ, ପସାପାଲି ଆଦି ଖେଳ ପ୍ରଭାବିତ ହୋଇଛି। ବର୍ଷା ଅଭାବ ସାଙ୍ଗକୁ ଟାଣ ଖରା ଯୋଗୁ ଖରିଫ ଋତୁରେ ଧାନଚାଷ, ଖରାଟିଆ ପନିପରିବା ଚାଷ ପ୍ରଭାବିତ ହେବାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ସାମ୍ପ୍ରତିକ ପାଣିପାଗସ୍ଥିତି ଚାଷୀକୂଳଠାରୁ ରଜମଉଜର ଆନନ୍ଦ ଛଡ଼ାଇ ନେଇଛି। ଏଥର ରଜପର୍ବକୁ ନେଇ ସାଧାରଲୋକଙ୍କ ମନରେ ସେତେଟା ଆଗ୍ରହ ଓ ଉତ୍ସାହ ନ ଥିବା ଭଳି ମନେ ହେଉଛି।

ଓଡ଼ିଆ ଘରର ସଂସ୍କୃତି ଓ ପରମ୍ପରାରୁ ଜଣାଯାଏ ରଜ ଏକ କୃଷି ଭିତ୍ତିକ ପର୍ବ। ଏହି ଅବସରରେ ନୂତନ ବସ୍ତ୍ର ପରିଧାନ ସହ ପୋଡ଼ପିଠାର ମଜା ସଭିଙ୍କ ପାଇଁ ଏକ ଅବର୍ଣ୍ଣନୀୟ ଅନୁଭୂତି ଆଣି ଦେଇଥାଏ। ଚାଷୀ ଧାନ ବୁଣାବୁଣି କାର୍ଯ୍ୟସାରି ବିଶ୍ରାମ ନିଅନ୍ତି। ଓଡ଼ିଆ ଘରର ଖାଦ୍ୟପେୟ, ବେଶଭୂଷାରେ ପରିବର୍ତ୍ତନ ପରି ଲକ୍ଷିତ ହୋଇଥାଏ। ପୋଡ଼ପିଠା ସାଙ୍ଗକୁ ଆମ୍ବ, ପଣସ, ସପୁରୀ ଆଦି ଫଳ ଖାଇଥାନ୍ତି ଲୋକେ। ଘରର ନିଇତି ଖାଦ୍ୟ ଭାତ ଓ ରୁଟିର ସ୍ଥାନ ପିଠାପଣା ନେଇଥାଏ। ଖରାଛୁଟି ଶେଷ ଆଡ଼କୁ ରଜପର୍ବ ପଡୁଥିବାରୁ ବିଦ୍ୟାର୍ଥୀ ଖୁସି ମନାଇ ଥାଆନ୍ତି। ବୟସ୍କମାନେ ଗାଁଦାଣ୍ଡ ଚାନ୍ଦିନି, ଗଛମୂଳେ ତାସ, ଚେସ୍, ଲୁଡୁ ଆଦି ଖେଳ ଜମାଇ ଦିଅନ୍ତି। ଯୁବତୀଯୁବକ ଦୋଳିଖେଳଠାରୁ ଆରମ୍ଭ କରି କବାଡି ଖେଳକୁ ଆଦରି ନିଅନ୍ତି। ଏହାଛଡ଼ା ବନ୍ଧୁବାନ୍ଧବ ଘର ବୁଲାବୁଲି କରିବା, ଯାତ୍ରାମେଳା ଦେଖିବା ସହ ସିନେମା ହଲକୁ ଯାଇ ମନୋରଞ୍ଜନ କରିଥାଆନ୍ତି। ହେଲେ ଏସବୁ ପର୍ବର ରୀତିନୀତି, ପ୍ରଥା, ପ୍ରଣାଳୀକୁ ପ୍ରଭାବିତ କରିଛି ମୁଣ୍ଡଫଟା ଖରା।

ସାଧାରଣତଃ ରଜପର୍ବ ବେଳକୁ ତାପମାତ୍ରାରେ ପରିବର୍ତ୍ତନ ଘଟିଥାଏ। କାଉଁଳିଆ ପାଗ ସାଙ୍ଗକୁ ସୁଲୁସୁଲିଆ ପବନରେ ରଜଦୋଳି ଖେଳିବା, ବିଭିନ୍ନ ସ୍ଥାନକୁ ବୁଲାବୁଲି କରିବା ଅତ୍ୟନ୍ତ ଆନନ୍ଦ ଦାୟକ ହୋଇଥାଏ। ଏମିତି କି କିଛିବର୍ଷ ରଜ ବେଳକୁ ମୌସୁମୀ ବର୍ଷାର ଆଗମନ ହୋଇସାରି ଥାଏ। ମୌସୁମୀର ତୁହାକୁତୁହା ବର୍ଷା ସାଙ୍ଗକୁ ଥଣ୍ଡା ପାଣିପାଗରେ ପୋଡପିଠାର ମଜା ନିଆରା ହୋଇଥାଏ। ମାତ୍ର ପରିବର୍ତ୍ତିତ ପାଣିପାଗସ୍ଥିତି ପର୍ବର ସଂଜ୍ଞା ବଦଳାଇ ଦେଉଛି, ଯାହାର ଜ୍ୱଳନ୍ତ ଉଦାହରଣ ଚଳିତଥର ରଜପର୍ବର ସ୍ଥିତିରୁ ଠଉରାଇ ହେଉଛି। ଚଳିତବର୍ଷ ମୌସୁମୀ ବିଳମ୍ବରେ ଆସୁଥିବାରୁ ଖରିଫ ଋତୁ ଫସଲ ପ୍ରଭାବିତ ହେବା ଆଶଙ୍କାରେ ଚାଷୀକୂଳ ଚିନ୍ତିତ। ରୌଦ୍ରତାପ ଯୋଗୁ ପିଲାଙ୍କୁ ଅଭିଭାବକ ବାହାରକୁ ଛାଡିବାକୁ ବାରଣ କରୁଥିବାରୁ ରଜଦୋଳି ଲାଗିଥିବା ଗଛମୂଳ, ଖେଳପଡିଆ, ଯାତ୍ରାମେଳା ଆଦି ସ୍ଥାନରେ ଦର୍ଶକଙ୍କ ସଂଖ୍ୟା କମିଯାଇଛି। ବ୍ୟବସାୟୀମାନେ ପ୍ରଭାବିତ ହୋଇଛନ୍ତି। ଯାତ୍ରା, ମେଳା, ଖେଳ ପଡିଆ ଆଦି ସ୍ଥାନରେ ଲୋକଙ୍କ ସମାଗମ କମି ଯାଇଥିବାରୁ ଉଠାଦୋକାନୀ କ୍ଷତି ସହିଛନ୍ତି। ପରିବର୍ତ୍ତିତ ପାଣିପାଗ ସ୍ଥିତି ପର୍ବପର୍ବାଣିର ସଂଜ୍ଞା ବଦଳାଇ ଦେଉଛି। ଚଳିତବର୍ଷ ଟାଣଖରା ପ୍ରଭାବରେ ରଜପର୍ବ ଶୁଷ୍କ ହୋଇଯାଇଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ, ୨୦୨୩



## ସଂକ୍ଷେପରେ

### ବିଦ୍ୟୁତ୍ ବିଭାଗ ଜାଗାରେ ଗୃହ ନିର୍ମାଣ
**ଉଚ୍ଛେଦ ପାଇଁ ମିସ୍‌କେସ ଦାଖଲ କଲେ ସହ ନିର୍ବାହୀଯନ୍ତ୍ରୀ**

**କେନ୍ଦ୍ରାପଡ଼ା, ୧୬।୬(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ଏବେ ଜବରଦଖଲକାରୀଙ୍କର ଭୂସ୍ୱର୍ଗ ପାଲଟିଛି। ପଟ୍ଟାମୁଣ୍ଡାଇ ସହର ଭିତରେ ଥିବା ବିଦ୍ୟୁତ୍ ବିଭାଗ ସରକାରୀ ଜାଗାଗୁଡ଼ିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଅକ୍ତିଆର କରି ତାକୁ ପ୍ଲଟିଂ କରି କୋଠା ବାଡି କରୁଛନ୍ତି। ଏହି ମୂଲ୍ୟବାନ ଜାଗାକୁ ସ୍ଥାନୀୟ ଲୋକ ନିଜ ନାମରେ ରେକର୍ଡ ଭୁକ୍ତ କରାଇ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଯାହାକୁ ନେଇ ବିଦ୍ୟୁତ୍ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଏହାର ନିରାକରଣ ନିମନ୍ତେ କ୍ରିମିନାଲ ମିସ୍‌କେଶ ଦାଖଲ କରିଛନ୍ତି। ସୁଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ବେଲତଳ ମୌଜାର ସାବକ ପ୍ଲଟ ନଂ. ୧୦୭୬, ଏରିଆ ଏ୧.୭୨ ଉପରେ ୧୯୬୩ ମସିହାରୁ ପାଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଚାଲିଛି। ସ୍ଥାନୀୟ କେତେଜଣ ବ୍ୟକ୍ତି ଏହାକୁ ନିଜ ନାମରେ ବନ୍ଦୋବସ୍ତ ଚକବନ୍ଦୀରେ ରେକର୍ଡ କରାଇ ନେଇଛନ୍ତି। ସେମାନେ ଉକ୍ତ ବିଦ୍ୟୁତ୍ ଅଫିସକୁ ଅକ୍ତିଆର କରି ସେଠାରେ ଥିବା ଗୃହକୁ ଜୋର ଜବରଦସ୍ତ ଭାଙ୍ଗି ନୂତନ ଗୃହ ନିର୍ମାଣ କରି ଚାଲିଥିବା ଅଭିଯୋଗ ହୋଇଛି। ଦୀର୍ଘ ୬୦ ବର୍ଷ ଧରି ସରକାରୀ ଜାଗାରେ ବିଦ୍ୟୁତ୍ ସବ୍ ଡିଭିଜନ ଅଫିସ, ସବ୍‌ଷ୍ଟେଶନ, ଗୋଦାମ ଗୃହ ଏସ୍‌ଡିଓଙ୍କ ସେକ୍ସନ ଅଫିସ ଆଦି ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ମାତ୍ର ବିଦ୍ୟୁତ୍ ବିଭାଗ ଜାଗାରେ ଜଣେ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ଚଳାଉଥିବା ନେଇ ଏସ୍‌ଡିଓ ସ୍ମୃତି ରଞ୍ଜନ ରଥ ଏହାର ନିରାକରଣ ନିମନ୍ତେ ସେମାନଙ୍କୁ ଏତାଦୃଶ୍ୟ କାର୍ଯ୍ୟ ବନ୍ଦ କରିବାକୁ କେନ୍ଦ୍ରାପଡା ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା ରୁଜୁ କରିବା ସହ ପଟ୍ଟାମୁଣ୍ଡାଇ ତହସିଲଦାର ସରହଦବନ୍ଦି କରିବା ସହ ଥାନା ପକ୍ଷରୁ ସୁରକ୍ଷା ପ୍ରଦାନ ଲାଗି ପ୍ରାର୍ଥନା କରିଥିବା ଜଣାପଡ଼ିଛି।

### ବନ୍ଧୁତା ଏକ ଶବ୍ଦ ନୁହଁ, ଏକ ଅନୁଭବ

**ମାର୍ଶାଘାଇ,୧୬।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ଏକ ସୁନ୍ଦର ହୃଦୟ, ଯାହା କେବେ ଘୃଣା କରେନି। ମୁହଁରେ ଖୁସିଭରା ହସ ଯାହା କେବେ ଫିକା ପଡ଼େନି । ବନ୍ଧୁତା ଏକ ଶବ୍ଦ ନୁହଁ, ଏକ ଅନୁଭବ। ଯାହାର ଆରମ୍ଭ ଅଛି ମାତ୍ର ଶେଷ ନାହିଁ। ଯାହା କେବେ ଦୁଃଖ ଦିଏନି। ଗୋଟେ ସମ୍ପର୍କ ଯାହା କେବେ ଭାଙ୍ଗେନି ବୋଲି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନିପଡ଼ା ମଧ ଇଂରାଜୀ ବିଦ୍ୟାଳୟର ୧୯୮୭ ସପ୍ତମ ଶ୍ରେଣୀ ବ୍ୟାଚ ଛାତ୍ରୀଛାତ୍ର ମତ ପ୍ରକାଶ କରିଛନ୍ତି। ଓଲାଶୁଣୀ ଗୁମ୍ଫାଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ଦୀର୍ଘ ୩୬ ବର୍ଷ ପରେ ଏହା ହୋଇଥିବାରୁ ଖୁସି ପ୍ରକଟ ସହ ନିଜ ନିଜ ଭିତରେ ପୁରୁଣା ସ୍ମୃତି ଓ ଅନୁଭୂତିକୁ ବଖାଣିଥିଲେ। ପୁରାତନ ଛାତ୍ରୀ ଶ୍ରୀମତୀ ପରିଡା, ଶୋଭାରାଣୀ ଜେନା, ସ୍ୱର୍ଣ୍ଣରେଖା ବେହେରା, ଲିପି ପାଇକରାୟ, ଲୋପାମୁଦ୍ରା ନାୟକ, ଇନ୍ଦୁମତୀ ବସନ୍ତିଆ, ନମିତା ନାୟକ, ମନସ୍ମିତା ରାଉତରାୟ, ମିନତି ବେହେରା, ଫୁଲରାଣୀ ଓଝା, ପୁରାତନ ଛାତ୍ର ପ୍ରଶାନ୍ତ ଦାସ, ଓମ୍ ପ୍ରକାଶ ପରିଡ଼ା, ପ୍ରିୟବ୍ରତ ବଳବନ୍ତରାୟ, ନୀହାର ରଞ୍ଜନ ସାହୁ, ଖଗେଶ୍ୱର ସାହୁ, ଅଶୋକ ବେହେରା, ପ୍ରଦୀପ ସିଂ, ଶୁଭେନ୍ଦୁ ପ୍ରାସାଦ ଚୌଧୁରୀ, ପ୍ରଦୀପ ବେହେରା, ମିହିର ସେଠୀ, କିଶୋର ବସନ୍ତିଆ ପ୍ରମୁଖ ଯୋଗ ଦେଇଥିଲେ।

# ବସୁନ୍ଧରା ଯୋଜନାରେ ଦୁର୍ନୀତିର ଛିଟା

**କେନ୍ଦ୍ରାପଡ଼ା, ୧୬।୬(ଜଗନ୍ନାଥ ଧଳ)**

- ପତିତ ନାମରେ ଟେକି ଦିଆଯାଉଛି ମୂଲ୍ୟବାନ ଜମି
- ମହାକାଳପଡ଼ା ବ୍ଲକରେ ବାଦ ପଡୁନାହିଁ ଜଙ୍ଗଲ ସମ୍ପଦ
- ଫର୍ମ କେ'ରେ ରାଜସ୍ୱ ଆଦାୟ ବନ୍ଦ ଦାବି

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ମାର୍ଚ୍ଚ ଶେଷ ସୁଦ୍ଧା ବସୁନ୍ଧରା ଯୋଜନାରେ ମୋଟ ୪୪୮.୯୬୨ ଏକର ପତିତ ଜମିର ପଟ୍ଟା ୫,୪୨୧ ଜଣଙ୍କୁ ପ୍ରଦାନ କରାଯାଇଛି। ଏହି ଯୋଜନାରେ ରାଜକନିକା ଓ ମହାକାଳପଡ଼ା ତହସିଲ ଅଞ୍ଚଳର ସର୍ବାଧିକ ଜମି ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ରାଜକନିକାରେ ୫୮୩ ହିତାଧିକାରୀଙ୍କୁ ମୋଟ ୧୯୮.୬୯୦ ଏକର ଓ ମହାକାଳପଡ଼ାରେ ୧୪୬୫ ଜଣଙ୍କୁ ୧୧୧.୨୯୦ ଏକର ଜମିର ପଟ୍ଟା ଦିଆଯାଇଛି। ଏହି ୨ ତହସିଲରେ ଥିବା କେତେଜଣ ହିତାଧିକାରୀ ଭୂମି, ବ୍ୟାଙ୍କ ବାଲାନ୍ସ ଥିଲେ ମଧ୍ୟ ଭୂମିହୀନ ଦର୍ଶାଇ ପଟ୍ଟା ନେଇଥିବା ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜଙ୍ଗଲ ଜମି ଦଖଲକୁ ନେଇ ଥିବା ସମସ୍ୟାର ସମାଧାନ ହେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ଫର୍ମ କେ' ହିତାଧିକାରୀଙ୍କୁ ଚିହ୍ନଟ କରି ପାରି ନ ଥିବାରୁ ଜଙ୍ଗଲ ଜମିରୁ ଜବରଦଖଲ ହଟୁନି। ଫଳରେ ଏହି ତହସିଲ ଅଞ୍ଚଳରେ ଥିବା ୧୭ ଗ୍ରାମରେ ରହୁଥିବା ବଙ୍ଗଭାଷୀ ଜମି ସ୍ୱତ୍ୱ ଅଧିକାର ପାଇଁ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି।

ଏ ସମ୍ପର୍କରେ ସୂଚନା ଅଧିକାର ଆଇନ କର୍ମୀ ଅମିତାଭ ଚାନ୍ଦ କହିଛନ୍ତି, ବସୁନ୍ଧରା ଯୋଜନା ହେଉ ଅଥବା ଜଙ୍ଗଲ ଜମି ସମସ୍ୟାରେ ଦୁର୍ନୀତି ରହିବାର ବହୁ ପ୍ରମାଣ ମିଳିଛି। ଏହି ଯୋଜନାରେ ଭୂମିହୀନଙ୍କୁ ଆବାସ ଗୃହ ପାଇଁ ଜମି ପ୍ରଦାନ କରାଯାଏ। ଏହାର ସୁଯୋଗ ନେଇ କେତେଜଣ ଧନୀ ଓ ରାଜନେତାଙ୍କ ପାଖ ଲୋକ ଜମି ହଡ଼ପ କରିଛନ୍ତି। ରାଜକନିକା ତହସିଲ ଅଞ୍ଚଳରେ ଜଣେ ରାଜନେତାଙ୍କ ପାଖ ଲୋକ ଓ ତାଙ୍କ ଭାଇ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ନେଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ାରେ ତହସିଲ କର୍ମଚାରୀଙ୍କ ସହାୟତାରେ ଜାତି ପ୍ରମାଣପତ୍ର ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ମାମଲା କୋର୍ଟ ଓ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଚାଲିଛି। ଏହା ବ୍ୟତୀତ ଜଙ୍ଗଲ ଜମିକୁ ଡିଟିପିରେ ହୋଇଥିବା କୁଜଙ୍ଗ ରାଜାଙ୍କ ହାତପଟ୍ଟାରେ ହଡ଼ପ କରାଯାଇଛି। ଏହି ମାମଲା ଦୀର୍ଘ ୩ ବର୍ଷ ଧରି ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜଙ୍ଗଲ ଜମିରୁ ଜବରଦଖଲ ହଟାଇବା ପ୍ରଶାସନ ପାଇଁ ଆଗାମୀ ଦିନରେ କଷ୍ଟକର ହେବ ବୋଲି ସେ କେତେକ ପ୍ରମାଣ ସହ ସୂଚନା ଦେଇଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ମହାକାଳପଡ଼ା ତହସିଲ ଅଧୀନ ଜଙ୍ଗଲ ଜମି କିସମ ଅଞ୍ଚଳର ୧୭ ଗ୍ରାମରେ ବସବାସ କରୁଥିବା ବଙ୍ଗଭାଷୀଙ୍କ ପାଇଁ ୨୦୧୭ ସେପ୍ଟେମ୍ବର ୨୨ରେ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୯୭୨ରୁ ୧୯୮୦ ମସିହା ମଧ୍ୟରେ ଉକ୍ତ ୧୭ ଗ୍ରାମରେ ମୋଟ ୪,୯୦୭ ପରିବାର ୬୦୫୬.୫୯ ଏକର ଜମି ଜବରଦଖଲ କରି ଆସୁଛନ୍ତି ବୋଲି ଆଲୋଚନା ହୋଇଥିଲା। ଏଠାରେ ଜିଲା ପ୍ରଶାସନ ମାତ୍ର ୨୯.୫ ଏକର ଜମି ଲିଜ ଆକାରରେ ଦେଇପାରିବ। ଅବଶିଷ୍ଟ ଜମି ଜଙ୍ଗଲ କିସମ ହୋଇଥିବାରୁ କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରବେଶ ମନ୍ତ୍ରଣାଳୟର ଅନୁମତି ଲୋଡ଼ାଯିବ ବୋଲି ସ୍ଥିର ହୋଇଥିଲା।

ଇତିମଧ୍ୟରେ ମାତ୍ର ୩୦୦ ପରିବାର ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରିଥିବା ବେଳେ ଅବଶିଷ୍ଟ ୪,୬୦୭ ପରିବାର ଜବରଦଖଲ କରି ରହୁଛନ୍ତି। ତେବେ ୨୦୧୮ ଅକ୍ଟୋବର ୧୬ରେ ତତ୍କାଳୀନ ଉପଜିଲାପାଳଙ୍କ ଚିଠି (ନଂ. ୬୫୪୫) ଅନୁଯାୟୀ ଫର୍ମ କେ' ମାଧ୍ୟମରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାରଠାରୁ ରାଜସ୍ୱ ଆଦାୟ ହେଉଛି। ଫର୍ମ କେ' ଏବେ ଜବରଦଖଲକାରୀଙ୍କ ପାଇଁ ଜିଲାରେ ସ୍ଥାୟୀ ହେବା ଲାଗି ସିଧା ରାସ୍ତା ବାହାର କରିଛି। ଫଳରେ ଦିନକୁଦିନ ତହସିଲ କର୍ମଚାରୀଙ୍କ ସଲାସୁତରାରେ ଫର୍ମ କେ'ରେ ରାଜସ୍ୱ ଦେଇ ଜଙ୍ଗଲ ଜମିକୁ ଲୋକେ ଅକ୍ତିଆର କରୁଛନ୍ତି। ଏହି ରାଜସ୍ୱ ଆଦାୟ ବନ୍ଦ ହେବା ଆବଶ୍ୟକ। ସେହିପରି ବସୁନ୍ଧରା ଯୋଜନାରେ କେତେକ ଜଙ୍ଗଲ ଜମି ହାତେଇଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଜଙ୍ଗଲ ଜମି ଜବରଦଖଲକୁ ନେଇ ଜିଲା ପ୍ରଶାସନ ତତ୍ପର ଅଛି। ବସୁନ୍ଧରା ଯୋଜନାରେ ଦୁର୍ନୀତି ସମ୍ପର୍କରେ ନଜରକୁ ଆସିଲେ ତଦନ୍ତ ହେବ ବୋଲି ସେ କହିଛନ୍ତି।

### ନିଟ୍ ପରୀକ୍ଷାରେ ସମର୍ପିତାଙ୍କ ସଫଳତା

**ପଟ୍ଟାମୁଣ୍ଡାଇ,୧୬।୬ ( ଅକ୍ଷୟ ବିଶ୍ୱାଳ)**



ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ଉଷାଦେବୀ ମହିଳା କଲେଜ ମୁଖ୍ୟକିରାଣୀ ସନ୍ତୋଷ ମଲ୍ଲିକଙ୍କ କନ୍ୟା ମେଧାବୀ ଛାତ୍ରୀ ସମର୍ପିତା ମଲ୍ଲିକ ଚଳିତ ନିଟ ପରୀକ୍ଷାରେ ଅନନ୍ୟ ସଫଳତା ହାସଲ କରି ସର୍ବଭାରତୀୟ ସ୍ତରରେ ୬୨୭ ସ୍ଥାନ ପାଇ ସମଗ୍ର ଧୋୟାଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ସଫଳତାର ପାହାଚ ଚଢି ଚାଲିଥିବା ସମର୍ପିତା ଜାତୀୟ ମେଧାବୃତ୍ତି ପରୀକ୍ଷା, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି ଓଡ଼ିଆ ଭାଷା ବୃତ୍ତି, କଳିଙ୍ଗ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗ୍ୟ ବିବେଚିତ ହୋଇ ସଫଳତା ହାସଲ କରି ନିଜର ଅନନ୍ୟ ପ୍ରତିଭାର ପରିଚୟ ଦେବା ସହିତ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଗୁରୁ ବ୍ରଦର୍ସ ପକ୍ଷରୁ ଚାଷୀ, ମେଧାବୀ ପିଲାଙ୍କୁ ସମ୍ବର୍ଦ୍ଧନା

**ରାଜକନିକା,୧୬।୬ (ରବୀନ୍ଦ୍ର ଦାସ)**



କୃତୀ ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜକନିକା ବ୍ଲକ ଡାଳିକେନ୍ଦାଠାରେ ମୁମ୍ବାଇର ଗୁରୁବ୍ରଦର୍ସ ପକ୍ଷରୁ ଚାଷୀ ଓ ମେଧାବୀ ପିଲାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ସଂସ୍କୃତିର ଗଣପର୍ବ ଭାବେ ପରିଗଣିତ ରଜ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ, ପଟ୍ଟାମୁଣ୍ଡାଇ ସନ୍ଧ୍ୟାରାଣୀ ବେଉରିଆ, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନା ଆଇଆଇସି ବିଲ୍ୱମଙ୍ଗଳ ସେଠୀ, ମୁଖ୍ୟବକ୍ତା ଭାବେ କନିକା ଭାସ୍କର, ସାମାଜିକ କର୍ମୀ ଗୁରୁବ୍ରଦର୍ସ ଗ୍ରୁପର ମୁଖ୍ୟ ଡ. ହୟଗ୍ରୀବ ଗୁରୁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡାଳିକାଏନ୍ଦା ଗ୍ରାମର ମୁରବୀ ବିଦ୍ୟାଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାଷ କାର୍ଯ୍ୟରେ ନିଜକୁ ଜୀବନ ତମାମ ସମର୍ପିତ କରିଥିବା ବ୍ଲକର ୨୫ ଜଣ ଚାଷୀଙ୍କ ସମେତ ଡାଳିକେଏନ୍ଦା ଉତ୍କଳମଣୀ ନୋଡାଲ ବିଦ୍ୟାପୀଠରେ ୫୪୦ ନମ୍ବର ରଖି ଏ- ୧ରେ କୃତକାର୍ଯ୍ୟ ହୋଇଥିବା ବର୍ଷା ପ୍ରିୟଦର୍ଶନୀ ସ୍ୱାଇଁ, ମୋନାଲି ନାୟକ ଓ ସାଗର ବେହେରାଙ୍କ ସହ ୫୩୦ ନମ୍ବର ରଖିଥିବା ଅଭିଷେକ ସ୍ୱାଇଁ ପ୍ରମୁଖ ମେଧାବୀ ଛାତ୍ରୀ ଛାତ୍ର ଏବଂ ବିଦ୍ୟାପୀଠର ପୁରାତନ ଛାତ୍ରୀ ତଥା ସିକୋ ୟୁପିୟୁଜି ସ୍କୁଲର କାର୍ଯ୍ୟରତ ଶିକ୍ଷୟିତ୍ରୀ ସିକୋ ଗ୍ରାମର ରୀମାବାଳା ନାୟକ ଚଳିତବର୍ଷ ଓଇଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବାରୁ ତାଙ୍କୁ ମଧ୍ୟ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗୁରୁବ୍ରଦର୍ସ ଗ୍ରାମାଞ୍ଚଳରେ ଏଭଳି ନିଆରା କାର୍ଯ୍ୟକ୍ରମ କରି ଏହି ଗ୍ରାମ ତଥା ସମଗ୍ର ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚନ୍ଦ୍ର ବିଜେତା ନାଟ୍ୟ ପରିଷଦର ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ରଖିଥିବା ବେଳେ, ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜନ

**କେନ୍ଦ୍ରାପଡ଼ା,୧୬।୬ (ଜଗନ୍ନାଥ ଧଳ)**

ରାଜକନିକା ବ୍ଲକ ଅନ୍ତର୍ଗତ ତରାସ ଉଚ୍ଚ ବିଦ୍ୟାଳୟର ୧୯୮୮ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ସୋମବାର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ୧୯୮୮ ବ୍ୟାଚ୍‌ର ସହପାଠୀମାନେ ଏକତ୍ରିତ ହୋଇ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ପୁରାତନ ଛାତ୍ର ରାଜେନ୍ଦ୍ର କୁମାର ନାୟକଙ୍କ ସଂଯୋଜନା ଏବଂ ଭୀମସେନ ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବ ସହପାଠୀଙ୍କ ଅସୁବିଧା ସମୟରେ ସାହାଯ୍ୟ କରିବାକୁ କର୍ପସ ଫଣ୍ଡ ସୃଷ୍ଟି କରାଯାଇଥିଲା। ପୁରାତନ ଶିକ୍ଷକ ଭାଗୀରଥି ସାମଲ, କାଳିପ୍ରସାଦ ନାୟକ, ଚକ୍ରଧର ପାତ୍ର, ବିଜୟ କୁମାର ନାୟକ ଓ ବସନ୍ତ କୁମାର ସାମଲଙ୍କୁ ପୂଜନ ପୂର୍ବକ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ତନୋଜ କୁମାର ବାରିକ, ଲଳିତ କୁମାର ବଳ, ଚନ୍ଦ୍ରମଣି ବେହେରା, କ୍ଷୀରୋଦ କୁମାର ବଳ, ଅମର କୁମାର ଦାସ, ଅନସୂୟା ବେହେରା, ନିର୍ମଳ କୁମାର ବିଶ୍ୱାଳ, ରଙ୍ଗଲତା ସାମଲ, ବିଚିତ୍ର କୁମାର ରାଉତ ପ୍ରମୁଖ ସହପାଠୀ ପରିଚାଳନା କରିଥିଲେ।

## ରାଜନଗର ଛାତ୍ର ପ୍ରତିଭା ସମ୍ମାନ-୨୦୨୩



ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜନଗର,୧୬।୬ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କ୍ରୀଡା ଓ ସାଂସ୍କୃତିକ ସଂସଦ ପକ୍ଷରୁ ରାଜନଗର ଛାତ୍ର ପ୍ରତିଭା ସମ୍ମାନ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ରାଜନଗର ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, ସପନେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁ, ବାଲିସାହିପାଟଣା ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଚଳିତବର୍ଷ ମହାବିଦ୍ୟାଳୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ବ୍ଲକରେ କୃତକାର୍ଯ୍ୟ ହୋଇଥିବା ସୁଜାତା ବାରିକ, ସୁଧାଂଶୁବାଳା ରାଉତ, ସସ୍ମିତା ସାହୁ, ସୌଭେନ୍ଦ୍ର ଜେନା, ଓମପ୍ରକାଶ ଦାସ, ମୌସୁମୀ ସ୍ୱାଇଁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ନେତା ସୌରଭ ଜେନା ଧନ୍ୟବାଦ ଦେଇଥିଲେ।

## ନିଟ୍ ପରୀକ୍ଷାରେ ପ୍ରୟାସ, ସ୍ୱାତିରେଖାଙ୍କ ସଫଳତା

**କେନ୍ଦ୍ରାପଡ଼ା, ୧୬।୬ (ଜଗନ୍ନାଥ ଧଳ)**





ଚଳିତବର୍ଷ ସର୍ବଭାରତୀୟ ସ୍ତରରେ ନିଟ୍ ପରୀକ୍ଷାରେ ୬୭ତମ ସ୍ଥାନ ଅଳଙ୍କୃତ କରି କେନ୍ଦ୍ରାପଡ଼ା ଜିଲା ରାଜକନିକାକୁ ପ୍ରୟାସ ରାଉତ (ବଣ୍ଟି ) ଗୌରବାନ୍ୱିତ କରିଛନ୍ତି। ରାଜକନିକା ବ୍ଲକ ମେଘପୁର ଗାଁର ପ୍ରମୋଦ ରାଉତ ଓ କବିତାଙ୍କ ପୁତ୍ର ପ୍ରୟାସ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ମୋଟ ୭୧୦ ନମ୍ବର ରଖି ଏପରି କୃତିତ୍ୱ ହାସଲ କରିଛନ୍ତି। ପ୍ରୟାସ ଛୋଟବେଳୁ ଜଣେ ମେଧାବୀ ଛାତ୍ର ଭାବେ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇ ଜିଲା ଜବାହର ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରି ୧୦ମ ପରୀକ୍ଷାରେ ୯୮.୨% ରଖି ଟପ୍ପର ହୋଇ ସର୍ବ ଭାରତୀୟ ସ୍ତରରେ ୫ମ ସ୍ଥାନ ଅଧିକାର କରିଥିଲେ। ଏହାବାଦ୍ ଯୁକ୍ତ ୨ ପରୀକ୍ଷାରେ ସେ ୯୭.୮% ରଖି ମଧ୍ୟ ଟପ୍ପର ହୋଇଥିଲେ। ଆଜି ତାଙ୍କର ଏହି ସଫଳତା ପାଇଁ ସେ ନିଜର ମାତାପିତା, ଗୁରୁଜନ ଓ ନବୋଦୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରୟାସଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେହିପରି ଚଳିତବର୍ଷ ନିଟ୍ ପରୀକ୍ଷାରେ ୯୯% ରଖି ସଫଳତା ହାସଲ କରିଥିବା କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକର ବଳରାମପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସ୍ୱାତିରେଖାଙ୍କ ନିକଟକୁ ଛୁଟୁଛି ଶୁଭେଚ୍ଛାର ସୁଅ। ପିଲାଟି ଦିନରୁ ବାପା ଅମୀୟ ମହଲାଙ୍କୁ ହରାଇ ମା', ସାନବାପା, ସାନ ମା', ଜେଜେ ମା' ଓ ପିଉସୀ ପିଉସାଙ୍କ ପ୍ରେରଣାରେ କଠିନ ପରିଶ୍ରମ କରି ସଫଳତାର ଶିଖର ଛୁଇଁଥିବା ସ୍ୱାତିରେଖା ଡାକ୍ତରୀ ପଢି ଜଣେ ଗାଇନୋକୋଲୋଜିଷ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସେ ନିଜ ପରିବାର ଓ କୋଚିଂ ନେଉଥିବା ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକଙ୍କୁ ଦେଇଛନ୍ତି।

## ପ୍ରସୂତିଙ୍କ ମୃତ୍ୟୁ ନେଇ ଉତ୍ତେଜନା

**କେନ୍ଦ୍ରାପଡ଼ା, ୧୬।୬(ଜଗନ୍ନାଥ ଧଳ)**

- କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା
- ପ୍ରସବ ପାଇଁ ଦାବି କଲେ ୧୦ ହଜାର ଟଙ୍କା

କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ପ୍ରସୂତି ମହାକାଳପଡ଼ା ଥାନା ଖରିନାସୀ ଗ୍ରାମର ଆଦିତ୍ୟ ଅନିରୁଦ୍ଧ ରାୟଙ୍କ ସ୍ତ୍ରୀ ରିଦ୍ଧିଙ୍କ ମୃତ୍ୟୁ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ ହୋଇଛି। ଆଦିତ୍ୟ ଏ ସମ୍ପର୍କରେ କହିଛନ୍ତି, ରିଦ୍ଧିଙ୍କ ପ୍ରସବ ଯନ୍ତ୍ରଣା ବୁଧବାର ଆରମ୍ଭ ହୋଇଥିଲା। ନିକଟସ୍ଥ ରାମନଗର ସ୍ୱାସ୍ଥ୍ୟକେନ୍ଦ୍ର ପରେ ମହାକାଳପଡ଼ା ସିଏଚସି ଯାଇଥିଲେ। ତେବେ ସେଠାକାର ଡାକ୍ତର ଅବସ୍ଥା ଭଲ ନ ଥିବା କହି ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ଗୁରୁବାର ଅପରାହ୍ନ ୪ଟାରେ ସିଜରିଂ ପରେ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ଏହି ଅପରେଶନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସ ୧୦ ହଜାର ଟଙ୍କା ଦାବି କରିଥିଲେ। ତେବେ ଅର୍ଥାଭାବରୁ ୮ ହଜାର ଟଙ୍କା ଦେବାକୁ ରାଜି ଥିବା ବେଳେ ପ୍ରଥମେ ୩ ହଜାର ଟଙ୍କା ନର୍ସମାନେ ନେଇଥିଲେ। ଅବଶିଷ୍ଟ ୫ ହଜାର ଟଙ୍କା ଶୁକ୍ରବାର ଦେବାକୁ କହିଥିଲେ ମଧ୍ୟ ଚିକିତ୍ସାରେ ଅବହେଳା ଆରମ୍ଭ ହୋଇଥିଲା। ରିଦ୍ଧିଙ୍କର ଶ୍ୱାସକ୍ରିୟା କଷ୍ଟ ହେବାରୁ ଗୁରୁବାର ରାତିରେ ଡାକ୍ତରଙ୍କୁ ଦେଖାଇବାକୁ ଯେତେଥର ଚେଷ୍ଟା କରାଯାଇଥିଲେ ମଧ୍ୟ ନର୍ସମାନେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଫଳରେ ସକାଳେ ସ୍ତ୍ରୀ ରିଦ୍ଧିଙ୍କର ମୃତ୍ୟୁ ହୋଇଛି। ଏ ନେଇ ସେ ସିଡିଏମ୍‌ଓ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଅପରପକ୍ଷରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିବାର ବର୍ଗ ହୋହଲ୍ଲା କରିଥିଲେ। ତେବେ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ହୋଇଛି। ଏହି ମୃତ୍ୟୁ ଘଟଣାରେ ଚିକିତ୍ସା ଅବହେଳାକୁ ନେଇ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

## ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀ ବାର୍ଷିକୋତ୍ସବ




**ପଟ୍ଟାମୁଣ୍ଡାଇ,୧୬।୬ (ଅକ୍ଷୟ ବିଶ୍ୱାଳ)**

ପଟ୍ଟାମୁଣ୍ଡାଇର ଅଗ୍ରଣୀ ନୃତ୍ୟ କଳା ଅନୁଷ୍ଠାନ ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ପୌରପାଳିକା ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ନୃତ୍ୟ କଳାର ଭୂୟସୀ ପ୍ରଶଂସାକ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ତ୍ରିପାଠୀ, ବିଶିଷ୍ଟ କଳାକାର ଦେବ ପାତ୍ର, ସାଂସ୍କୃତିକ ସଙ୍ଗଠକ ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ପ୍ରଦ୍ୟୁମ୍ନ ଗିରି ବିବରଣୀ ପାଠ କରିଥିଲେ। ଘୋଷକ ପ୍ରକାଶ ଭଇଦାଶ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନୃତ୍ୟ ଶିକ୍ଷକ ପ୍ରଶାନ୍ତ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଭଜନ, ଆଧୁନିକ, ସମ୍ବଲପୁରୀ, ହିପପ୍, କନଟେମ୍ପୋରାରୀ, ପପିଙ୍ଗ, ଲିରୀକାଲ, ବଲିଉଡ୍, ଫ୍ରିଷ୍ଟାଇଲ ଭଳି ନୃତ୍ୟ ବିଭାଗରେ ଆଦି ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ଦେଇଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ନୃତ୍ୟଗୁରୁମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିବାବେଳେ କୃତୀ ନୃତ୍ୟ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଅନିଶ୍ଚିତତା ଘେରରେ ଛପାଲି ପ୍ରାଇମେରୀ ବିଦ୍ୟୁତ୍ ସବ୍‌ଷ୍ଟେଶନ

**ମହାକାଳପଡ଼ା, ୧୬।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ନିର୍ମାଣକୁ ୧୦ ବର୍ଷ ହେଲାଣି, କାର୍ଯ୍ୟକ୍ଷମ ହେଉନାହିଁ
- ଉପକୃତ ହେବେ ୫ ପଞ୍ଚାୟତର ଶତାଧିକ ବିଦ୍ୟୁତ୍ ଉପଭୋକ୍ତା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ନିକଟ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ନିକଟ ଛପାଲି-ପ୍ରଭାକରପୁର ପାଖରେ ୧୦ବର୍ଷରୁ ଅଧିକ ହେବ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଛପାଲି ପ୍ରାଇମେରୀ ବିଦ୍ୟୁତ୍ ସବ୍ ଷ୍ଟେଶନ। ନିମ୍ନମାନର କାର୍ଯ୍ୟ ଯୋଗୁ ଅଦ୍ୟାବଧି ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେବେ ଏହି ନିର୍ମାଣ ସମୟରେ ସବ୍ ଷ୍ଟେଶନକୁ ସଂଯୋଗ ପାଇଁ ରାସ୍ତା ସମସ୍ୟା ଥିବାରୁ ଅନ୍ୟ ଏକ କେନାଲ ବନ୍ଧ ଦକ୍ଷିଣ ପାର୍ଶ୍ୱ ଚାଷ ଜମି ପଥ ଦେଇ ବିଦ୍ୟୁତ୍ ଖୁଣ୍ଟ ପକା ଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି କର୍ଯ୍ୟକ୍ଷମ ହେବା ନେଇ ଅନିଶ୍ଚିତତା ଘେରରେ ରହିଛି। ଏହି ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ହେଲେ ବଉଳକଣି , ଜମ୍ବୁ , ରାମନଗର , ଖରିନାସୀ ଓ ବଟିଘର ପଞ୍ଚାୟତକୁ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ହୋଇପାରିବ। ଅପରପକ୍ଷରେ ଏହି ଅଞ୍ଚଳର ମହାକାଳପଡ଼ା ବିଦ୍ୟୁତ୍ ସବ୍ ଷ୍ଟେଶନରୁ ସରବରାହ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ଅନେକ ସମୟରେ କାଳବୈଶାଖୀ ପ୍ରଭାବରେ ଆକାଶରେ ବିଜୁଳି ଘଡ଼ଘଡି ହେଲେ ସ୍ଥଳ ଭାଗରେ ବିଦ୍ୟୁତ୍ ଉଭାନ ହୋଇଯାଉଛି। ବହୁବର୍ଷର ବିଦ୍ୟୁତ୍ ଖୁଣ୍ଟ, ତାର ଓ ଇଂସୁଲେଟର, ଶଙ୍ଖ ଆଦି ପୁରୁଣା ହେବା ଯୋଗୁ ତାର ଛିଡି ଯାଉଛି ତ କେଉଁଠି ଖୁଣ୍ଟ ଉପୁଡ଼ିଯାଇଛି। କେଉଁଠି ବଡ଼ ବଡ଼ ଗଛ ଡାଳ ଭାଙ୍ଗି ଖୁଣ୍ଟ ଓ ତାର ଉପରେ ପଡ଼ିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଉଛି। ଅଦ୍ୟାବଧି ଦେଶର ପ୍ରମୁଖ ବ୍ୟବସାୟୀ ଟାଟା କମ୍ପାନୀ ବିଦ୍ୟୁତ୍ ସରବରାହ ସଂସ୍ଥା ଦାୟିତ୍ୱ ନେବା ପରେ ପ୍ରବଳ ଗୁଳୁଗୁଳି ଗରମରେ ଉପଭୋକ୍ତମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ କହିଛନ୍ତି, ମହାକାଳପଡ଼ା ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ ମହାକାଳପଡ଼ା, ବାବର ଓ ଲୁଣା ସେକ୍ସନରେ ୩୭ ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ସାଢ଼େ ୪ ମେଗାୱାଟ ବ୍ୟୟ ହେଉଛି ବୋଲି କୁହାଯାଇଛି। ତେବେ ଏହି ୩ ବିଦ୍ୟୁତ୍ ସେକ୍ସନରୁ ମାସିକ ୮୦ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରାଯାଉଛି ବୋଲି ସୂଚନା ମିଳିଛି। ତେବେ କାଳବୈଶାଖୀ ବର୍ଷା ସାଙ୍ଗକୁ ବଜ୍ରପାତ ହେଲେ ଉପର ମୁଣ୍ଡରୁ ବିଦ୍ୟୁତ୍ ସରବରାହ ବ୍ୟାଘାତ ସୃଷ୍ଟି ହୋଇଥାଏ। ଦିନ ଓ ରାତିରେ ବିଦ୍ୟୁତ୍ ସରବରାହ ବନ୍ଦ ହେଲେ ସ୍ଥାନୀୟ ଉପଭୋକ୍ତା ତଥା ଶିଶୁଠାରୁ ବୟସ୍କ ଲୋକ ଗରମ ଗୁଳୁଗୁଳିରେ ଆଉଟପାଉଟ ହେଉଛନ୍ତି। ତୁରନ୍ତ ଏହି ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ବିଦ୍ୟୁତ୍ ସବ୍ ଡିଭିଜନ ସହକାରୀ ଯନ୍ତ୍ରୀ ବାବୁଲାଲ ହାତୀଙ୍କୁ ପଚାରିବାରେ ବିଦ୍ୟୁତ ସରବରାହ ସମସ୍ୟାଗୁଡ଼ିକ ସମାଧାନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଛପାଲି ପ୍ରାଇମେରୀ ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟକାରୀ ହେବା ପାଇଁ ବିଭାଗ ଉଦ୍ୟମ ଚଳାଇଛି। ମାସେ ମଧ୍ୟରେ ଏହି ସବ୍ ଷ୍ଟେଶନ କାର୍ଯ୍ୟକାରୀ ହେବ। ଏହା କାର୍ଯ୍ୟକାରୀ ହେଲେ ଅଞ୍ଚଳର ବିଦ୍ୟୁତ୍ ସମସ୍ୟା ସମାଧାନ ହେବା ସହ ୫ଟି ପଞ୍ଚାୟତକୁ ନିରବଚ୍ଛିନ ଭାବେ ବିଦ୍ୟୁତ୍ ଯୋଗାଣ ହୋଇପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ ବିଦ୍ୟୁତ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ଛପାଲି ନିକଟ ପ୍ରାଇମେରୀ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣକାରୀ ସଂସ୍ଥା ନିର୍ମାଣରେ ବିଳମ୍ବ ହେବା ଯୋଗୁ ସମସ୍ୟା ହେଉଛି। ଏହା କାର୍ଯ୍ୟକ୍ଷମ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମାସେରୁ ଦୁଇ ମାସ ମଧ୍ୟରେ କର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।



ମହାକାଳପଡ଼ା ବ୍ଲକ ଛପାଲି ନିକଟ ପ୍ରାଇମେରୀ ବିଦ୍ୟୁତ୍ ସବ୍‌ଷ୍ଟେଶନ୍ କାର୍ଯ୍ୟକ୍ଷମ ହୋଇନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ୍, ୨୦୨୩



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଓଡ଼ଗାଁ, ୧୬।୬ (ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ଆଦର୍ଶ ଥାନା ସାକେରୀ ପଞ୍ଚାୟତ ଅନ୍ତର୍ଗତ ବାଲିଆଚତରା ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ତ୍ରିନାଥ ପାତ୍ର (୬୯)। ତ୍ରିନାଥ ଶୁକ୍ରବାର ସକାଳେ ଶୌଚ ହେବା ନିମନ୍ତେ ନିକଟସ୍ଥ ଶ୍ମଶାନ ବନ୍ଧ ପୋଖରୀକୁ ଯାଇଥିଲେ। ସେଠାରେ ଭାରସାମ୍ୟ ହରାଇ ପୋଖରୀରେ ବୁଡ଼ି ଯାଇଥିଲେ। ସେହି ସମୟରେ ପାଣିବନ୍ଧ ଗ୍ରାମର ଜଗନ ନାୟକ ବୃଦ୍ଧ ପାଣିରେ ବୁଡ଼ି ଭାସୁଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଗ୍ରାମବାସୀ ଏ ସମ୍ପର୍କରେ ପୋଲିସକୁ ଯୋଗାଯୋଗ କରିଥିଲେ। ପୋଲିସ ଉପସ୍ଥିତିରେ ଆମ୍ବୁଲାନ୍ସ ଯୋଗେ ତ୍ରିନାଥଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ରେଲୱେ ଗୋଦାମରେ ଅଗ୍ନିକାଣ୍ଡ

ଦଶପଲ୍ଲା, ୧୬।୬( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ସୁବଳୟା ନିକଟରେ ଥିବା ରେଲୱେ ଗୋଦାମ ଘରେ ଶୁକ୍ରବାର ନିଆଁ ଲାଗି ବହୁ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ରେଳ ଲାଇନ୍ କାର୍ଯ୍ୟ ପାଇଁ ଏକ କମ୍ପାନୀ ଅସ୍ଥାୟୀ ଗୃହ ନିର୍ମାଣ କରି ଗୋଦାମ ଓ ଅଫିସ କାର୍ଯ୍ୟ ଚଳାଉ ଥିଲେ। ହଠାତ ନିଆଁ ଲାଗି ରେଲୱେ ସାମଗ୍ରୀ ଓ କାଗଜପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଖବରପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

ଦଶପଲ୍ଲା, ୧୬।୬(ପ୍ରକାଶ କୁମାର ପାଣି)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ନିକଟସ୍ଥ ବୁଗୁଡ଼ାଠାରେ ଶୁକ୍ରବାର ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ଗଣିଆ ଥାନା ଅଞ୍ଚଳର ସନାତନ ମଲିକ (୩୨) ବୋଲି ଜଣାପଡିଛି। ସନାତନ ବାଇକ୍‌ରେ ଫୁଲବାଣୀ ଯାଉଥିବାବେଳେ ଏଭଳି ଘଟଣା ଘଟିଛି। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରି ଦେଇଛନ୍ତି।

### ଅମଲାଙ୍କ ଆନ୍ଦୋଳନ ଯୋଗୁ ସମସ୍ୟାରେ ଜନସାଧାରଣ

ଖଣ୍ଡପଡ଼ା, ୧୬।୬ (ଅଜୟ କୁମାର ମହାରଣା)

ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ବିଭିନ୍ନ ଦାବି ନେଇ ଅମଲାମାନେ ୧୬ ଦିନ ଧରି ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଖଣ୍ଡପଡ଼ା ତହସିଲ, ବ୍ଲକ, ଏନ୍‌ଏସି କାର୍ଯ୍ୟାଳୟ ସମେତ ଅନ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇଛି। ବିଶେଷକରି ଖଣ୍ଡପଡ଼ା ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ପୂରା ଠପ୍ ହୋଇଯାଇଛି। ଆଉ କେତେଦିନ ପର୍ଯ୍ୟନ୍ତ ଏଭଳି ସମସ୍ୟା ଲାଗିରହିବ ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ ନ୍ୟାଯ୍ୟ ଦାବି ହାସଲ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟରେ ଅସହଯୋଗ ଓ ଧାରଣା ଜାରି ରହିବ ବୋଲି ଆନ୍ଦୋଳନରତ ଅମଲାମାନେ ଜଣାଇଛନ୍ତି।

# ଆମ୍ବୁଲାନ୍ସ ବଦଳରେ ମୃତଦେହ ବାଇକ୍‌ରେ ଗଲା

## ସ୍ୱାସ୍ଥ୍ୟ ବିଭାଗ ପାଖରେ ନ ଥିଲା ଖବର

ନୟାଗଡ଼, ୧୬।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଗୁରୁବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତଦେହକୁ ପରିବାର ସଦସ୍ୟମାନେ ଆମ୍ବୁଲାନ୍ସ ବଦଳରେ ବାଇକ୍ ଯୋଗେ ନିଜ ଘରକୁ ନେଇ ଯାଇଥିଲେ। ତେବେ ମୃତଦେହ ଘରେ ପହଞ୍ଚି ଥିଲେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା କରୁଥିବା ଡାକ୍ତର, ଚିକିତ୍ସାଳୟ ମ୍ୟାନେଜର, ହେଲପ ଡେସ୍କ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଜାଣି ପାରି ନ ଥିଲେ। ଚିକିତ୍ସାଳୟରେ ଯେ କେହି ମଲେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବାର ନିୟମ ରହିଛି। ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ରୋଗୀଙ୍କ ମୃତ୍ୟୁ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରାଇବାର ନିୟମ ରହିଛି। ତେବେ ଡାକ୍ତର ରୋଗୀଙ୍କ ମୃତ୍ୟୁ ନେଇ ଅବଗତ କରାଇ ନ ଥିବା ଜଣାପଡ଼ିଛି। ଏଭଳିସ୍ଥଳେ ଚିକିତ୍ସାଳୟରୁ ମନଇଚ୍ଛା ମୃତଦେହ ନେଇଯିବା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନବଘନପୁର ମୃତଦେହକୁ ନେଇଯିବା ପରେ ଯିଏ ଯେତେବେଳେ ପାଇବ ଚିକିତ୍ସାଳୟରୁ ମୃତଦେହ ନେଇ ଯିବେ ଏଥିରେ ସନ୍ଦେହ ନାହିଁ ବୋଲି ପ୍ରଶ୍ନ ଉଠିଛି। ଏ ନେଇ ନବଘନପୁର ଗାଁର କୀର୍ତ୍ତନ ବେହେରା କୁହନ୍ତି, ବାପା ପଞ୍ଚୁ(୯୦) ଗୁରୁବାର ସନ୍ଧ୍ୟାରେ ଅସହ୍ୟ ଗୁଳୁଗୁଳି ଯୋଗୁ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଅଟୋ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତର ମୃତ ଘୋଷଣା କରିବା ପରେ ମୃତଦେହକୁ ବାହାରକୁ ନେବା ପାଇଁ କହିଥିଲେ। ଯେଉଁ ଅଟୋରେ ବାପାଙ୍କୁ ଆଣିଥିଲୁ ସେଥିରେ ନେବା ପାଇଁ ଡ୍ରାଇଭର ସହ କଥା ହେଲୁ। ହେଲେ ଅଟୋ ଡ୍ରାଇଭର ମନା କରି ଆମ୍ବୁଲାନ୍ସ ଯୋଗେ ନେବା ପାଇଁ କହିଲେ। ଏପରି କି ଏକ ଅମ୍ବୁଲାନ୍ସ ବୁଝିଦେଇ ୧୮୦୦ ଟଙ୍କାରେ ଦେବା ପାଇଁ କହିଛନ୍ତି ବୋଲି କହିଥିଲେ। ସେହି ସମୟରେ କୀର୍ତ୍ତନଙ୍କ ପୁଅ ଗାଁରୁ ବାଇକ୍ ଯୋଗେ ଆସିଥିଲେ। ୧୮୦୦ ଟଙ୍କା କାହିଁ ଦେବୁ ପୁଅ ବାଇକ୍‌ରେ ମୃତଦେହ ନେଇ ଯିବୁ ଭାବି କାହାକୁ ନ ଜଣାଇ ବାଇକ୍‌ରେ ନେଇ ଆସିଲୁ। ଘରକୁ ମୃତଦେହ ଆଣିବା ସମ୍ପର୍କରେ ଚିକିତ୍ସାଳୟର କାହାରିକୁ ଜଣାଇନାହୁଁ। ପୁଣି ନିଜେ ଯାଇ କୌଣସି ଆମ୍ବୁଲାନ୍ସ ସହ ଯୋଗାଯୋଗ କରିନାହୁଁ। ବାଇକ୍‌ରେ ଆଣିବାକୁ ମୋତେ କେହି ପ୍ରବର୍ତ୍ତାଇ ନାହାନ୍ତି ବୋଲି ସେ କହିଛନ୍ତି। ଏ ନେଇ ସିଡିଏମ୍‌ଓ ମକରନ୍ଦ ବେଉରାଙ୍କୁ ପଚାରିବାରେ ନବଘନପୁରର ବୃଦ୍ଧଙ୍କ ମୃତଦେହ ବାଇକ୍‌ରେ ନେବା ଘଟଣାରେ ତଦନ୍ତ କରାଯାଇଥିଲା। ମୃତକ ପରିବାର ଲୋକ କାହାକୁ ନ ଜଣାଇ ମୃତଦେହକୁ ବାଇକ୍‌ରେ ନେଇ ଯାଇଥିଲେ। ମୃତଦେହକୁ ଆମ୍ବୁଲାନ୍ସରେ ନେବା ସମ୍ପର୍କରେ ପରିବାର ଲୋକ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରିନାହାନ୍ତି। ଅନ୍ୟପକ୍ଷେ ମୃତଦେହ ଚିକିତ୍ସାଳୟରୁ ସ୍ଥାନାନ୍ତର ସମ୍ପର୍କରେ ଚିକିତ୍ସାଳୟ ମ୍ୟାନେଜର, ହେଲପ ଡେସ୍କ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଜାଣି ନାହାନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ମା' ଝାଡ଼େଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ପଣ୍ଡିତମାନେ ଯଜ୍ଞରେ ଆହୁତି ଦେଉଛନ୍ତି।

ଶରଣକୁଳ, ୧୬।୬(ଦୀପକ କର)

ରଜପର୍ବ ଉପଲକ୍ଷେ ଶରଣକୁଳର ଅଧିଷ୍ଠାତ୍ରୀ ଦେବୀ ମା' ଝାଡ଼େଶ୍ୱରୀ ପୀଠରେ ରଜ ଅବସରରେ ୩ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମା'ଙ୍କର ରଜପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ କୁସୁମୀ ନଦୀରୁ ଶତାଧିକ ମହିଳାପୁରୁଷ କଳସରେ ଜଳ ଆଣି ବିଭିନ୍ନ ଗାଁ ଦେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଯଜ୍ଞର ଅଙ୍କୁରାରୋପଣ କାର୍ଯ୍ୟ ପଣ୍ଡିତମାନଙ୍କ ଦ୍ୱାରା ସମାହିତ ହୋଇଥିଲା। କଳସ ଶୋଭାଯାତ୍ରା ସମୟରେ ସାହିଗୁଡିକରେ ମା'ମାନେ ଦୁଆର ଲିପାପୋଛା କରିବା ସହ ପୂର୍ଣ୍ଣକୁମ୍ଭ ଓ ଦୀପ ସ୍ଥାପନ କରିଥିଲେ। ପ୍ରତିସାହିରେ ସଂକୀର୍ତ୍ତନ ଦଳଗୁଡ଼ିକ କଳସଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି କଳସ ଯାତ୍ରାରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ପ୍ରମୁଖ ସାମିଲ ଥିଲେ। ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଉପଲକ୍ଷେ ମା' ଝାଡ଼େଶ୍ୱରୀଙ୍କ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ଯଜ୍ଞ କାର୍ଯ୍ୟକୁ ୨୦ ଜଣ ପଣ୍ଡିତ ସମ୍ପାଦନ କରିଥିଲେ। ପ୍ରତିଦିନ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଦର୍ଶନ ଲାଗି ଆଖପାଖ ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ପୀଠରେ ବିଭିନ୍ନ ବିକ୍ରୟ ସାମଗ୍ରୀର ଦୋକାନ ସବୁ ପଡ଼ିଥିଲା। ୩ ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୁତି ଶୁକ୍ରବାର ଶେଷ ହୋଇଛି। ପୂର୍ଣ୍ଣାହୁତିରେ ସାମାଜିକ କର୍ମୀ ଆଲୋକ ପଟ୍ଟନାୟକ ଯୋଗଦେଇଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ରଜପର୍ବ

## ବାଲ୍ୟବିବାହ ନିଷେଧ ସଚେତନତା



ଭାପୁର ବ୍ଲକ ଅଙ୍ଗନୱାଡିରେ ପିଲାମାନେ ଦୋଳି ଖେଳି ରଜପର୍ବ ପାଳୁଛନ୍ତି।

ଭାପୁର, ୧୬।୬(ଭରତ କୁମାର ବେହେରା):

ଭାପୁର ବ୍ଲକ ଅନ୍ତର୍ଗତ ରାକମା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର-୧ରେ ୩ ଦିନ ଧରି ରଜପର୍ବ ପାଳିତ ହୋଇଯାଇଛି। ଅଙ୍ଗନୱାଡି କେନ୍ଦ୍ରର କର୍ମୀ ନମିତା ପାଟଯୋଶୀ, ସହାୟିକା ମଞ୍ଜୁଲତା ଷଡ଼ଙ୍ଗୀଙ୍କ ସହଯୋଗରେ ରଜପର୍ବ ପାଳନ କରାଯାଇଥିଲା। ଛୋଟ ଛୋଟ ପିଲାମାନଙ୍କ ଅଙ୍ଗନୱାଡିକୁ ଆସିବା ପାଇଁ ଆଗ୍ରହ ସୃଷ୍ଟି ଲାଗି ଏହା ପାଳନ କରାଯାଇଥିଲା। ସୁନ୍ଦର ଭାବେ ଦୋଳିକୁ ସଜ୍ଜା ଯାଇଥିଲା। କୁନି କୁନି ପିଲାମାନଙ୍କୁ ନେଇ ରୁମାଲ ଚୋରି, ଲୁଡୁ, କ୍ୟାରମ୍, ପୁଚିଖେଳ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ଓ କୁନି କୁନି ପିଲାଙ୍କ ଅଭିଭାବକ ପ୍ରଶଂସା କରିଥିଲେ।

ରାକମା ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେହି ପଞ୍ଚାୟତର କିଶୋରୀକିଶୋରମାନଙ୍କୁ ନେଇ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ବାଲ୍ୟବିବାହ ନିଷେଧ ଉପରେ ସଚେତନ କରାଯାଇଥିଲା। ସମାଜରେ ବାଲ୍ୟବିବାହ ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିଲାବେଳେ ସଚେତନତା ଅଭାବରୁ ଅଦ୍ୟାବଧି ବାଲ୍ୟବିବାହ ସାମାଜିକ ବ୍ୟାଧି ଜାରି ରହିଛି। ଏହି କାର୍ଯ୍ୟକ୍ରମରେ କୋମଳମତି କିଶୋରୀକିଶୋର ସଚେତନତାର ପ୍ରଚାର ପ୍ରସାର କରିବା ସହ ଶପଥ ପାଠ କରିଥିଲେ। ସଚେତନ ଶିବିରରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁର ସ୍ୱାସ୍ଥ୍ୟ, ବାଲ୍ୟବିବାହର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କିଶୋରୀ କିଶୋରମାନେ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ରାକମା ଗ୍ରାମକୁ ବାଲ୍ୟବିବାହମୁକ୍ତ ରୂପେ ଗଠନ ଦିଗରେ ସମସ୍ତେ ଶପଥ ପାଠ କରିଥିଲେ।

# ଓଡ଼ଗାଁ ରାମସାଗର ପାର୍କରେ ରଜ ମହୋତ୍ସବ

ଓଡ଼ଗାଁ, ୧୬।୬(ଆଦର୍ଶ କୁମାର ପଟ୍ଟନାୟକ )

ଶେଷ ରଜରେ ଓଡ଼ଗାଁ ରାମସାଗର ପାର୍କରେ ରଜ ମହୋତ୍ସବ ସହ ମହିଳା ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାବେଶ ମହିଳା ସଶକ୍ତିକରଣକୁ ପ୍ରମାଣିତ କରିଦେଲା ବୋଲି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ରାମସାଗର ପାର୍କ ମଧ୍ୟରେ ରଜ ଉତ୍ସବରେ ସମ୍ବୋଧନ କରିଥିଲେ। ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଓ ଏନ୍‌ଏସିର ମହିଳାମାନଙ୍କୁ ନେଇ ଆୟୋଜିତ ରଜ ମହୋତ୍ସବ ୨୦୨୩ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଜେଡି ବ୍ଲକ ସଭାପତି ସୂର୍ଯ୍ୟ ନାରାୟଣ ଚୌଧୁରୀ, ଜିଲା ବିଜେଡି ଉପସଭାପତି ନିତ୍ୟାନନ୍ଦ ପ୍ରଧାନ, ଜିଲା ବିଜେଡି ମହିଳା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ପରିବେଷବିତ ସୁରେଶ ଚନ୍ଦ୍ର ହୋତା, ନୟାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ମ୍ୟୁନିସିପାଲଟି ଅଧ୍ୟକ୍ଷା ନିରୂପମା ଖଟେଇ ଓ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ସାମିଲ ହୋଇଥିଲେ। ନୟାଗଡ଼ ବିଧାୟକ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇ ନିଜ ନିଜ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ କଳା ଓ ନୈପୁଣ୍ୟର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଧାୟକ ମଞ୍ଚ ଉପରେ ଜଣେ ମା'ଙ୍କୁ ନିଜେ ଅତି ଆଦରରେ ଦୋଳି ଝୁଲାଇ ଦେଉଥିବା ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ଥିଲା। ଏହି ଅବସରରେ ମହିଳାଙ୍କ ମଧ୍ୟରେ ଶଙ୍ଖ ଫୁଙ୍କା, ନୃତ୍ୟ, ସଙ୍ଗୀତ ଗାନ ପ୍ରତିଯୋଗିତା ହୋଇଥିଲା। ଅନ୍ୟପକ୍ଷେ ଓଡ଼ଗାଁର ଅପରିତ୍ୟକ୍ତ ଜାଗା ଆଜି ରାମସାଗର ପାର୍କରେ ପରିଣତ ହୋଇଛି। ଯାହାକୁ ସପରିବାର ସହ ଆପଣମାନେ ଉପଭୋଗ କରୁଛନ୍ତି। ଆଗାମୀ ଦିନରେ ଓଡ଼ଗାଁ ଏନଏସି ମଧ୍ୟରେ ଲୋକଙ୍କ ନିମନ୍ତେ ୨ ଗୋଟି ବୃହତ କଲ୍ୟାଣ ମଣ୍ଡପ ନିର୍ମାଣ ହେବ ବୋଲି ବିଧାୟକ ସୂଚନା ଦେଇଥିଲେ।

# ଭିତ୍ତିପ୍ରସ୍ତର ସ୍ଥାପନର ୩ ମାସ ବିତିଲା, କୋର୍ଟ କୋଠା ନିର୍ମାଣ ହେଲାନି

ଖଣ୍ଡପଡ଼ା, ୧୬।୬(ଅଜୟ କୁମାର ମହାରଣା)




ପ୍ରଶାସନିକ ଉଦାସୀନତା ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କେବଳ ଶିଳାନ୍ୟାସ ଫଳକରେ ସୀମିତ ଥିବା ପରିଲକ୍ଷିତ ହେଉଛି। ଖଣ୍ଡପଡ଼ା ବାଇପାସ ରାସ୍ତାପାର୍ଶ୍ୱରେ ଦେୱାନୀ ଅଦାଲତର ନୂତନ କୋଠା ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ପରେ ୨୦୨୩ ମାର୍ଚ୍ଚ ୩ରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଉପରେ ଅଦାଲତ କୋଠା ନିର୍ମାଣ କାର୍ଯ୍ୟ ନ୍ୟସ୍ତ କରାଯାଇଥିବା ଜଣାପଡିଛି। ମାତ୍ର ଭିତ୍ତିପ୍ରସ୍ତର ସ୍ଥାପନର ୩ ମାସ ପରେ ବି ଅଦାଲତ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଅଦାଲତର ନୂତନ କୋଠା ନିର୍ମାଣରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ କାର୍ଯ୍ୟ

ଖଣ୍ଡପଡ଼ା, ୧୬।୬(ଅଜୟ କୁମାର ମହାରଣା)



ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ସତ୍ତ୍ୱେ ଖଣ୍ଡପଡ଼ା ସହରରେ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ ନିର୍ମାଣ କରୁଥିବା ମହାରଣା ସେବକମାନେ ଅକ୍ଳାନ୍ତ ପରିଶ୍ରମ କରି ଦେବୋତ୍ତର ବିଭାଗ ଓ ରାଜପରିବାର ଦ୍ୱାରା ପରିଚାଳିତ ରଥଯାତ୍ରା ପାଇଁ ରଥଗଡ଼ା ଛକରେ ୨ଟି ରଥ ନିର୍ମାଣ କରିଛନ୍ତି। ଆସନ୍ତା ୨୦ ତାରିଖରେ ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହେବ।

# ଅସହାୟା ମହିଳାଙ୍କ ମୃତଦେହ ସଂସ୍କାର

ନୟାଗଡ଼, ୧୬।୬(ଲୋକନାଥ ମିଶ୍ର):

ନୟାଗଡ଼ ସଦର ଥାନା ଶ୍ମଶାନରେ ତୁଳସୀ ଦାସ (୭୫) ନାମକ ଜଣେ ଅସହାୟା ମହିଳା ମୃତଦେହକୁ ସଂସ୍କାର କରାଯାଇଛି। ୧୬ ନଂ. ୱାର୍ଡର ପୂର୍ବତନ କାଉନସିଲର ଅଖିଳ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଦିବ୍ୟଜ୍ୟୋତି କ୍ଲବର ସଦସ୍ୟମାନେ ସହଯୋଗ କରି ସଂସ୍କର କରାଇଛନ୍ତି। ମୁଣ୍ଡିଆସାହିର ଶ୍ରୀନିବାସ ପ୍ରଧାନ ମୁଖାଗ୍ନି ଦେଇଛନ୍ତି। ଶୁଦ୍ଧକ୍ରିୟା କରିବା ପାଇଁ ଚେଷ୍ଟା ଆରମ୍ଭ ହୋଇଛି। ତୁଳସୀ ୪୦ ବର୍ଷ ହେଲା ୧୬ ନଂ. ୱାର୍ଡର ମୁଣ୍ଡିଆ ବସ୍ତିରେ ଏକାକୀ ରହି ଆସୁଥିଲେ। ତାଙ୍କ ଘର କେଉଁଠାରେ, ଆଉ କିଏ ତାଙ୍କର ଥିଲେ ଜଣାନାହିଁ। ତେବେ ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ।

# ଦଳକ ହାକର୍ସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ୧୪ତମ ଓଡ଼ଗାଁ ରଘୁନାଥ ଆଥଲେଟିକ କ୍ରିକେଟ ଲିଗ୍

ଓଡ଼ଗାଁ, ୧୬।୬(ଆଦର୍ଶ କୁମାର ପଟ୍ଟନାୟକ ):

ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୪ତମ କ୍ରିକେଟ ଲିଗ (ଓସିଏଲ)ର ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ଇଲେଭେନ ଇମ୍ପୋରରକୁ ହରାଇ ଦଳକ ହାକର୍ସ ଚାମ୍ପିୟନ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଛନ୍ତି। ଇଲେଭେନ ଏମ୍ପୋରରକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚରେ ଟସ୍ ଜିଣି ନିର୍ଦ୍ଧାରିତ ୧୨ ଓଭରରେ ୭୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଦଳକ ହାକର୍ସ ୧୦ ଓଭରରେ ୪ ଉଇକେଟ ବିନିମୟରେ ୭୬ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଦଳର ତିତିଲି ୪ ଚୌକା ଓ ୩ ଛକା ମାରି ୨୪ ବଲରେ ୪୦ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦି ଫାଇନାଲ ମ୍ୟାଚ ହୋଇଥିଲେ। ସୌରଭ ମାଝି ବେଷ୍ଟ ବୋଲର ଏବଂ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ଇଲେଭେନ ଇମ୍ପୋରର ପ୍ରଦୀପ ନାୟକ ବେଷ୍ଟ ବ୍ୟାଟର ଏବଂ ଜୟଶିବ ଦଳର ତିଲକ ଗେମ୍ ଚେଞ୍ଜର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ଲିଗର ଅନ୍ତିମ ଦିବସର ୨ୟ ମ୍ୟାଚରେ ବିଧାୟକ ଅରୁଣ କୁମାର ସାହୁ ଉପସ୍ଥିତ ରହି ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟବକ୍ତା, ସୂର୍ଯ୍ୟ ନାରାୟଣ ଚୌଧୁରୀ, ଅଶୋକ କୁମାର ମହାପାତ୍ର, ଆଦର୍ଶ ପଟ୍ଟନାୟକ, ସାରସ କୁମାର ମିଶ୍ର, ସୁନୀଲ ପଟ୍ଟନାୟକ, ଗଣେଶ୍ୱର ସାହୁ, ଅର୍ଜୁନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରଘୁନାଥ ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ଦିବାକର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ସଂଯୋଜନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ସୁଶାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।

# ମହୁଲଫୁଲର ଅଭାବୀ ବିକ୍ରି, ଦଲାଲ ମାଲାମାଲ

ଆର.ଉଦୟଗିରି, ୧୬।୬(ମନୋଜ ପାଢ଼ୀ)



ମହୁଲ ଫୁଲ ।

ଆଦିବାସୀଙ୍କ ଜୀବନ ଜୀବିକା ନିର୍ଭର କରୁଛି ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ। ପ୍ରଚଣ୍ଡ ଖରାରେ ବଣ ଜଙ୍ଗଲ ବୁଲି ମହୁଲଫୁଲ ସଂଗ୍ରହ କରନ୍ତି ଆଦିବାସୀ ମହିଳା। ସେହି ଫୁଲ ବିକ୍ରି କରି ଦୈନିକ ଗୁଜୁରାଣ ମେଣ୍ଟାନ୍ତି। ସରକାର ଆଦିବାସୀଙ୍କ ପାଇଁ ବହୁ ଯୋଜନା କରିଛନ୍ତି ସତ, କିନ୍ତୁ ସେହି ଯୋଜନା ଆଦିବାସୀଙ୍କ ନିକଟରେ ପହଞ୍ଚିପାରୁନି ତାହା ଦେଖିବାକୁ ସରକାରୀବାବୁଙ୍କ ପାଖରେ ସମୟର ଅଭାବ ରହିଯାଉଛି। ଅବକାରୀ ବିଭାଗ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସରେ ମହୁଲ ଗଚ୍ଛିତ ରଖିବା ଓ ବିକ୍ରୟ କରିବାକୁ ଲାଇସେନ୍ସ ପ୍ରଦାନ କରୁଛନ୍ତି। କିନ୍ତୁ ଲାଇସେନ୍ସଧାରୀମାନେ କେତେ ଟଙ୍କାରେ କ୍ରୟ କରିବେ ଓ କେତେ ଟଙ୍କାରେ ବିକ୍ରୟ କରିବେ ତାହାର କିଛି ନିର୍ଦ୍ଦିଷ୍ଟ ସୂଚନା ମିଳିପାରୁନାହିଁ। ଫଳରେ ଆଦିବାସୀମାନେ ଏତେ କଷ୍ଟ କରି ସୁଦ୍ଧା ମହୁଲ ଫୁଲର ଉଚିତ ମୂଲ୍ୟ ପାଇବାରେ ବଞ୍ଚିତ ହେଉଛନ୍ତି। ଲାଇସେନ୍ସଧାରୀମାନେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସୂଚନା ଯଥା କେତେ ପରିମାଣରେ ମହୁଲଫୁଲ ଗଚ୍ଛିତ ରଖିପାରିବେ, ବର୍ତ୍ତମାନ କେତେ ପରିମାଣ ଗଚ୍ଛିତ ଅଛି, କ୍ରୟ ଓ ବିକ୍ରୟ ମୂଲ୍ୟ ଦୋକାନ କିମ୍ବା ଗୋଦାମ ବାହାରେ ଲେଖିବାର ନଜରକୁ ଆସୁନାହିଁ। ଫଳରେ ମହୁଲଫୁଲର ଅଭାବୀ ବିକ୍ରି ପାଇଁ ସହାୟକ ହେଉଛି। ଚଳିତ ବର୍ଷ ଗଜପତି ଜିଲା ଆର.ଉଦୟଗିରି, ନୂଆଗଡ ଓ ମୋହନା ବ୍ଲକରେ ବହୁତ ମହୁଲଫୁଲ ଅମଳ ହୋଇଛି। କିନ୍ତୁ ସରକାର ମହୁଲଫୁଲର ମୂଲ୍ୟ ନିର୍ଦ୍ଧାରଣ କରି ନ ଥିବା ଯୋଗୁ କିଲୋ ପ୍ରତି ୧୫ରୁ ୨୦ ଟଙ୍କା ମୂଲ୍ୟରେ କ୍ରୟ କରୁଛନ୍ତି ସ୍ଥାନୀୟ ମହୁଲ ବେପାରୀ। ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ଗୋଦାମ କରି କୁଇଣ୍ଟାଲ କୁଇଣ୍ଟାଲ ମହୁଲ ମହଜୁଦ୍ କରି ରଖୁଥିବା ବେଳେ ଏସବୁକୁ ବାହାର ରାଜ୍ୟକୁ ଚଢ଼ା ଦରରେ ଚାଲାଣ କରାଯାଉଛି। ବିଶେଷକରି ଜିଲା ପ୍ରଶାସନର କୋହଳ ମନୋଭାବ ପାଇଁ ଆଦିବାସୀ ପରିବାରଗୁଡ଼ିକ ପରିଶ୍ରମର ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନର ସ୍ଥାଣୁତାର ସୁଯୋଗ ନେଇ ବେଧଡ଼କ ଭାବେ ଚୋରା ଚାଲାଣ ବଢ଼ିଚାଲିଛି। ତେଣୁ ମହୁଲ ଫୁଲ ସଂଗ୍ରହକାରୀଙ୍କୁ ଉଚିତ ମୂଲ୍ୟ, ଲାଇସେନ୍ସଧାରୀଙ୍କ ବିରୋଧରେ ବେଆଇନ ଗଚ୍ଛିତ ଓ ବିକ୍ରୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ତେଣୁ ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି। ରାଜ୍ୟ ସରକାର ଓ ଅବକାରୀ ବିଭାଗ ଦ୍ୱାରା ଯଦି ମହୁଲଫୁଲ ଦର ନିର୍ଦ୍ଧାରଣ ହୋଇଥାନ୍ତା ତାହାହେଲେ ଜଙ୍ଗଲରୁ ଆଦାୟ କରି ଆଣି ବିକ୍ରେତାଧାରୀ ଉପକୃତ ହୋଇପାରନ୍ତେ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

# ୫ ବର୍ଷରେ ଲକ୍ଷେ କୋଟି କାରବାର ପତଞ୍ଜଳିର ଲକ୍ଷ୍ୟ: ରାମଦେବ



ନୂଆଦିଲ୍ଲୀ, ୧୬ା୬ (କୁଳଦୀପ ସିଂ)

ପତଞ୍ଜଳି ଗ୍ରୁପ୍ ଆଗାମୀ ୫ ବର୍ଷରେ ଏହାର କାରବାରକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗଗୁରୁ ରାମଦେବ କହିଛନ୍ତି। ଗ୍ରୁପ୍‌ର ବିଭିନ୍ନ ଉତ୍ପାଦ ଯଥା ନ୍ୟୁଟ୍ରାସ୍ୟୁଟିକାଲ୍ସ ହେଲ୍‌ଥ ବିସ୍କୁଟ, ନ୍ୟୁଟ୍ରେଲା ମିଲେଟ୍ ଆଧାରିତ ଶସ୍ୟ, ଡ୍ରାଇଏ ଫ୍ରୁଟ୍ ଆଦିର ଶୁଭାରମ୍ଭ ଅବସରରେ ରାମଦେବ କହିଥିଲେ, ବର୍ତ୍ତମାନ କମ୍ପାନୀର ବାର୍ଷିକ ରାଜସ୍ୱ ୪୫,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆଗାମୀ ୫ ବର୍ଷରେ ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ପତଞ୍ଜଳି ଫୁଡ୍ସର ଟାର୍ଗେଟ୍ ୫୦,୦୦୦ କୋଟି ଟଙ୍କା ରଖାଯାଇଥିବା ରାମଦେବ କହିଛନ୍ତି। ଶୁକ୍ରବାର ପତଞ୍ଜଳି ବିଭିନ୍ନ ଗ୍ରାହକ ସେଗ୍‌ମେଣ୍ଟରେ ୧୪ଟ ନୂଆ ଉତ୍ପାଦ ଆଣିଛି। ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଉତ୍ପାଦଗୁଡ଼ିକର ଚାହିଦା ବଢ଼ୁଥିବାରୁ ଏହି ଶିଳ୍ପ ୧୮% ଅଭିବୃଦ୍ଧି ସହ ୨୦୨୮ ବେଳକୁ ୮,୦୦୦ କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ଚାହିଦା ପୂରଣ ପାଇଁ ପତଞ୍ଜଳି ଫୁଡ୍ସ ନ୍ୟୁଟ୍ରେଲା ସ୍ପୋର୍ଟସର ୬ଟି ଉତ୍ପାଦ ଏବଂ ୧୯ ଏସ୍‌କେୟୁ ଆଣିଛି। ସେଗୁଡ଼ିକ ମଧ୍ୟରେ ରହିଛି ନ୍ୟୁଟ୍ରେଲା ମାକ୍ସମିଲେଟ୍ସ ରାଗି ଚକୋ ସିରିଆଲ୍। ୭ଟି ଖାଦ୍ୟଶସ୍ୟରୁ ଏହା ପ୍ରସ୍ତୁତ ହୋଇଛି। ପ୍ରୋଟିନ୍, ଆଇରନ, ଫାଇବରର ଏକ ଉତ୍ତମ ଉତ୍ସ ଓ ସବୁ ବୟସବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ବୋଲି କମ୍ପାନୀ କହିଛି।

ଏହା ବ୍ୟତୀତ ପତଞ୍ଜଳି ଫୁଡ୍ ଲିଃ ୩ଟି ନୂଆ ବିସ୍କୁଟ୍ ଯଥା ମାଣ୍ଡିଆ ପ୍ରସ୍ତୁତ ବିସ୍କୁଟ୍, ୭ ଶସ୍ୟ ବିସ୍କୁଟ ଓ ହଜମକାରୀ ବିସ୍କୁଟ୍ ଲଞ୍ଚ କରିଛି। ଘରୋଇ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରି ପତଞ୍ଜଳି ଭାରତରେ ଆତ୍ମନିର୍ଭର ଉପରେ ଗୁରୁତ୍ୱ ଦେଉଛି। ୟୁନିଲିଭରକୁ ବାଦ୍‌ଦେଲେ ପତଞ୍ଜଳି ସମସ୍ତ ଏମ୍‌ଏନ୍‌ସିକୁ ଟପିଥିବା ରାମଦେବ କହିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ

## ୮ ସ୍ଥାନରେ ଚଢ଼ାଉ, ବିପୁଳ ସମ୍ପତ୍ତି ଠାବ

- ଭୁବନେଶ୍ୱର-ନିମାପଡ଼ାରେ ବହୁ ମହଲା ବିଶିଷ୍ଟ ୫ କୋଠା, ଫାର୍ମହାଉସ୍, ୭ ପ୍ଲଟ୍
- ଦୁଇ ମିଲରଙ୍କ ସିକ୍ୟୁରିଟି ଟଙ୍କା ଉଠାଣରେ ସହଯୋଗ କରି ଫସିଥିଲେ

ସତ୍ୟଜିତ୍ ରାଉତ/ ବିଚିତ୍ରାନନ୍ଦ ସାହୁ
ଭୁବନେଶ୍ୱର/ନିମାପଡ଼ା, ୧୬ା୬

ସରକାରୀ କ୍ଷମତାର ଅପବ୍ୟବହାର କରି ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ବ୍ରଜେନ୍ଦ୍ର କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ବ୍ରଜେନ୍ଦ୍ରଙ୍କ ନୟାଗଡ଼ ସିଏସ୍‌ଓ କାର୍ଯ୍ୟାଳୟସ୍ଥିତ କୋଠରି, ନୟାଗଡ଼ ମିଶ୍ର କଲୋନୀରେ ଭଡ଼ାରେ ରହୁଥିବା ବାସଭବନ ଓ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ସୁନୁଗୋରଡ଼ି ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଚଢ଼ାଉ ସମୟରେ ଭିଜିଲାନ୍ସ ବ୍ରଜେନ୍ଦ୍ରଙ୍କର ବିପୁଳ ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନୀର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନୀସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଲାର ବଜାରରେ ୧୦ଟି ଦୋକାନ ଘର ଓ ୨ହଜାର ବର୍ଗଫୁଟ୍‌ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ୍ୟ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ବ୍ରଜେନ୍ଦ୍ରଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବ୍ରଜେନ୍ଦ୍ର ୨୦୨୨ରେ ନୟାଗଡ଼ ଜିଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିବାବେଳେ କ୍ଷମତାର ଅପବ୍ୟବହାର କରିଥିଲେ। ଚାଷୀଙ୍କଠାରୁ ସମିତି ମାଧ୍ୟମରେ ଧାନ ନେଇ ଯୋଗାଣ ବିଭାଗକୁ ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଇ ନେଇଥିଲେ ଦୁଇ ମିଲ୍‌ର। ଏଥିରେ ବ୍ରଜେନ୍ଦ୍ର ସହଯୋଗ କରିଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଗତ ଡିସେମ୍ବର ୧୩ରେ ବ୍ରଜେନ୍ଦ୍ରଙ୍କୁ ନିଲମ୍ବନ କରିଥିଲେ। ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ସିଏସ୍‌ଓ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା।




# ଶୋଇଥିବା ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ଖମାର, ୧୬ା୬ (ରଜନୀକାନ୍ତ ମହାରଣା)

ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ବାରଣ୍ଡାରେ ଖଟ ପକାଇ ଶୋଇଥିବା ଜଣେ ଯୁବକଙ୍କୁ ଦଳିଦେଇଛି ହିଂସ୍ର ଦନ୍ତା। ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଅଧୀନ ପେଚାମୁଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ହେଲେ ପବିତ୍ର ନାଏକ (୩୦)।

ପରିବାର ଲୋକଙ୍କ କହିବା କଥା, ପବିତ୍ର ରାତ୍ରଭୋଜନ ସାରି ଘରେ ଶୋଇଥିଲେ। ଅସହ୍ୟ ଗୁଳୁଗୁଳି ହେଉଥିବାରୁ ପରେ ବାରଣ୍ଡାରେ ଖଟ ପକାଇ ଶୋଇବାକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ନିକଟ ଜଙ୍ଗଲରୁ ଗାଁମୁହାଁ ହୋଇଥିବା ଏକ ଦନ୍ତା ତାଙ୍କୁ ଟେକିନେଇ କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ସୂଚନା ପାଇ ରେଞ୍ଜର ଦୁର୍ଯ୍ୟୋଧନ ଜରାଇ ବନ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପବିତ୍ରଙ୍କ ଶୁଦ୍ଧିକ୍ରିୟା ବାବଦକୁ ୪୦ ହଜାର ଟଙ୍କା ଦିଆଯାଇଛି। ମୃତକଙ୍କ ପରିବାରର ଜଣକୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବିଧାୟକ ମୁକେଶ ପାଲ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ପବିତ୍ରଙ୍କ ଏକ ୭ ବର୍ଷର ଝିଅ ଅଛନ୍ତି।




# ଭିଜିଲାନ୍ସ ଜାଲରେ ପ୍ରାଣୀଧନ ଚିକିତ୍ସାଧିକାରୀ

ଆସିକା, ୧୬ା୬ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ରବି ନାରାୟଣ ସାହୁ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମୋବାଇଲ ଭେଟେରିନାରୀ ୟୁନିଟ ବ୍ୟବହାର ଲାଗି ନିୟୋଜିତ ଏକ ବୋଲେରୋର ଭଡା ନବୀକରଣ ଲାଗି କାଗଜପତ୍ର ପ୍ରସ୍ତୁତ କରିବା ନିମନ୍ତେ ସେ ଗାଡି ମାଲିକଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ଉକ୍ତ ଟଙ୍କା ଜବତ କରିଛି। ଘଟଣାର ଅଧିକ ତଦନ୍ତ ଲାଗି ସାହୁଙ୍କୁ ଭିଜିଲାନ୍ସ ଟିମ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟକୁ ନେଇଛି। ଆସିକା ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ ଓ ଏହାସଂଲଗ୍ନ ବାସଗୃହ ଓ ଭୁବେନେଶ୍ୱରଠାରେ ସାହୁଙ୍କ ପରିବାର ରହୁଥିବା ଘରେ ଏକା ସମୟରେ ଚଢ଼ାଉ ଚାଲିଛି। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏ ନେଇ ନଂ.୭/୨୩ ରେ ଏକ ମାମଲା ରୁଜୁ କରାଯାଇଛି।



# ସୁଚିସ୍ମିତା ପିନ୍ଧିଲେ ରଜ କୁଇନ୍ ମୁକୁଟ

ଧର୍ମଶାଳା, ୧୬ା୬ (ବଟକୃଷ୍ଣ ପରିଡ଼ା)


ରଜ କୁଇନ୍ ବିଜେତା ସୁଚିସ୍ମିତାଙ୍କୁ ମୁକୁଟ ପିନ୍ଧାଇ ଟ୍ରଫି ଓ ସ୍କୁଟି ପ୍ରଦାନ କରାଯାଉଛି।

ଧର୍ମଶାଳା ବ୍ଲକ୍ ଅଧୀନ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ କୁଇନ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଧର୍ମଶାଳା ଗାର୍ଲସ ଉଇଙ୍ଗ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଅରେଇଣା ଗ୍ରାମର ସୁଚିସ୍ମିତା ରାୟ ଚଳିତ ବର୍ଷ ବିଜୟୀ ହୋଇ ରଜ କୁଇନ ମୁକୁଟ ପିନ୍ଧିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ଜୋନରେ ୨ ମାସ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୧୮୩୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଂଗୀତ, ର୍ୟାମ୍ପଶୋ', ବକ୍ତୃତା ଓ ଏକକ ଅଭିନୟ ଆଦି କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରୁଥିବା ପ୍ରତିଯୋଗୀଙ୍କୁ ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟ ଉତ୍ତୀର୍ଣ୍ଣ କରାଯାଇଥିଲା। ପଞ୍ଚାୟତସ୍ତରରୁ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଚୟନକର୍ତ୍ତା ସେମାନଙ୍କ ଦକ୍ଷତା ଆଧାରରେ ବ୍ଲକସ୍ତରକୁ ୧୦୮ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପ୍ରିକ୍ୱାର୍ଟର ଫାଇନାଲରେ ୧୦୮ ଜଣଙ୍କ ମଧ୍ୟରୁ କ୍ୱାର୍ଟରକୁ ୪୩ଜଣ, ସେମିଫାଇନାଲକୁ ୨୩ ଓ ଫାଇନାଲ ରାଉଣ୍ଡକୁ ୧୩ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇଥିଲେ।

ଗ୍ରାଣ୍ଡ ଫିନାଲେରେ ସଙ୍ଗୀତ ନିର୍ଦ୍ଦେଶକ ଦେବାଶିଷ ମଲ୍ଲିକ, ବବୁଲ ଖାନ, ସୁଚିସ୍ମିତା ମିଶ୍ର, ଖବରଦାତା ଅଖିଳ କୁମାର ସ୍ୱାଇଁ ଓ ଅବିନେଶ୍ୱର ଶତପଥୀ ବିଚାରକ ଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ କଳ୍ପତରୁ

## ରଜ କୁଇନ୍ ପ୍ରତିଯୋଗିତା

ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚଳଚ୍ଚିତ୍ର ଅଭିନେତା ଦୀପକ ବାରିକ ଓ ୨୦୨୨ର ରଜ କୁଇନ ବିଜେତା ଶୁଭଶ୍ରୀ ରାଉତ ଯୋଗଦେଇ ଚଳିତ ବର୍ଷର ରଜ କୁଇନ ବିଜେତା ସୁଚିସ୍ମିତାଙ୍କୁ ମୁକୁଟ ପିନ୍ଧାଇ ଟ୍ରଫି ଓ ଏକ ସ୍କୁଟି ପ୍ରଦାନ କରିଥିଲେ।

ଧର୍ମଶାଳା ରଜ କୁଇନ ପ୍ରତିଯୋଗିତାରେ ଥିବା ବକ୍ତୃତା, ନୃତ୍ୟ, ଗୀତ, ର୍ୟାମ୍ପଶୋ' ଓ ଏକକ ଅଭିନୟ ଏହି ୫ଟି ବିଭାଗରେ ଶ୍ରେଷ୍ଠ ବିଜେତା ଭାବେ ବକ୍ତୃତାରେ ସ୍ନେହା ମହାନ୍ତି, ନୃତ୍ୟରେ ସୋନାଲି ପଣ୍ଡା, ର୍ୟାମ୍ପଶୋରେ ସୁଭଦ୍ରା ବାରିକ, ସଂଗୀତରେ ସାଇଶ୍ରଦ୍ଧା ସ୍ୱାଇଁ ଏବଂ ଏକକ ଅଭିନୟରେ ସଂଗୀତା ସାହୁଙ୍କୁ ୫ ହଜାର ଟଙ୍କା ଅର୍ଥରାଶି ସହିତ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଯାଇଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଶ୍ରୀମୟୀ ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଭାମାନଙ୍କ ଉତ୍ତୋରତ୍ତର କାମନା କରିଥିଲେ। ଗାର୍ଲସ ଉଇଙ୍ଗ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ୍ର, ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ରସୁଲପୁର ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ସଭ୍ୟା ସ୍ମୃତିରେଖା ବେହେରା, ବିଜେଡି ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀ, ବିଜେଡି ମହିଳା ବ୍ଲକ ସଭାପତି ବିଶ୍ୱବନ୍ଦନା ଜେନା, ବ୍ଲକ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଯୁବନେତା ଅକ୍ଷୟ ନାୟକ, ପ୍ରଫୁଲ୍ଲ ସାହାଣୀ ଓ ଛାତ୍ର ସଭାପତି ଜଗଦାନନ୍ଦ ରାଉତଙ୍କ ସମେତ ବରିଷ୍ଠ, ଯୁବ, ଛାତ୍ର, ମହିଳା ଓ ଗାର୍ଲସ ୱିଙ୍ଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା'ମଙ୍ଗଳା ଷ୍ଟାର୍ କ୍ଲବର ରଜ ମହୋତ୍ସବ


ମହିଳା ଓ ଯୁବତୀମାନେ ରଜଦୋଳିର ମଜା ନେଉଛନ୍ତି।

କାଏମା, ୧୬ା୬ (ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମର କଦମପାଳ ହାଇସ୍କୁଲ୍ ପଡ଼ିଆଠାରେ ମା'ମଙ୍ଗଳା ଷ୍ଟାର୍ କ୍ଲବ୍ ତରଫରୁ ୮ମ ରଜ ମହୋତ୍ସବ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଓ ପରିଚାଳନା କମିଟି ଅଧ୍ୟକ୍ଷ ଇଂ. ସୂର୍ଯ୍ୟକାନ୍ତ ଜେନା ଏବଂ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି ଉତ୍ସବ ପାଳନ କରାଯାଇଛି। ଏଠାରେ ୩ଦିନ ଧରି ବିଭିନ୍ନ ପ୍ରକାରର ଦୋଳି ସାଙ୍ଗକୁ ପାନ ଖିଆ ଓ ପୋଡ଼ ପିଠା ଏବଂ ମୀନାବଜାର ଆଦିର ଆୟୋଜନ କରାଯାଇଥିଲା। ଝିଅମାନଙ୍କ ଦ୍ୱାରା ପୁଚିଖେଳ, ମ୍ୟୁଜିକ ଚେୟାର, ଝୋଟି, ଲୁଡୁ ଓ ମେହେନ୍ଦି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁଅମାନଙ୍କ ଦ୍ୱାରା ତାସ, ଗୁଡ଼ି ଆଦି ଖେଳ ଅନୁଷ୍ଠିତ ହେବା ସହିତ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ, ବକ୍ତୃତା, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ସାଜସଜ୍ଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ଲବ୍ ସମ୍ପାଦକ ରଞ୍ଜନ ଦାସ, ସଂଯୋଜକ ଉଦୟ ସାହୁ, ସହସମ୍ପାଦକ ନିରଞ୍ଜନ ପ୍ରଧାନ, ଚନ୍ଦ୍ରକାନ୍ତ ଜେନା ଓ ତପନ ପ୍ରଧାନ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଅଭିଯୁକ୍ତ ଯୁବକଙ୍କୁ କାବୁ କଲା ପୋଲିସ

ରାଜନଗର, ୧୬ା୬ (ଭାସ୍କର ରାଉତରାୟ)

## ୮୧ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଘଟଣା

୮୧ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଶୁକ୍ରବାର ଧରିବାରେ ସକ୍ଷମ ହୋଇଛି। ପୋଲିସ ଏହି ବଳାତ୍କାରୀକାରୀଙ୍କୁ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତାରେ ଗୋଡାଇ ଗୋଡାଇ ପଟ୍ଟାମୁଣ୍ଡାଇ ନିକଟରୁ ଧରିଛି। ପୋଲିସ ବଳାତ୍କାରୀକାରୀଙ୍କୁ ଧରିବା ପରେ ତାଙ୍କୁ ସଂସାରଫଳ ଛକକୁ ଆଣି ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ଯୁବକ ଜଣଙ୍କ ଅଭିଯୁକ୍ତ ବୋଲି ଚିହ୍ନଟ କରିଛି। ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ନିଆଯାଇ ଅଧିକ ପଚରା ଉଚରା କରାଯାଉଛି। ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଗ୍ରାମାଞ୍ଚଳ ଥାନାରେ ପହଞ୍ଚି ଅଧିକ ପଚରା ଉଚରା କରିବେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏ ନେଇ ଥାନାରେ ଦଫା ୩୭୬, ୩୭୯, ୫୦୬ରେ ନଂ. ୪୨୨/୨୩ରେ ମାମଲା ରୁଜୁ ହୋଇଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ଫେରାର ଯୁବକ ବ୍ୟବହାର କରିଥିବା ବାଇକକୁ ସିସିଟିଭି ଫୁଟେଜରେ ଚିହ୍ନଟ କରିଥିଲୁ। ଶୁକ୍ରବାର ସକାଳେ ରାଜକନିକା କଣ୍ଡିଆହାଟ ଫାଣ୍ଡି ଅଧିକାରୀ ସୌମ୍ୟ ରଞ୍ଜନ ଜାଲିଙ୍କ ସହ ରାଜନଗର-ପଟ୍ଟାମୁଣ୍ଡାଇ ତଳରାସ୍ତାର ଦୋଷିଆ ଛକ ନିକଟରେ ସମ୍ପୃକ୍ତ ଯୁବକ ଦ୍ରୁତଗତିରେ ଯାଉଥିବା ଲକ୍ଷ୍ୟ କରି ତାକୁ ଫଲୋ କରାଯାଇଥିଲା। ଫଳରେ ସେ ଅଧିକ ଯୋରରେ ବାଇକ୍ ଚଲାଇ ଯାଉଥିବା ବେଳେ ପଟ୍ଟାମୁଣ୍ଡାଇ କଲେଜକୁ ସଂଯୋଗ କରୁଥିବା ଉପର ରାସ୍ତା ପାଖରେ ଧରିବାରେ ସକ୍ଷମ ହୋଇଥିଲୁ। ତାର ଅପକର୍ମ ସମ୍ପର୍କରେ ସବୁ ତଥ୍ୟ ଆମେ ସଂଗ୍ରହ କରୁଛୁ। ଖୁବ୍‌ଶୀଘ୍ର ପୀଡିତା ୮୧ ବର୍ଷୀୟା ବୃଦ୍ଧାଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ପହିଲି ରଜ ସକାଳୁ ଏ ଘଟଣା ଘଟିବା ପରେ ସମଗ୍ର ରାଜନଗର-ପଟ୍ଟାମୁଣ୍ଡାଇବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୁରୁବାର ମହିଳା ମହାସଂଘର ଶତାଧିକ ସଦସ୍ୟା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବୃଦ୍ଧାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ, ରାଜନଗର-ପଟ୍ଟାମୁଣ୍ଡାଇ ତଳରାସ୍ତାର କନ୍ଥଣିଆ ଛକ ନିକଟରେ ୮୧ ବର୍ଷୀୟା ବୃଦ୍ଧା ଝିଅଘରକୁ ରଜଭାର ନେଇଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିବାବେଳେ ସମ୍ପୃକ୍ତ ଯୁବକ ବୃଦ୍ଧାଙ୍କୁ ଲିଫ୍ଟ ଦେଇ ମଦନପୁର କଟ୍‌ରେ ବଳାତ୍କାର କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫୋପାଡି ଫେରାର ହୋଇଯାଇଥିଲେ।

# ଓଡ଼ିଆ ପର୍ବପର୍ବାଣି ମଧ୍ୟରେ ରଜ ଏକ ନିଆରା ପର୍ବ


ରଜ ମହୋତ୍ସବରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ଆଳି, ୧୬ା୬ (ବନମାଳୀ ସେନାପତି)

ଓଡ଼ିଶାର ଜନସାଧାରଣ ବାରମାସରେ ୧୩ ପର୍ବ ପାଳନ କରନ୍ତି। ଏହା ଆମର ସଂସ୍କୃତି, ପରମ୍ପରା। ସମସ୍ତ ପର୍ବର ଭିନ୍ନ ଐତିହ୍ୟ, ଭିନ୍ନ ଇତିହାସ ଅଛି। କେବଳ ସେତିକି ନୁହେଁ, ପ୍ରତ୍ୟେକ ପର୍ବପର୍ବାଣି ପଛରେ କିଛି ବୈଜ୍ଞାନିକ କାରଣ ମଧ୍ୟ ରହିଛି ବୋଲି ଆମ ପୂର୍ବସୁରୀମାନେ କହିଛନ୍ତି। ପର୍ବପର୍ବାଣି ସ୍ଥିର କଲାବେଳେ ଭବିଷ୍ୟତ ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀକୁ ସୁଦୂରପ୍ରସାର କରିଥିଲେ। ଯାହାର ସୁଫଳ ଆଜିର ପିଢ଼ି ଉପଭୋଗ କରୁଛି। ସେହି ପରିପ୍ରେକ୍ଷୀରେ ଆଜିର ଏହି ରଜ ଏକ ନିଆରା ଗଣପର୍ବ ହୋଇପାରିଛି, ଯାହା ଅନ୍ୟ କୌଣସି ପ୍ରଦେଶର ଦେଖାଯାଏନାହିଁ। ଆମେ ଭୁଲିଯାଉଥିବା ପରମ୍ପରାକୁ ମନେପକାଇ ଦେବାକୁ ଏହା ଏକ ନିଆରା ପ୍ରୟାସ। ସବୁକ୍ଷେତ୍ରରେ ମା'ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ମହିଳାମାନଙ୍କ ବିକାଶ ହେଲେ ଏ ଜାତି ବିକଶିତ ହେବ। ଆମ୍ଭେମାନେ ଗୌରବାନ୍ୱିତ ହେବା ବୋଲି ଆଳି ବ୍ଲକ ନୂଆପଡ଼ାଠାରେ ଆୟୋଜିତ ରଜ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଶକ୍ତି, ଶିଳ୍ପ, ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ୨ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପୂର୍ବତନ ସରପଞ୍ଚ ସବ୍ୟସାଚୀ ବିଶ୍ୱାଳ, ନୂଆପଡ଼ା ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତିସଭ୍ୟା ବବିତା ବେହେରା, ନୀଳମଣି ବେହୁରା, ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା, ପୂର୍ବତନ ସରପଞ୍ଚ କୁଳମଣି ମଲିକ ପ୍ରମୁଖ ରଜ ମହୋତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଭଳି ଏକ ପରମ୍ପରା ହଜିଯିବାକୁ ବସିଥିବା ବେଳେ ଏହାକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ସରପଞ୍ଚ ପ୍ରତିନିଧି ରଞ୍ଜିତ ବେହେରାଙ୍କ ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଯୁବତୀଯୁବକ, ମହିଳାପୁରୁଷ ସାମିଲ ହୋଇଥିଲେ।

# ମାଂସ ଚକୁଳି ପିଠାରେ ମହକିଲେ ଆଦିବାସୀ ସାନ୍ତାଳ

ମହାକାଳପଡ଼ା, ୧୬ା୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଖେଳକୁଦ, ନୃତ୍ୟ, ସଙ୍ଗୀତ ତାଳେ ତାଳେ ମଜିଲେ
- ଆଦିବାସୀ ସାନ୍ତାଳି, ଶବରମାନଙ୍କ ରଜପର୍ବ ଅନୁଷ୍ଠିତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଦିବାସୀ ଅଧ୍ୟୁଷିତ ଖରିନାସି ପଞ୍ଚାୟତର ୧୨ ନମ୍ବର ଗ୍ରାମର ସାନ୍ତାଳ ଆଦିବାସୀ ସମ୍ପ୍ରଦାୟର ଲୋକେ ୩ ଦିନ ଧରି ରଜପର୍ବ ପାଳନ କରିଛନ୍ତି। ଏହି ଅବସରରେ ଗ୍ରାମର ଆବାଳବୃଦ୍ଧବନିତା ମିଳିତ ହୋଇ ବନ୍ଧୁ ପରିଜନମାନଙ୍କ ସହିତ ଗାଁ ପଡ଼ିଆରେ ଖେଳକୁଦରେ ମଜି ରହିଥିଲେ। ନୂତନ ବସ୍ତ୍ର ପରିଧାନ କରିବା ସହ ଘରେ ଘରେ ବିଭିନ୍ନ କିସମର ପିଠାପଣା ତଥା ଅଟାରେ ମିଶ୍ରଣ କରାଯାଇ ମାଂସରେ ଚକୁଳି ପିଠା ବା ଆଦିବାସୀଙ୍କ ଭାଷାରେ ସୁକୁରି ପିଠା ପ୍ରସ୍ତୁତ କରି ଇଷ୍ଟଦେବତାଙ୍କୁ ସମର୍ପଣ କରାଯାଏ। ପରେ ମିଳିତ ହୋଇ ପରିବାର ଲୋକେ ଖାଇଥାନ୍ତି।

ରଜପର୍ବକୁ ଆଦିବାସୀମାନେ ୩ ଦିନ ଧରି ପାରମ୍ପରିକ ଭାବେ ପାଳନ କରନ୍ତି। ତେବେ ଆବାଳବୃଦ୍ଧାବୃଦ୍ଧ, ମହିଳାପୁରୁଷ, ଯୁବତୀଯୁବକ, ଶିଶୁମାନେ ହାତକୁ ହାତ ଛନ୍ଦି ପାରମ୍ପରିକ ବେଶରେ ନୃତ୍ୟ ଗୀତରେ ମସ୍‌ଗୁଲ ହୋଇଥାନ୍ତି। କବାଡ଼ି, ବୋହୂଚୋରି, ଦୌଡ଼ ପ୍ରତିଯୋଗିତା, ଦଉଡ଼ି ଡିଆଁ, ଗଦି ଖେଳ ଆଦି ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଦୀନବନ୍ଧୁ ମୁର୍ମୁ, ଶ୍ରୀମନ୍ତ ମାରାଣ୍ଡି, ରହିଆ ହେମ୍ବ୍ରମ୍, ଜଗୁ ହାଁସ୍‌ଦା, ସୁରେଖା ମୁର୍ମୁ, ରୁଇବାରି ମାରାଣ୍ଡି ପ୍ରମୁଖଙ୍କ ସମେତ ଗ୍ରାମର ଯୁବକମାନଙ୍କ ସହଯୋଗରେ ରଜପର୍ବ ପାଳନ କରାଯାଇଛି। ସେହିପରି ବ୍ଲକର ଅନ୍ୟ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଅଧ୍ୟୁଷିତ ଗ୍ରାମ ମଧ୍ୟରେ ସିଂପଡ଼ା, ପଦ୍ମମାଇଲି, ଜମ୍ବୁ ଆଦିବାସୀପଡ଼ା, ପାଣିଖିଆ ସାନ୍ତାଳ ଆଦିବାସୀପଡ଼ା, ଲୁଣି ମାଠିଆ ଆଦିବାସୀପଡ଼ା, କଙ୍ଗଲ ଘେରି ଓ ରାମଚଣ୍ଡୀ ଶବରପଡ଼ା ଆଦି ଗ୍ରାମରେ ପାରମ୍ପରିକ ରଜପର୍ବ ଅନୁଷ୍ଠିତ ହୋଇଯାଇଛି।


ବ୍ଲକର ଆଦିବାସୀ ଅଧ୍ୟୁଷିତ ୧୨ ନମ୍ବର ଆଦିବାସୀପଡ଼ାରେ ରଜପର୍ବ ଅବସରରେ ଖେଳକୁଦ ପ୍ରତିଯୋଗିତା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁଶୀଲ


@ ସୂର୍ଯ୍ୟକାନ୍ତ


@ ପରେଶ


@ ମାନସ


@ ସୋମନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବା ତୋଳିବାକୁ ଯାଇ ଚାଷୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, ୧୬ା୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅନ୍ତର୍ଗତ ସିକୋ ପଞ୍ଚାୟତ ଡାଳିକାଏନ୍ଦା ଗ୍ରାମରେ ଶୁକ୍ରବାର ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଡାଳିକାଏନ୍ଦା ଗ୍ରାମର ରମାକାନ୍ତ ସ୍ୱାଇଁ(୬୦)। ପ୍ରତିଦିନ ଭଳି ରମାକାନ୍ତ ଭୋର ସମୟରେ ଘର ପାଖରେ ଥିବା ତାଙ୍କ ଚା ଦୋକାନ ଖୋଲିଥିଲେ। ୭ଟା ସମୟରେ ସବୁଦିନ ପରି ପରିବା ତୋଳିବାକୁ ବିଲକୁ ଯାଇଥିଲେ। ପରିବା ତୋଳି ପ୍ରାୟ ୯ଟା ବେଳକୁ ଘରକୁ ଆସି ଦେହମୁଣ୍ଡ କ'ଣ ହେଉଯାଉଛି ବୋଲି କହିବାରୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ରମାକାନ୍ତଙ୍କ ଦୁଇ ପୁଅ ଥିବାବେଳେ, ସ୍ତ୍ରୀ ପୂର୍ବରୁ ମୃତ୍ୟୁ ଘଟିଛି। ସେ ଜଣେ ଗରିବ ଚାଷୀ। ଚାଷକରି ଜୀବନଜୀବିକା ପ୍ରତିପୋଷଣ କରି ଆସୁଥିବା ରମାକାନ୍ତ ପ୍ରାୟ ୨ ଏକର ପରିବା ଚାଷ କରିଥିଲେ। ପରିବା ତୋଳି ସ୍ଥାନୀୟ ବଜାରକୁ ବିକ୍ରି କରିବାକୁ ଯାଇଥାନ୍ତେ ବୋଲି ପରିବାର ଲୋକ କହିଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ, ଅଶୁଂଘାତ ଯୋଗୁ ହୋଇଛି ବୋଲି ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଗରିବ ଚାଷୀ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ସହ ଗ୍ରାମବାସୀ ଦାବି କରିଛନ୍ତି।

# ପୋଖରୀ ପାଲଟିଛି ରୋଜଗାରର ଉତ୍ସ



ରଣପୁର ବ୍ଲକ ଚମ୍ପାଗଡ଼ ଗ୍ରାମ ପୋଖରୀ।

ନୟାଗଡ଼/ରଣପୁର,୧୬।୬(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

- ଭିଜିଲାନ୍ସ ତଦନ୍ତ ସତ୍ତ୍ୱେ ପୁଣି ନୂଆ ଯୋଜନାରେ ସାମିଲ
- ପୁରୁଣା ଫଳକରେ ରଙ୍ଗ ବୋଳି ପୁଣି ନୂଆ ଯୋଜନା
- ଭିନ୍ନ ଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି କରାଯାଇଛି ମିଥ୍ୟା ବିଲ୍
- ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚାଲିଛି ଭିଜିଲାନ୍ସ ତଦନ୍ତ
- ତଦନ୍ତ ବଦଳରେ ଦୁର୍ନୀତିକୁ ଚାପିବାକୁ ପ୍ରୟାସ ପରେ ପୁଣି ଫେରାଦ

ନୟାଗଡ଼ ଜିଲା ରଣପୁର ବ୍ଲକ ଚମ୍ପାଗଡ଼ ପଞ୍ଚାୟତ ଚମ୍ପାଗଡ଼ ଗ୍ରାମ ପୋଖରୀ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ପାଲଟିଛି ରୋଜଗାରର ଉତ୍ସ। ଏଠାରେ ପୋଖରୀକୁ ଭିନ୍ନ ଭିନ୍ନ ଯୋଜନାରେ ସାମିଲ କରି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଅନୁଦାନ ଆତ୍ମସାତ୍ କରାଯିବା ଭଳି ଅଭିଯୋଗ ହୋଇଆସୁଛି। ପୋଖରୀ କାର୍ଯ୍ୟରେ ଫଲ୍‌ସ ବିଲ୍‌ର ଅଭିଯୋଗ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ତଦନ୍ତ ସତ୍ତ୍ୱେ ପୁଣି ନୂଆ ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ବାଧା ନାହିଁ। ଏପରି କି ପୁରୁଣା ଫଳକ ଉପରେ ରଙ୍ଗ ବୋଳି ପୁଣି ନୂଆ ଯୋଜନାରେ ଅନୁଦାନ ମଞ୍ଜୁର କରି କାମ ଆରମ୍ଭ ହୋଇଛି। ଏହି ପୋଖରୀ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା ବଦଳରେ କିପରି ଏହା ଛପିଯିବ ସେନେଇ ବିଧିବଦ୍ଧ ବ୍ୟବସ୍ଥା କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ବାସିନ୍ଦା ଏଭଳି ଘଟଣାରେ ଚୁପ୍ ନ ରହି ପୁଣି ରଣପୁର ବିଡିଓ, ନୟାଗଡ଼ ଜିଲାପାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ, ଉପଜିଲାପାଳ, ଭିଜିଲାନ୍ସ ଡିଏସ୍‌ପି, ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ଫେରାଦ୍ ହୋଇ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ ଚମ୍ପାଗଡ଼ ଗ୍ରାମ ପୋଖରୀର ପୁନରୁଦ୍ଧାର ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୯ ଲକ୍ଷ ୯୦ ହଜାର ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଅନୁଦାନ ଯୋଗାଇ ଦିଆଯାଇଛି। ଏହାର ଫଳକ ଲଗାଯାଇଥିଲେ ବି ତାହା ସ୍ପଷ୍ଟ ଦେଖାଯାଉନି। ଏହି ପୋଖରୀ ପାଇଁ ପୁଣି ଅନ୍ୟ ଯୋଜନାରୁ ଅର୍ଥ ମଞ୍ଜୁର କରାଯାଇ ଫଲ୍‌ସ ବିଲ୍ ହୋଇଛି। ଏଭଳିସ୍ଥଳେ ଏହାର ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲାନାହିଁ। ଶେଷରେ ଚମ୍ପାଗଡ଼ର ଗଣେଶ୍ୱର ମାନ୍ଧାତା ହାଇକୋର୍ଟର ଆଶ୍ରୟ ନେବା ପରେ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଭିଜିଲାନ୍ସ ମାମଲା ରୁଜୁକରି ଏହାର ତଦନ୍ତ କରୁଛି। ତେବେ ଭିଜିଲାନ୍ସ ତଦନ୍ତ ବେଳେ ପ୍ରକଳ୍ପକୁ ଅମୃତ ସରୋବର ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ସାମିଲ କରି ପୁଣି ୧୦ ଲକ୍ଷ ୨ ହଜାର ମଞ୍ଜୁର ହୋଇଛି। ପୁରୁଣା ନାମଫଳକରେ ରଙ୍ଗ ବୋଳି ଅମୃତ ସରୋବରର ସୂଚନା ଦିଆଯାଇଛି। ପୂର୍ବରୁ ଯେଉଁ କାମ ହୋଇଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ଅଭିଯୋଗକାରୀ ଚମ୍ପାଗଡ଼ର ଗଣେଶ୍ୱର ମାନ୍ଧାତା କୁହନ୍ତି, ଚମ୍ପାଗଡ଼ ପୋଖରୀରେ ହୋଇଥିବା ଫଲ୍‌ସ ବିଲ୍, ସରକାରୀ ଅର୍ଥ ଆତ୍ମସାତ୍‌ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯାଉଛି। ଏପରିକି ହାଇକୋର୍ଟର ଆଶ୍ରୟ ନେବା ପରେ ମଧ୍ୟ ଏହାର ଦୁର୍ନୀତି ତଦନ୍ତ ହୋଇପାରୁନି। ଭିଜିଲାନ୍ସର ତଦନ୍ତ ସମୟରେ ପୁଣି ପୋଖରୀକୁ ନୂଆ ଯୋଜନାରେ ସାମିଲ ପରେ ଏହାର ଅନିୟମିତତା ପଦାକୁ ନ ଆସିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଆମେ ବାରମ୍ବାର ଅଭିଯୋଗ କରିଆସିଛୁ। ଦୁର୍ନୀତିର ପର୍ଦ୍ଦାଫାଶ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରଣପୁର ବ୍ଲକ ଯନ୍ତ୍ରୀ ବସନ୍ତ ସାହୁଙ୍କୁ ପଚାରିବାରେ ଭିଜିଲାନ୍ସ ତଦନ୍ତ ହେଉ କି କାର୍ଯ୍ୟରେ ମାମଲା, ନୂଆ ଅନୁଦାନରେ କାମ କରିବାରେ କିଛି ବାଧକ ନାହିଁ।

## ପୁରୁଣା କୋଡ୍ ଲିଭାଇ ନୂଆ କୋଡ୍‌ରେ ବିଲ୍ ଉଦ୍ୟମ



କିଆଝର ନାମ ଫଳକରେ କୋଡ୍ ନମ୍ବର ବଦଳା ହୋଇଛି।

ଖଣ୍ଡପଡ଼ା ବ୍ଲକ କିଆଝର ମହାଦେବ ମନ୍ଦିର ପାର୍ଶ୍ୱ ପୋଖରୀର କାମ ନ କରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୦ ଲକ୍ଷ ଟଙ୍କାର ବିଲ୍ କରି ନେବା ପାଇଁ ଉଦ୍ୟମ ହୋଇଥିଲା। ଏ ନେଇ ଅଭିଯୋଗ ପରେ ନୟାଗଡ଼ ଭିଜିଲାନ୍ସ ପକ୍ଷରୁ ମେ' ୯ରେ ତଦନ୍ତ କରାଯାଇ ଫାଇଲ ଜବତ କରାଯାଇଥିଲା। ତେବେ ଭିଜିଲାନ୍ସ ଫାଇଲ ଜବତ କରିବା ପରେ ୨୦୨୩ ମେ' ୧୦ରେ ଏମ୍‌ଜିଏନ୍ ଆରଇଜିଏସ୍‌ର ପୁରୁଣା କୋଡ୍ ୨୪୨୨୦୦୫/ଡବ୍ଲୁଏଚ୍/୧୦୪୯୩୩୫୪କୁ ସୂଚନା ଫଳକରୁ ଲିଭାଯାଇ ନୂଆ କୋଡ୍ ୨୪୨୨୦୦୬୦୦୫/ଡବ୍ଲୁଏଚ,/୧୦୪୯୩୩୫୪ ଉଲ୍ଲେଖ କରାଯାଇଛି। ପରବର୍ତ୍ତୀ ସମୟରେ ବିଲ୍ ପାଇଁ ଉଦ୍ୟମ ହୋଇଛି। ଭିଜିଲାନ୍ସ ତଦନ୍ତ ବେଳେ କିପରି ଯୋଜନାର କିଛି ସୂଚନା ବଦଳାଯାଉଛି ସେନେଇ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସନ୍ଦେହକୁ ଆସିଛନ୍ତି।

# ଦନ୍ତାହାତୀ ଆସିବା ବାଟରେ ଫେରିଗଲା

- ଜିଲାପାଳ, ଡିଏଫ୍‌ଓଙ୍କ ବାସଭବନ ସମ୍ମୁଖରେ ବୁଲୁଥିଲା
- ରାଜା ଶାସନ ପରେ ନୟାଗଡ଼ ସହରରେ ଉପଦ୍ରବ ନ ଥିଲା

ନୟାଗଡ଼,୧୬।୬(ଲୋକନାଥ ମିଶ୍ର)



ହାତୀ ଜିଲାପାଳଙ୍କ ଆବାସ କାର୍ଯ୍ୟାଳୟ ସମ୍ମୁଖ ଡିଆରଡିଏ ରାସ୍ତାରେ।



ହାତୀ ଘଉଡାଇବା ପାଇଁ ବନ କର୍ମଚାରୀ ଜଗି ରହିଛନ୍ତି।

ନୟାଗଡ଼ ସହରର ରୁଖି ସଂରକ୍ଷିତ ଜଙ୍ଗଲ ଓ ଡିଆରଡିଏ ରାସ୍ତାରେ ଦେଖା ଦେଇଥିବା ଦନ୍ତା ହାତୀ ପୁଣି ଆସିବା ବାଟରେ ଶୁକ୍ରବାର ରାତି ୯ଟାରେ ଶୁଳିଆ ଜଙ୍ଗଲକୁ ଫେରି ଯାଇଛନ୍ତି। ନୟାଗଡ଼ ସହର ରୁଖି, ବଳରାମ ଓ ଯଜାଙ୍ଗୀ ପାହାଡ଼ ପାଦଦେଶରେ ଗଢ଼ି ଉଠିଥିବାରୁ ରାଜା ଶାସନ ସମୟରେ ନୟାଗଡ଼ରେ ହାତୀ ଉପଦ୍ରବ ଲାଗି ରହିଥିଲା। ସେ ସମୟରେ ଜଙ୍ଗଲ ଭରପୂର ଥିଲା। ଦେଶ ସ୍ୱାଧୀନତା ପରେ ଜଙ୍ଗଲ ହ୍ରାସ ଓ ଜନବସତି ବଢ଼ିବାରୁ ହାତୀଙ୍କ ବାସସ୍ଥଳ ବଦଳି ଯାଇଥିଲା। ନୟାଗଡ଼ ସହରରେ ହାତୀଙ୍କୁ ଦେଖିବାକୁ ମିଳୁ ନ ଥିଲା। ଶୁକ୍ରବାର ଭୋରୁ ଏକ ଦନ୍ତାହାତୀ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଶୁଳିଆ ଜଙ୍ଗଲରୁ ବିରାଡ଼ିସାହି, ମକ୍ତାପୁର, ଶାଳଭଞ୍ଜ ଜଙ୍ଗଲ ଦେଇ ନୟାଗଡ଼ ସହରର ଡିଆରଡିଏ ରାସ୍ତାରେ ବୁଲୁଥିଲା। ପରେ ରୁଖି ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇଥିଲା। ଅପରାହ୍ନ ଓ ସନ୍ଧ୍ୟାରେ ହାତୀ ମହର୍ଷି ସ୍କୁଲ, ଜିଲାପାଳଙ୍କ ଆବାସ କାର୍ଯ୍ୟାଳୟ ଓ ଡିଏଫ୍‌ଓଙ୍କ ସରକାରୀ ବାସଭବନ ସମ୍ମୁଖ ଡିଆରଡିଏ ରାସ୍ତାରେ ବୁଲି ଥିଲା। ନୟାଗଡ଼ ସହରରୁ ହାତୀ ଘଉଡ଼ାଇବା ପାଇଁ ଡିଏଫ୍‌ଓ ଏକ ୩୦ ଜଣିଆ ଟିମ୍ ଗଠନ କରିଥିଲେ। ଏଥିରେ ଏକ ୬ ଜଣିଆ ରାପିଡ ଆକ୍ସନ ଟିମ୍, ମହିପୁର ରେଞ୍ଜର ୬ କର୍ମଚାରୀ, ନୟାଗଡ଼ ରେଞ୍ଜର ବନ କର୍ମଚାରୀ ନିୟୋଜିତ ହୋଇଥିଲେ। ଦିନତମାମ ହାତୀକୁ ଖୋଜାଯାଇ ରାତିରେ ହାତୀକୁ ଘଉଡ଼ା ଯାଇଛି। ହାତୀଟି ଆସିଥିବା ବାଟ ଦେଇ ପ୍ରଥମେ ରୁଖୀ ଜଙ୍ଗଲରୁ ବାହାରି ଶାଳଭଞ୍ଜ ଜଙ୍ଗଲ, ମୁକ୍ତାପୁର, ଭାଟସାହି, ବିରାଡିସାହି ଦେଇ ପୁଣି ଶୁଳିଆ ଜଙ୍ଗଲକୁ ଚାଲି ଯାଇଛି। ଗଲାବେଳେ କେବଳ ଭାଟ ସାହି ଦେଇ କେବଳ ନୂଆ ଜାଗା ଦେଇ ଯାଇଥିଲା।

## ୩୯ ହାତୀ ନୟାଗଡ଼ର ୨ ବନଖଣ୍ଡରେ

ନୟାଗଡ଼ ବନଖଣ୍ଡରେ ୧୪ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୨୫ ହାତୀ ଏପରି ୨ ବନଖଣ୍ଡରେ ୩୯ ହାତୀ ବୁଲୁଛନ୍ତି। ଏ ନେଇ ଡିଏଫ୍‌ଓ କ୍ଷମା ଷଡଙ୍ଗୀ କୁହନ୍ତି, ହାତୀ ରୁଖୀ ଜଙ୍ଗଲର ଏକ ନାଳ ନିକଟରେ ଅଟକି ରହିଥିଲା। ହାତୀକୁ ଖୋଜି ଜଣା ନ ପଡ଼ିବାରୁ ଡ୍ରେନ କ୍ୟାମେରାର ସହଯୋଗ ନିଆଯାଇଥିଲା। ଡ୍ରୋନ କ୍ୟାମେରା ବୁଲିବା ପରେ ହାତୀ ନାଳ ନିକଟରେ ଥିବା ଜଣାପଡ଼ିଥିଲା। ଡ୍ରୋନ କ୍ୟାମେରାର ଶବ୍ଦ ଶୁଣି ହାତୀ ଗର୍ଜନ କରି ଡିଆରଡିଏ ରାସ୍ତାରେ ଏପାଖ ସେପାଖ ହୋଇଥିଲା। ପରେ ଆସିବା ବାଟ ଦେଇ ଫେରି ଯାଇଛି। ନୟାଗଡ଼ ବନଖଣ୍ଡରେ ୧୪ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୨୫ ହାତୀ ଏପରି ଦୁଇ ବନଖଣ୍ଡରେ ୩୯ ହାତୀ ବୁଲୁଛନ୍ତି। ନୟାଗଡ଼ ବନଖଣ୍ଡରେ ପଞ୍ଚରିଡ଼ା ରେଞ୍ଜରେ ୮ଟି ହାତୀ ରହିଥିବାବେଳେ ମହିପୁର ରେଞ୍ଜରେ ୫ଟି ହାତୀ ଅଛି। ନୟାଗଡ ରେଞ୍ଜର ଶୁଳିଆ ଜଙ୍ଗଲରେ ବୁଲୁଥିବା ହାତୀ ନୟାଗଡ଼ ସହରକୁ ଚାଲି ଆସିଥିଲା। ଅନ୍ୟପକ୍ଷେ ୮ ହାତୀ ବୌଦ୍ଧ ସୀମାନ୍ତରେ ବୁଲୁଥିବାବେଳେ ବେଳେ ବେଳେ ଏମାନେ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅଞ୍ଚଳକୁ ଚାଲି ଆସୁଛନ୍ତି। ସେହିଭଳି ଶୁକ୍ରବାର କିଛି ହାତୀ ମହାନଦୀ ବନ୍ୟ ପ୍ରାଣୀ ବନଖଣ୍ଡକୁ ଆସିଥିବା ଜଣାପଡ଼ିଛି।

## ଅଘୋଷିତ ବିଜୁଳି କାଟ ବିରୋଧରେ ଭାଜପାର ବିକ୍ଷୋଭ

ରଣପୁର, ୧୬।୬ (ସୁକାନ୍ତ କିଶୋର ଡାକୁଆ)

ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ-ଭୋଲ୍‌ଟେଜ୍ ଗ୍ରାହକ ଶୋଷଣ ନୀତି ବିରୋଧରେ ନୟାଗଡ଼ ଜିଲା ରଣପୁର ଭାଜପା ମଣ୍ଡଳ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଚାନ୍ଦପୁର ଟାଟା ପାୱାର ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷରେ ଜିଲା ଭାଜପା ସମ୍ପାଦକ ତାପସ ରଞ୍ଜନ ମାର୍ଥାଙ୍କ ନେତୃତ୍ୱରେ ପ୍ରତିବାଦ ଓ ବିକ୍ଷୋଭ କରାଯାଇଥିଲା। ସେଠାରେ ଲକ୍ଷ୍ମୀପ୍ରିୟା ଭୋଇ ଓ ଅନସୂୟା ସାହୁଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ରଣପୁର ପୂର୍ବତନ ବିଧାୟିକା ସୁରମା ପାଢ଼ୀ ଯୋଗଦେଇ ଟାଟା ପାୱାରର ମନମୁଖି ବିଦ୍ୟୁତ୍ କାଟ ଜନିତ ଗ୍ରାହକ ଶୋଷଣ ନୀତିକୁ ନିନ୍ଦା କରିଥିଲେ। ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ସାଧାରଣ ଜନତା ଓ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ରାଜ୍ୟ ଶକ୍ତିମନ୍ତ୍ରୀ ଏ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ସେ ଇସ୍ତଫା ଦେବାକୁ ସୁରମା ଦାବି କରିଥିଲେ। ବିଦ୍ୟୁତ୍ ଭିତ୍ତିଭୂମି ସଜାଡ଼ିବା ପାଇଁ କେନ୍ଦ୍ରରୁ ଚଳିତ ଦଶନ୍ଧିରେ ୨୦ ହଜାର କୋଟି ଟଙ୍କା ଆସିଥିଲା। ସେ ଟଙ୍କା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିବା ସହିତ ରାଜ୍ୟ ସରକାରଙ୍କୁ ନିନ୍ଦା କରିବା ସହ ଟାଟା ପାୱାରକୁ ସମାଲୋଚନା କରି ଥିଲେ। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତ୍ରୀବତର ହେବ ବୋଲି କହିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶୀଲ



@ ସୂର୍ଯ୍ୟକାନ୍ତ



@ ପରେଶ



@ ମାନସ



@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଘରୋଇ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ପରେ ନୂଆଗାଁ ବ୍ଲକ ଆଦିବାସୀ ଗ୍ରାମରେ ଅଲୋଡ଼ା ହୋଇ ପଡିରହିଛି ଉଜ୍ଜଳା ଯୋଜନାରେ ମିଳିଥିବା ଗ୍ୟାସ୍ ସିଲିଣ୍ଡର।



ଦଶପଲ୍ଲାରେ ପିଲାମାନଙ୍କ ରଥ ପ୍ରସ୍ତୁତ। ଏଥିରେ ଦଧିବାମନ ରଥାରୂଢ଼ ହେବେ।



ରଜ ଲାଗି ନୟାଗଡ଼ ବଲାଙ୍ଗୀ ପାର୍କରେ ଭିଡ଼।

## ସଂକ୍ଷେପରେ

### ବିଦ୍ୟୁତ୍ ବିଭାଗ ଜାଗାରେ ଗୃହ ନିର୍ମାଣ ଉଚ୍ଛେଦ ପାଇଁ ମିସ୍‌କେସ୍ ଦାଖଲ କଲେ ସହ ନିର୍ବାହୀଯନ୍ତ୍ରୀ

**କେନ୍ଦ୍ରାପଡ଼ା, ୧୬।୬(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ଏବେ ଜବରଦଖଲକାରୀଙ୍କର ଭୂସ୍ୱର୍ଗ ପାଲଟିଛି। ପଟ୍ଟାମୁଣ୍ଡାଇ ସହର ଭିତରେ ଥିବା ବିଦ୍ୟୁତ୍ ବିଭାଗ ସରକାରୀ ଜାଗାଗୁଡ଼ିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଅକ୍ତିଆର କରି ତାକୁ ପ୍ଲଟିଂ କରି କୋଠା ବାଡି କରୁଛନ୍ତି। ଏହି ମୂଲ୍ୟବାନ ଜାଗାକୁ ସ୍ଥାନୀୟ ଲୋକ ନିଜ ନାମରେ ରେକର୍ଡ ଭୁକ୍ତ କରାଇ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଯାହାକୁ ନେଇ ବିଦ୍ୟୁତ୍ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଏହାର ନିରାକରଣ ନିମନ୍ତେ କ୍ରିମିନାଲ ମିସ୍‌କେଶ ଦାଖଲ କରିଛନ୍ତି। ସୁଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ବେଲତଳ ମୌଜାର ସାବକ ପ୍ଲଟ ନଂ. ୧୦୭୬, ଏରିଆ ଏ୧.୭୨ ଉପରେ ୧୯୬୩ ମସିହାରୁ ପାଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଚାଲିଛି। ସ୍ଥାନୀୟ କେତେଜଣ ବ୍ୟକ୍ତି ଏହାକୁ ନିଜ ନାମରେ ବନ୍ଦୋବସ୍ତ ଚକବନ୍ଦୀରେ ରେକର୍ଡ କରାଇ ନେଇଛନ୍ତି। ସେମାନେ ଉକ୍ତ ବିଦ୍ୟୁତ୍ ଅଫିସକୁ ଅକ୍ତିଆର କରି ସେଠାରେ ଥିବା ଗୃହକୁ ଜୋର ଜବରଦସ୍ତ ଭାଙ୍ଗି ନୂତନ ଗୃହ ନିର୍ମାଣ କରି ଚାଲିଥିବା ଅଭିଯୋଗ ହୋଇଛି। ଦୀର୍ଘ ୬୦ ବର୍ଷ ଧରି ସରକାରୀ ଜାଗାରେ ବିଦ୍ୟୁତ୍ ସବ୍ ଡିଭିଜନ ଅଫିସ, ସବ୍‌ଷ୍ଟେଶନ, ଗୋଦାମ ଗୃହ ଏସ୍‌ଡିଓଙ୍କ ସେକ୍‌ସନ ଅଫିସ ଆଦି ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ମାତ୍ର ବିଦ୍ୟୁତ୍ ବିଭାଗ ଜାଗାରେ ଜଣେ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ଚଳାଉଥିବା ନେଇ ଏସ୍‌ଡିଓ ସ୍ମୃତି ରଞ୍ଜନ ରଥ ଏହାର ନିରାକରଣ ନିମନ୍ତେ ସେମାନଙ୍କୁ ଏତାଦୃଶ୍ୟ କାର୍ଯ୍ୟ ବନ୍ଦ କରିବାକୁ କେନ୍ଦ୍ରାପଡା ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା ରୁଜୁ କରିବା ସହ ପଟ୍ଟାମୁଣ୍ଡାଇ ତହସିଲଦାର ସରହଦବନ୍ଦି କରିବା ସହ ଥାନା ପକ୍ଷରୁ ସୁରକ୍ଷା ପ୍ରଦାନ ଲାଗି ପ୍ରାର୍ଥନା କରିଥିବା ଜଣାପଡ଼ିଛି।

### ବନ୍ଧୁତା ଏକ ଶବ୍ଦ ନୁହେଁ, ଏକ ଅନୁଭବ

**ମାର୍ଶାଘାଇ,୧୬।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ଏକ ସୁନ୍ଦର ହୃଦୟ, ଯାହା କେବେ ଘୃଣା କରେନି। ମୁହଁରେ ଖୁସିଭରା ହସ ଯାହା କେବେ ଫିକା ପଡ଼େନି । ବନ୍ଧୁତା ଏକ ଶବ୍ଦ ନୁହଁ, ଏକ ଅନୁଭବ। ଯାହାର ଆରମ୍ଭ ଅଛି ମାତ୍ର ଶେଷ ନାହିଁ। ଯାହା କେବେ ଦୁଃଖ ଦିଏନି। ଗୋଟେ ସମ୍ପର୍କ ଯାହା କେବେ ଭାଙ୍ଗେନି ବୋଲି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନିପଡ଼ା ମଧ ଇଂରାଜୀ ବିଦ୍ୟାଳୟର ୧୯୮୭ ସପ୍ତମ ଶ୍ରେଣୀ ବ୍ୟାଚ ଛାତ୍ରୀଛାତ୍ର ମତ ପ୍ରକାଶ କରିଛନ୍ତି। ଓଲାଶୁଣୀ ଗୁମ୍ଫାଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ଦୀର୍ଘ ୩୬ ବର୍ଷ ପରେ ଏହା ହୋଇଥିବାରୁ ଖୁସି ପ୍ରକଟ ସହ ନିଜ ନିଜ ଭିତରେ ପୁରୁଣା ସ୍ମୃତି ଓ ଅନୁଭୂତିକୁ ବଖାଣିଥିଲେ। ପୁରାତନ ଛାତ୍ରୀ ଶ୍ରୀମତୀ ପରିଡା, ଶୋଭାରାଣୀ ଜେନା, ସ୍ୱର୍ଣ୍ଣରେଖା ବେହେରା, ଲିପି ପାଇକରାୟ, ଲୋପାମୁଦ୍ରା ନାୟକ, ଇନ୍ଦୁମତୀ ବସନ୍ତିଆ, ନମିତା ନାୟକ, ମନସ୍ମିତା ରାଉତରାୟ, ମିନତି ବେହେରା, ଫୁଲରାଣୀ ଓଝା, ପୁରାତନ ଛାତ୍ର ପ୍ରଶାନ୍ତ ଦାସ, ଓମ୍ ପ୍ରକାଶ ପରିଡ଼ା, ପ୍ରିୟବ୍ରତ ବଳବନ୍ତରାୟ, ନୀହାର ରଞ୍ଜନ ସାହୁ, ଖଗେଶ୍ୱର ସାହୁ, ଅଶୋକ ବେହେରା, ପ୍ରଦୀପ ସିଂ, ଶୁଭେନ୍ଦୁ ପ୍ରାସାଦ ଚୌଧୁରୀ, ପ୍ରଦୀପ ବେହେରା, ମିହିର ସେଠୀ, କିଶୋର ବସନ୍ତିଆ ପ୍ରମୁଖ ଯୋଗ ଦେଇଥିଲେ।

# ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ






ଚାମ୍ପିୟନ ପୁରୁଷ ଓ ମହିଳା ଟିମ୍‌କୁ ଅତିଥି ପୁରସ୍କୃତ କରୁଛନ୍ତି।

## ପୁରୁଷରେ ଜଗତ୍‌ସିଂହପୁର, ମହିଳାରେ ଚନ୍ଦନନଗର ଚାମ୍ପିୟନ

**ରସୁଲପୁର,୧୬।୬(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରସ୍ଥିତ କବାଡ଼ି ଷ୍ଟାଡିୟମ୍‌ଠାରେ ଆୟୋଜିତ ୬୮ତମ ସର୍ବଭାରତୀୟ କବାଡି ପ୍ରତିଯୋଗିତ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ଦିବାରାତ୍ର ଖେଳରେ ମହିଳା ବିଭାଗରେ ଚନ୍ଦନନଗର-ପଶ୍ଚିମବଙ୍ଗ ଓ ପୁରୁଷ ବିଭାଗରେ ଜଗତ୍‌ସିଂହପୁର ଟିମ୍ ଚାମ୍ପିୟନ ହୋଇଛି।

ମହିଳା ବିଭାଗର ପ୍ରଥମ ଫାଇନାଲ ମ୍ୟାଚ୍ କିଟ୍ ଭୁବନେଶ୍ୱର ଓ ଚନ୍ଦନନଗର ପଶ୍ଚିମବଙ୍ଗ ମଧ୍ୟରେ ହୋଇଥିବାବେଳେ ପୁରୁଷ ବିଭାଗର ଫାଇନାଲ ମ୍ୟାଚ୍ ଯୁବଏକତା ବୁଲନ୍ଦ ସହର ୟୁପି ଓ ଜଗତ୍‌ସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିଳା ବିଭାଗରେ ଚନ୍ଦନ ନଗର ଦଳ ପ୍ରତିପକ୍ଷ କିଟ୍ ଦଳକୁ ୨୬ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଶେଷ ମ୍ୟାଚ୍‌ରେ ଚନ୍ଦନନଗର ମହିଳା ଦଳ ୪୮ ପଏଣ୍ଟ ହାସଲ କରିଥିବାବେଳେ କିଟ୍ ଦଳ ୨୨ ପଏଣ୍ଟରେ ସୀମିତ ରହି ପରାଜୟ ବରଣ କରିଥିଲା। ମ୍ୟାଚ୍ ପ୍ରାରମ୍ଭରୁ ଚନ୍ଦନନଗର ଦଳ ଖେଳରେ ପ୍ରଭାବ ବିସ୍ତାର କରି ଆସିଥିଲା। ସେହିପରି ପୁରୁଷ ବିଭାଗରେ ଜଗତ୍‌ସିଂହପୁର ଦଳ ପ୍ରତିପକ୍ଷ ଯୁବଏକତା କ୍ଲବ ବୁଲନ୍ଦ ସହର ୟୁପି କବାଡି ଦଳକୁ ୬ ପଏଣ୍ଟ ବ୍ୟବଧାନରେ ପରାସ୍ତକରି ବିଜୟୀ ହୋଇଥିଲା। ଜଗତ୍‌ସିଂହପୁର ଦଳ ୪୬ ପଏଣ୍ଟ ହାସଲ କରିଥିବାବେଳେ ପ୍ରତିପକ୍ଷ ଦଳ ୪୦ ପଏଣ୍ଟ ହାସଲ କରି ରନର୍ସ ଅପରେ ସନ୍ତୁଷ୍ଟ ହୋଇଥିଲା।

ଯାଜପୁର କବାଡି ଆସୋସିଏଶନ ସଭାପତି ତଥା ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ନେରୋଲାକ ଜୋନାଲ ମ୍ୟାନେଜର ସଞ୍ଜିତ ମହାନ୍ତି, ରୁଚି ମଶଲାର ପରିଚାଳନା ନିର୍ଦ୍ଦେଶକ ତଥା ଓଡ଼ିଶା କବାଡି ଆସୋସିଏଶନ ସଭାପତି ଡ. ଶରତ ସାହୁ, ରାମ୍‌କୋ ସିମେଣ୍ଟର ଉପସଭାପତି ଅଜିତ କୁମାର ପଲ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଓଡ଼ିଶା କବାଡି ଆସୋସିଏଶନ ସାଧାରଣ ସମ୍ପାଦକ ଅଜୟ କୁମାର ବେହେରା, ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମ୍ୟାନେଜର ଅଭୟ କୁମାର ମହାନ୍ତି ଓ ଫାଲଗୁନି ବିଭୂକଲ୍ୟାଣ ଦାସ ପ୍ରମୁଖ ଯୋଗଦେଇ ଉଭୟ ମହିଳା ଓ ପୁରୁଷ ଦଳର ଖେଳାଳିଙ୍କୁ ଚାମ୍ପିୟନ ଓ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ସାୱାନ ଜର୍ସିକୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିବାବେଳେ ମହିଳା ଦଳରେ ଚନ୍ଦନ ନଗର ମନିଷା(ଜର୍ସି ନଂ.୦୩)କୁ ପୁରସ୍କୃତ କରାଯାଇଥିଲା। ପୁରୁଷ ଚାମ୍ପିୟନ ଦଳକୁ ୧ ଲକ୍ଷ ଓ ରନର୍ସ ଅପ ଦଳକୁ ୬୦ ହଜାର ଏବଂ ମହିଳା ବିଭାଗର ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସଅପ ଦଳକୁ ୧୨ ହଜାର ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ରାଜ୍ୟସ୍ତରୀୟ ଉତ୍କଳ କଳାକାର ସମ୍ମାନ




କଳାକାର ସମ୍ମାନ ପ୍ରଦାନ ଉତ୍ସବରେ ଯୋଗ ଦେଇଥିବା ଅତିଥି।

## ୧୦୦ରୁ ଊର୍ଦ୍ଧ୍ୱ ମଞ୍ଚ କଳାକାର ସମ୍ମାନିତ

**ଯାଜପୁର ଟାଉନ, ୧୬।୬ (ପ୍ରଯଲ୍ଲା ମହାନ୍ତି)**

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଶୁକ୍ରବାର ରାଜ୍ୟସ୍ତରୀୟ ଉତ୍କଳ କଳାକାର ସମ୍ମାନ-୨୦୨୩ ଉତ୍କଳ କଳାକାର ସଂଘ ଯାଜପୁର ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବେ ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଅଧାପକ ବଟକୃଷ୍ଣ ମହାପାତ୍ର, ବିଞ୍ଝାରପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ପ୍ରମୁଖ ଯୋଗଦେଇ ଯାତ୍ରା ଜଗତର କଳାକାରଙ୍କୁ ସମ୍ମାନିତ କରିଥିଲେ।

ସନ୍ଧ୍ୟା ଅଧିବେଶନରେ ଉତ୍କଳ କଳାକାର ସଂଘ ଜିଲା ସଭାପତି ରବୀନ୍ଦ୍ର କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅଧାପକ ସୁବ୍ରତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ବିଜେଡି ନେତା ତଥା ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ ଆଜିର ଦିନରେ କଳା ଲୋପ ପାଉଥିବାବେଳେ ଏହାକୁ ବଞ୍ଚାଇବା ପାଇଁ ପ୍ରଥମେ ସମସ୍ତେ ସେମାନଙ୍କ ପିଲାଙ୍କୁ ଉଚିତ୍ ଶିକ୍ଷା ପ୍ରଦାନ କରି କଳାପ୍ରତି ଆକୃଷ୍ଟ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ରହିବା ଅବଶ୍ୟକ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇ ମଣିଷ ଭିତରେ ମଣିଷ ପଣିଆକୁ ବଞ୍ଚାଇବା ପାଇଁ ଏବେ ସମୟ ଆସିଛି। ଜଣେ ଅଭିନେତା ସାଧାରଣଲୋକଙ୍କ ସହ ସମ୍ପର୍କ ନ ରଖିଲେ ସେ ଜଣେ ସଫଳ କଳାକାର ହୋଇପାରିବ ନାହିଁ ବୋଲି କହିଥିଲେ। ପ୍ରତ୍ୟେକ ମଣିଷ କଳାକାରଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ମହାନ୍ତି ତାଙ୍କ ଭାଷଣଛଳରେ କହିବା ସହ ରାଜ୍ୟ ସରକାର ମଞ୍ଚ କଳାକାରଙ୍କୁ ଅଧିକରୁ ଅଧିକ ପେନସନ୍ ଯୋଗାଇଦେବା ଆବଶ୍ୟକ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ କଳାକାର ସଂଘ ରାଜ୍ୟ ସଭାପତି ବାଦଲ କୁମାର ରାଉତ, ପ୍ରାଧାପକ ବଟକୃଷ୍ଣ ମହାପାତ୍ର, ଅଧାପକ ପ୍ରସନ୍ନ କୁମାର ରାଉତରାୟ ଓ ବିଞ୍ଝାରପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ମଞ୍ଚ କଳାକାରଙ୍କୁ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ଦିଆଯାଇ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। କଳାକାରଙ୍କ ପକ୍ଷରୁ ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯିବା ସହ ନାଟ୍ୟକାର ଅଧାପିକା ବିନ୍ଦୁରେଖା ମହାପାତ୍ର ଓ ନିର୍ଦ୍ଦେଶକ ବାଦଲ ରାଉତଙ୍କ ରଚିତ ଆଧାମ୍ରିକ ନାଟକ 'ମାଣିକ' ପରିବେଷଣ କରାଯାଇଥିଲା।

## ନିଟ୍ ପରୀକ୍ଷାରେ ସମର୍ପିତାଙ୍କ ସଫଳତା

**ପଟ୍ଟାମୁଣ୍ଡାଇ,୧୬।୬ ( ଅକ୍ଷୟ ବିଶ୍ୱାଳ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ଉଷାଦେବୀ ମହିଳା କଲେଜ ମୁଖ୍ୟକିରାଣୀ ସନ୍ତୋଷ ମଲ୍ଲିକଙ୍କ କନ୍ୟା ମେଧାବୀ ଛାତ୍ରୀ ସମର୍ପିତା ମଲ୍ଲିକ ଚଳିତ ନିଟ ପରୀକ୍ଷାରେ ଅନନ୍ୟ ସଫଳତା ହାସଲ କରି ସର୍ବଭାରତୀୟ ସ୍ତରରେ ୬୨୭ ସ୍ଥାନ ପାଇ ସମଗ୍ର ଧୋୟାଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ସଫଳତାର ପାହାଚ ଚଢି ଚାଲିଥିବା ସମର୍ପିତା ଜାତୀୟ ମେଧାବୃତ୍ତି ପରୀକ୍ଷା, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି ଓଡ଼ିଆ ଭାଷା ବୃତ୍ତି, କଳିଙ୍ଗ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗ୍ୟ ବିବେଚିତ ହୋଇ ସଫଳତା ହାସଲ କରି ନିଜର ଅନନ୍ୟ ପ୍ରତିଭାର ପରିଚୟ ଦେବା ସହିତ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ସୁଖ ଚାରଣାକୁ ଦୁଃଖ ବାରଣା ମଞ୍ଚସ୍ଥ



**ଛତିଆ,୧୬।୬(ସୌମ୍ୟରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ସାଗର ଯୁବ କଳା ପରିଷଦ ବାରିମୂଳ ଆନୁକୁଲ୍ୟରେ ରଜପର୍ବ ଅବସରରେ ଦୁଇ ରାତ୍ରି ନାଟକ ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସମୀର ରାଉତ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତସଭ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ଦୀପକ ପ୍ରତାପ, ପୂର୍ବତନ ସମିତିସଭ୍ୟ ବନିତା ରାଉତ, ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀଧର ମହାନ୍ତି ଓ ତପନ ପୃଷ୍ଟିଙ୍କ ନିର୍ଦ୍ଦେଶନାରେ ପ୍ରଥମ ରାତ୍ରି ମିଛ ପାଖେ ସତ ବନ୍ଧା ପଡିଛି ଓ ଦ୍ୱିତୀୟ ରାତ୍ରି ସୁଖ ଚାରଣାକୁ ଦୁଃଖ ବାରଣା ମଞ୍ଚସ୍ଥ ହୋଇଥିଲା। କଳାକାରଙ୍କ ନିଖୁଣ ଅଭିନୟ ଆକର୍ଷଣୀୟ ହୋଇଥିଲା। ପ୍ରସନ୍ନ ନାୟକ, ମଦନ ପତି, ସୁଦର୍ଶନ ବାହାଲିଆ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲାବେଳେ ବାରିମୂଳ ବରୀ ଠେଙ୍ଗଡ ଗ୍ରାମବାସୀ ସହୋଯାଗ କରିଥିଲେ।

## ପ୍ରସୂତିଙ୍କ ମୃତ୍ୟୁ ନେଇ ଉତ୍ତେଜନା

**କେନ୍ଦ୍ରାପଡ଼ା, ୧୬।୬(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ପ୍ରସୂତି ମହାକାଳପଡ଼ା ଥାନା ଖରିନାସୀ ଗ୍ରାମର ଆଦିତ୍ୟ ଅନିରୁଦ୍ଧ ରାୟଙ୍କ ସ୍ତ୍ରୀ ରିଙ୍କିଙ୍କ ମୃତ୍ୟୁ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ ହୋଇଛି। ଆଦିତ୍ୟ ଏ ସମ୍ପର୍କରେ କହିଛନ୍ତି, ରିଙ୍କିଙ୍କ ପ୍ରସବ ଯନ୍ତ୍ରଣା ବୁଧବାର ଆରମ୍ଭ ହୋଇଥିଲା। ନିକଟସ୍ଥ ରାମନଗର ସ୍ୱାସ୍ଥ୍ୟକେନ୍ଦ୍ର ପରେ ମହାକାଳପଡ଼ା ସିଏଚସି ଯାଇଥିଲେ। ତେବେ ସେଠାକାର ଡାକ୍ତର ଅବସ୍ଥା ଭଲ ନ ଥିବା କହି ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ଏହି ଅପରେଶନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସ ୧୦ ହଜାର ଟଙ୍କା ଦାବି କରିଥିଲେ। ତେବେ ଅର୍ଥାଭାବରୁ ୮ ହଜାର ଟଙ୍କା ଦେବାକୁ ରାଜି ଥିବା ବେଳେ ପ୍ରଥମେ ୩ ହଜାର ଟଙ୍କା ନର୍ସମାନେ ନେଇଥିଲେ। ଅବଶିଷ୍ଟ ୫ ହଜାର ଟଙ୍କା ଶୁକ୍ରବାର ଦେବାକୁକହିଥିଲେ ମଧ ଚିକିତ୍ସାରେ ଅବହେଳା ଆରମ୍ଭ ହୋଇଥିଲା। ରିଙ୍କିଙ୍କର ଶ୍ୱାସକ୍ରିୟା କଷ୍ଟ ହେବାରୁ ଗୁରୁବାର ରାତିରେ ଡାକ୍ତରଙ୍କୁ ଦେଖାଇବାକୁ ଯେତେଥର ଚେଷ୍ଟା କରାଯାଇଥିଲେ ମଧ ନର୍ସମାନେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଫଳରେ ସକାଳେ ସ୍ତ୍ରୀ ରିଙ୍କିଙ୍କର ମୃତ୍ୟୁ ହୋଇଛି।

# କାଏମାରେ ବିଶ୍ୱଶାନ୍ତି ମହାଯଜ୍ଞ



**କାଏମା,୧୬।୬(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତର ଗୋଗଳ ପାହାଡ଼ ଶୀର୍ଷରେ ଚାରି ଦିନ ଧରି ଶ୍ରୀହରିଅବଧୂତ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଆନୁକୁଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ଆଲୋକ ଚନ୍ଦ୍ର ପଣ୍ଡା ଓ ତାଙ୍କ ସହଯୋଗୀ ପୂଜାର୍ଚ୍ଚନା କରିଥିବାବେଳେ କର୍ତ୍ତାଭାବେ ଜ୍ଞାନେନ୍ଦ୍ରୀୟ ଦାସ ଓ ତାଙ୍କ ସ୍ତ୍ରୀ ଅନିତା ଦାସ ଦାୟିତ୍ୱ ତୁଲାଇଥିଲେ। ରଜ ପୂର୍ବଦିନ ଅଙ୍କୁରାରୋପଣ ଓ ଶେଷ ରଜଦିନ ପୂର୍ଣ୍ଣାହୁତି ଦିଆଯାଇଥିଲା। ଉତ୍ସବଟି ପାହାଡ଼ ଶୀର୍ଷରେ ହେଉଥିବାରୁ ଓ ଏହି ପାହାଡ କେଲୁଅ ନଦୀ ପାଦଦେଶ ଦେଇ ଯାଇଥିବାରୁ ପାଖଆଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅରୁଣ ମହାରଣା, ଶୁକାନ୍ତ ମହାରଣା, ଭରତ ସାହାଣୀ, ମନୋଜ ମହାରଣା, ଅଶୋକ ମହାନ୍ତି, ପ୍ରଶାନ୍ତ ବିଶ୍ୱାଳ ଓ ସୁକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରଜକୁ ଭାଇଚାରା ପର୍ବ ପାଳିଲା କଂଗ୍ରେସ

**ଚଣ୍ଡିଖୋଲ,୧୬।୬(ପ୍ରଦୀପ୍ତ କୁମାର ପୃଷ୍ଟି)**

ଓଡ଼ିଶାର ଗଣପର୍ବ ରଜକୁ ନିଆରା ଢଙ୍ଗରେ ପାଳନ କରିଛି ବଡ଼ଚଣା ବ୍ଲକ୍ କଂଗ୍ରେସ। ଗୁରୁବାର ରାତିରେ ରଜ ପାନ, ପୋଡପିଠା ଓ ମିଠା ଖୁଆଇ ଉଭୟ ହିନ୍ଦୁ ଓ ମୁସଲମାନ ଧର୍ମାବଲମ୍ବୀ ଏକତ୍ରିତ ହୋଇ ଚଣ୍ଡିଖୋଲସ୍ଥିତ ରାଜୀବ ମେମୋରିଆଲ କେନ୍ଦ୍ର ପରିସରରେ ଏହାକୁ ପାଳନ କରିଛନ୍ତି।

ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପର୍ବ ପାଳନରେ ମୁଖ୍ୟଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ରଜ ଏକ ଆନନ୍ଦର ପର୍ବ। ତିନିଦିନ ଧରି ଓଡ଼ିଆମାନେ ଆନନ୍ଦର ସହକାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ପିଠାମିଠାଖାଇ ନୂଆ ଲୁଗା ପରିଧାନ କରି ଉତ୍ସବ ପାଳନ କରିଥାନ୍ତି। ସେହିପରି ମୁସଲମାନ ଭାଇମାନେ ତାଙ୍କର ଇଦ୍ ଉଲ୍ ଫିତର୍ ଆନନ୍ଦ ଓ ହସ ଖୁସିରେ ପାଳନ କରିଥାନ୍ତି। ସେମାନେ ଇଫତାର ପାର୍ଟି ଆୟୋଜନ କରି ସେଥିରେ ହିନ୍ଦୁମାନଙ୍କୁ ସାମିଲ କରିଥାନ୍ତି। ତେଣୁ ବଡ଼ଚଣାରେ ଭାଇଚାରା ବୃଦ୍ଧି କରିବାକୁ ଏଣିକି ପ୍ରତ୍ୟେକ ବର୍ଷ ରଜ ପର୍ବରେ ହିନ୍ଦୁ ଓ ମୁସଲମାନ ଭାଇଙ୍କୁ ସାମିଲ କରାଯାଇ ରଜ ପର୍ବ ପାଳନ କରାଯିବ ବୋଲି କହିଥିଲେ।

ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ମାନଗୋବିନ୍ଦ ରାଉତ, ବ୍ଲକ କଂଗେସ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ କିଶୋର ଚନ୍ଦ୍ର ରାଉତ, ସଂଖ୍ୟା ଲଘୁ ସେଲର ସୁଲତାନ ସାଇଫୁଲା ଖାଁ, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ, ସେକ୍ ଆଲମନ, ସେକ୍ ମୁମତାଜ ଅଲ୍ଲୀ, ମିର୍ଜା ସମାଜନ ବେଗ, ୱାସଫ ଅଲ୍ଲି, ସେକ୍ ଆକବର ଅଲ୍ଲି, କମାଲ ଅନୱାର, ମୀରା ଅଲ ଉଦିନ, ସେକ୍ ସଲାଉଦ୍ଦିନ ଖାଁ, ବାବର ଖାଁ, ବିଚିତ୍ର ନନ୍ଦ ନାୟକ, ଦୁଷ୍ମନ୍ତ ସାମଲ, ବିଚିତ୍ର ଜେନା, ଭବାନୀ ଶଙ୍କର ଜେନା, ବାଳକୃଷ୍ଣ ସାମଲ, ସାଗର କୁମାର ଜେନା, ନୀତିଶ କୁମାର ଜେନା ପ୍ରମୁଖ ବହୁ ସଂଖ୍ୟାରେ ହିନ୍ଦୁ ମୁସଲମାନ ଭାଇ ଏଥିରେ ଯୋଗଦେଇଥିଲେ।



ରଜ ପର୍ବ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ମୋ ସେବା କେନ୍ଦ୍ରର ଶୁଭାରମ୍ଭ

ରଘୁନାଥପୁର,୧୬।୬ (ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସ୍ୱତନ୍ତ୍ର ପ୍ରକୋଷ୍ଠରେ ଓଡ଼ିଶା ମୋ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଜନତାଙ୍କ ପାଇଁ ମୋ ସେବା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସେବା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଥିବାବେଳେ ଖୁବ କମ୍ ଖର୍ଚ୍ଚରେ ଲୋକେ କିପରି ଅନଲାଇନ ସୁବିଧା ପାଇପାରିବେ ସେ ସମ୍ପର୍କରେ ସରପଞ୍ଚ ମଲ୍ଲିକ ପ୍ରକାଶ କରିଥିଲେ। ବିଶେଷ କରି ଅନ୍‌ଲାଇନରେ ସରକାରଙ୍କ ମୋ ଘର ପାଇଁ ଆବେଦନ କରିବାକୁ ଥିବା ବ୍ୟକ୍ତି ଏହି ସେବା କେନ୍ଦ୍ର ଜରିଆରେ ଆବେଦନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କେନ୍ଦ୍ରର ପରିଚାଳନା ଦାୟିତ୍ୱ ଆଲୋକଜ୍ୟୋତି ନନ୍ଦଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ୱାର୍ଡସଭ୍ୟ କେଦାରନାଥ ମଲ୍ଲିକ, କବିତା ନାୟକ, ମମତା ବେହେରା, ଝରଣା ମଲ୍ଲିକ, ଜିଲା ବିଜେଡି ଉପସଭାପତି ଅନ୍ତର୍ଯାମୀ ରାଉତ, ପଞ୍ଚାୟତ ସଭାପତି ଚନ୍ଦ୍ରଶେଖର ସିଂହ, ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ, ଅଭିରାମ ସାହୁ ଓ ରଘୁନାଥ ବେହେରା ଉପସ୍ଥିତ ଥିଲେ। ରଶ୍ମିପ୍ରିୟା ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ରାଜକୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ରଘୁନାଥପୁର,୧୬।୬ (ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ତରିକୁନ୍ଦ ବଜାରର ବରିଷ୍ଠ ବ୍ୟବସାୟୀ ବାବାଜୀ ଦଲାଇଙ୍କ ବିୟୋଗରେ ଶୁକ୍ରବାର ବଜାର ବନ୍ଦ ରହିଛି। ଦଲାଇଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୀରଗଜାର ଚାହିଦା ରାଜ୍ୟ ତଥା ବାହାରେ ବେଶ୍ ନାଁ କମେଇଥିଲା। କିଛିଦିନ ହେବ ଶାରୀରିକ ଅସୁସ୍ଥତା ହେତୁ ସେ ଗରୁଆଲସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। ବୁଧବାର ରାତିରେ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ବାବାଜୀଙ୍କ ଉଦ୍ଦେଶ୍ୟରେ ବଜାର କମିଟି ପକ୍ଷରୁ ଏକ ଶୋକସଭା କରାଯାଇଥିଲା। ଏହାକୁ ବଜାର କମିଟି ସଭାପତି ମହମ୍ମଦ ଇଲିୟାସ ଖାଁଙ୍କ ପରିଚାଳନାରେ କରିଥିଲେ।

### ଧାନକୁଦ ପୀଠରେ ରଥଯାତ୍ରା ପାଇଁ ପ୍ରସ୍ତୁତି

ବିରିଡି,୧୬।୬(ପ୍ରଶାନ୍ତ ରାଉତ): ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ଧାନକୁଦ ପୀଠରେ ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରା ୨୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଧାନକୁଦ ମନ୍ଦିର ସମ୍ମିଳନୀ ଗୃହରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିରିଡି ତହସିଲଦାର ସହଦେବ ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ଭୀମସେନ ବରାଳ, ଥାନା ଏଏସ୍‌ଆଇ ବିଚିତ୍ରା ନନ୍ଦ ମନ୍ତ୍ରୀ, ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଆନନ୍ଦ ବେହେରା, ମନ୍ଦିର ପରିଚାଳନା କମିଟି ମୁଦିରସ୍ତ ବିଜୟ ମିଶ୍ର, ବାବା ଅରକ୍ଷିତ ଦାସ, ବିଶ୍ୱାବସୁ ବିଭୁଦତ୍ତ ସାହୁଙ୍କ ସମେତ ମନ୍ଦିରର ସମସ୍ତ ସେବାୟତ ଯୋଗଦେଇଥିଲେ। ମନ୍ଦିରକୁ ଆସିବା ଲାଗି ମାଛଗାଁ କେନାଲ ବନ୍ଧ ଅଷ୍ଟଶମ୍ଭୁ ମନ୍ଦିରଠାରୁ ଧାନକୁଦ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପୂରିଯାଇଛି। ଏହାକୁ ତୁରନ୍ତ ମରାମତି ସହ ଜଙ୍ଗଲ ସଫା, ଗାଡି ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ ଓ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏକ ସୂଚନା କେନ୍ଦ୍ର ଖୋଲିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରସ୍ତାବଗୁଡିକୁ ପାଳନ କରିବାକୁ ତହସିଲଦାର ସାହୁ ସମସ୍ତ ବିଭାଗକୁ ପରାମର୍ଶ ଦେଇଥିଲେ।

# ଜଗତ୍‌ସିଂହପୁର-କାଳଖ ରାସ୍ତା ପ୍ରଶସ୍ତୀକରଣ ଦାବି

■ ଆଳିପିଙ୍ଗଳ-ଚାରିଛକ ରାସ୍ତା ୨ ଲେନ୍ ପାଇଁ ସର୍ବେକ୍ଷଣ
■ ୪ ଜିଲାର ଲୋକେ, ସରକାର ଲାଭବାନ ହେବେ

ଜଗତ୍‌ସିଂହପୁର, ୧୬।୬
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ପ୍ରଶସ୍ତୀକରଣ ସାଙ୍ଗକୁ ନବୀକରଣ ଚାଲିଛି । ଜଗତ୍‌ସିଂହପୁରରୁ ପୁରୀ ଓ ଭୁବନେଶ୍ୱର ଦୂରତା କମାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ସୁଦ୍ଧା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ପାରିନାହିଁ। ଜଗତ୍‌ସିଂହପୁର-ଆଳିପିଙ୍ଗଳ ଓ ବଛ ସାଇଲୋ ନିକଟରୁ କାଳଖ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ପ୍ରଶସ୍ତୀକରଣ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଯୁକ୍ତି କରାଯାଇଛି । ଏହା ଉପରେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ପଚାରିବାରୁ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ଯାଉଛନ୍ତି। ଜଗତ୍‌ସିଂହପୁର-ଆଳିପିଙ୍ଗଳ ରାସ୍ତା ପ୍ରଶସ୍ତୀକରଣ ପାଇଁ ସର୍ବେକ୍ଷଣ ଚାଲିଛି। କାଳଖ ପାଖରେ ଦେବୀ ନଦୀରେ ପୋଲ ହେବା ପରେ ବଛସାଇଲୋ-କାଳଖ ନଦୀବନ୍ଧ ରାସ୍ତାର ଗୁରୁତ୍ୱ ବଢ଼ିଯାଇଛି। ଏହା ଖରାପ ଅବସ୍ଥାରେ ଥିଲା। ନିକଟରେ ପିଚୁ କାମ ଚାଲିଛି। ଖୁବ୍‌ଶୀଘ୍ର ଏହି କାମ ସରିଯିବ। ତା'ପରେ ଏହି ନଦୀବନ୍ଧ ରାସ୍ତା ପ୍ରଶସ୍ତୀକରଣ କରାଯିବ ବୋଲି ବିଧାୟକ କହିଛନ୍ତି ।

କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ଜଲାରପୁର ନିକଟରୁ ଜଗତ୍‌ସିଂହପୁର ଜିଲା ଅରଖକୁଦ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଓ ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଘୋଷଣା ଓ ନିକଟରେ ଅର୍ଥ ଅନୁମୋଦନ କରିଛନ୍ତି । ଏହି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କିନ୍ତୁ ଏହାର ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଜଗତ୍‌ସିଂହପୁରରୁ ଆଳିପିଙ୍ଗଳ ଓ ସେଠାରୁ କାଳଖ ପର୍ଯ୍ୟନ୍ତ ରାସ୍ତାରେ ସେଭଳି କିଛି ପରିବର୍ତ୍ତନ ଆସିନାହିଁ। ଜଗତ୍‌ସିଂହପୁରରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ରାସ୍ତାର ବଢ଼େଇବାଙ୍କ ସମେତ କେତେକ ସ୍ଥାନରେ ଓସାର କମ୍ ରହିଛି। ରାସ୍ତା ଅବସ୍ଥା ମଧ୍ୟ ଭଲ ନାହିଁ । ଏହାକୁ ପ୍ରଶସ୍ତ ସହ ନବୀକରଣ କରାଯିବା ଆବଶ୍ୟକ। ଆବଶ୍ୟକସ୍ଥଳେ ସରକାର ଜମି ଅଧିଗ୍ରହଣ କରିବା ଜରୁରୀ। ସେହିପରି ଆଳିପିଙ୍ଗଳ ପୋଲ ପାରି ହୋଇଗଲେ ବଛସାଇଲୋ ପଡ଼େ। ବଛସାଇଲୋ ନିକଟରୁ କାଳଖ ପୋଲ ପର୍ଯ୍ୟନ୍ତ ନଦୀ ବନ୍ଧ ରାସ୍ତା ଓସାର ଯଥେଷ୍ଟ କମ୍ ରହିଛି। ଏପରିକି ୨ଟି ଚାରି ଚକିଆ ଯାନ ପରସ୍ପର ଅତିକ୍ରମ କରିବା ସମ୍ଭବ ନୁହେଁ। ଏହି ରାସ୍ତା ଦୀର୍ଘ ବର୍ଷ ଧରି ଖରାପ ଥିଲେ ସୁଦ୍ଧା ନିକଟରେ ପିଚୁ କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହାଦ୍ୱାରା ବାଇକ୍ ଯାତାୟାତରେ ସୁବିଧା ହେବ। କିନ୍ତୁ ୪ ଚକିଆ ଯାନ ଚଳାଚଳ ପାଇଁ ରାସ୍ତା ପ୍ରଶସ୍ତୀକରଣ ହେବା ନିହାତି ଦରକାର । ଏଥିପ୍ରତି ସରକାର ବିଶେଷ ଦାୟିତ୍ୱବାନ ହେଲେ କେବଳ ଜଗତ୍‌ସିଂହପୁର ନୁହେଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲାର ଲୋକେ ମଧ୍ୟ ଉପକୃତ ହେବେ।

ଅତୀତରେ ଚାରିଛକ-ଜଗତ୍‌ସିଂହପୁର ଭାୟା ପହଙ୍ଗା-କାଳଖ ରାସ୍ତା ୨ ଲେନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଉପକୂଳ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଏହି ରାସ୍ତା ରାଜ୍ୟ ରାଜପଥରେ ଅନ୍ତର୍ଭୁକ୍ତ କରାଗଲେ ଉଭୟ ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ଲକ୍ଷାଧିକ ଲୋକ ଉପକୃତ ହେବା ସହ ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ ବୋଲି ଯୁକ୍ତି କରାଯାଇଥିଲା। ଏ ସମ୍ପର୍କରେ ୨୦୦୪ରୁ କାଳଖ ପୋଲ ନିର୍ମାଣ ଆନ୍ଦୋଳନ କରି ସଫଳ ହୋଇଥିବା ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ବିଦ୍ୟାଧର ରାଉତ, ବିପିନ ବିହାରୀ ବାରିକ, ପ୍ରଭାସ କୁମାର ସ୍ୱାଇଁ, ବଟକୃଷ୍ଣ ମଲ୍ଲିକ, ଏକବେରୁଆ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ସିଠାଲୋ ସରପଞ୍ଚ କବିତା ମହାପାତ୍ର ପ୍ରମୁଖ କହିଛନ୍ତି, ଦେବୀ ନଦୀର ଏରଡ଼ା-କାଳଖଠାରେ ପୋଲ ନିର୍ମାଣ ହେଲା ପରେ ଏହି ରାସ୍ତାର ଗୁରୁତ୍ୱ ବଢ଼ିଯାଇଛି । କାରଣ ପୁରୀରୁ ଜଗତ୍‌ସିଂହପୁର ଯାତାୟାତ ପାଇଁ ଦୂରତା କମିଯାଇଛି। ଏଥିସହ ଶତାଧିକ ଗ୍ରାମର ଲୋକେ ଉପକୃତ ହେବେ। ଆଳିପିଙ୍ଗଳରୁ କାଳଖ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ କମ୍ ସଂଖ୍ୟକ ଗ୍ରାମର ଲୋକ ଯାତାୟାତ କରୁଥିଲେ। ତେଣୁ ଏହି ରାସ୍ତା ସଙ୍କୁଚିତ ସାଙ୍ଗକୁ ଖାଲଖମାରେ ପରିପୂର୍ଣ୍ଣ ଥିଲା। ଏରଡ଼ା-କାଳଖ ପୋଲ ହୋଇଯିବା ଦ୍ୱାରା ଏହି ରାସ୍ତାର ଗୁରୁତ୍ୱ ବଢିଯାଇଛି। ୨୫ କିଲୋମିଟର ଏହି ରାସ୍ତାରେ ଏବେ ପ୍ରତ୍ୟହ ବହୁସଂଖ୍ୟକ ଲୋକଙ୍କ ଯାତାୟାତ ହେଉଛି। ନିଆଳି ବ୍ଲକ ସମେତ ଖୋର୍ଦ୍ଧା ଜିଲାର ବାଲିପାଟଣା ଓ ପୁରୀ ଜିଲାର ଅନେକ ଲୋକ ଜଗତ୍‌ସିଂହପୁର, ପାରାଦୀପ, ମା'ଶାରଳା ପୀଠ, ଗୋରେଖନାଥ ପୀଠ ସମେତ ଜଗତ୍‌ସିଂହପୁର ଜିଲାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତ କରୁଛନ୍ତି। ଅନୁରୂପ ଭାବେ ଜଗତ୍‌ସିଂହପୁର ଜିଲାର ଲୋକେ ମଧ୍ୟ ପୁରୀ ଜଗନ୍ନାଥ ମନ୍ଦିର, ମାଧବ ଓ ଶୋଭନେଶ୍ୱର ମନ୍ଦିର ସମେତ କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ଅନେକ ପର୍ଯ୍ୟଟନସ୍ଥଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତ କରୁଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ରାଜ୍ୟ ରାଜପଥ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨ ଲେନ୍ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି। ଜଗତ୍‌ସିଂହପୁର-ଆଳିପିଙ୍ଗଳ ରାସ୍ତା ପ୍ରଶସ୍ତୀକରଣ ଉପରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ କହିଛନ୍ତି, ଏବେ ସ୍ଥାନୀୟ ହାଟ ପୋଲ ପ୍ରଶସ୍ତ ପାଇଁ କାମ ଆରମ୍ଭ ହୋଇଛି। ଆଳିପିଙ୍ଗଳ ନିକଟରେ ଦେବୀ ନଦୀରେ ମଧ୍ୟ ନୂଆ ପୋଲ ହେଉଛି। ରାସ୍ତା ଓସାର ଅଧିକ ନ ଥିବାରୁ ଗମନାଗମନରେ ଅସୁବିଧା ହେଉଛି। ଜମି ଅଧିଗ୍ରହଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ। ତଥାପି ଯାତାୟାତ ସରଳୀକରଣ ପାଇଁ ରାସ୍ତା କାମ ଖୁବ୍‌ଶୀଘ୍ର ହେବ ବୋଲି ସେ କହିଛନ୍ତି।

## ପ୍ରୋପିଲିନ ଗ୍ୟାସ୍ ନିର୍ଗମନ ମକ୍‌ଡ୍ରିଲ



ପାରାଦୀପ ରିଫାଇନେରି ପରିସରରେ ସୁରକ୍ଷା କର୍ମୀମାନେ ମକ୍‌ଡ୍ରିଲ୍ କରୁଛନ୍ତି।

ପାରାଦୀପ,୧୬।୬ (ଶରତ ରାଉତ)

ପାରାଦୀପ ରିଫାଇନେରି ପରିସରରେ ଶୁକ୍ରବାର ପ୍ରୋପିଲିନ ଗ୍ୟାସ ନିର୍ଗମନ ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଆପତକାଳୀନ ସୁରକ୍ଷା ଟିମ୍ ଏହି ମକ୍‌ଡ୍ରିଲ୍‌ରେ ସାମିଲ ହୋଇଥିଲେ ବୋଲି ରିଫାଇନେରି ପକ୍ଷରୁ ସୂଚନା ମିଳିଛି। ଏହି ମକ୍‌ଡ୍ରିଲ୍‌ରେ ପାରାଦୀପ ବନ୍ଦର, ପିପିଏଲ, ଇଫକୋର ସୁରକ୍ଷା ଟିମ୍ ଭାଗ ନେଇଥିଲେ। ଏହାକୁ ରିଫାଇନେରି ଇଡି (ନିର୍ବାହୀ ନିର୍ଦ୍ଦେଶକ)ତଦାରଖ କରିଥିଲେ। ରିଫାଇନେରି ୟୁନିଟ ୩ ମଧ୍ୟରେ ପ୍ରୋପିଲିନ ୟୁନିଟ ରହିଛି। ତା'ର ଜରୁରିକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତି ଯାଞ୍ଚ ନିମନ୍ତେ ଏହି ମକ୍‌ଡ୍ରିଲ କରାଯାଇଥିଲା।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

### ୨୮ରେ ବିବାହ ସ୍ଥିର ହୋଇଥିଲା

ପାରାଦୀପ,୧୬।୬(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ସବ୍‌ଷ୍ଟେଶନ ଛକରେ ଗୁରୁବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାରାଦୀପ ବୃନ୍ଦାବନ କଲୋନୀ ବାସିନ୍ଦା ମହେନ୍ଦ୍ର ବିଶ୍ୱାଳଙ୍କ ପୁତ୍ର ପଦ୍ମନାଭ (୩୧)। ତାଙ୍କ ଘର ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମରେ। ସେ ରାତିରେ ଏକ ଘରୋଇ କମ୍ପାନୀରୁ ଡ୍ୟୁଟି ସାରି ଫେରୁଥିବା ବେଳେ ଏକ ଗାଡି ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ପଦ୍ମନାଭଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଚଳିତ ମାସ ୨୮ରେ ପଦ୍ମନାଭଙ୍କ ବିବାହ ସ୍ଥିର ହୋଇଥିଲା ବୋଲି ପରିବାର ସଦସ୍ୟ କହିଛନ୍ତି।

## ନିଆଁ ଲାଗି ୪ ବଖରା ଜଳିଗଲା



କୁଜଙ୍ଗ,୧୬।୬(ମନୋଜ ପ୍ରଧାନ)

ଅଭୟଚାନ୍ଦପୁର ଥାନା ଏରସମା ତହସିଲ ଅନ୍ତର୍ଗତ ନୂଆଗାଁ ବାଲିସାହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ମଙ୍ଗୁଳି ମୁଦୁଲିଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ କୁଜଙ୍ଗ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଜଳାଭାବ ଯୋଗୁ ସମସ୍ୟା ସୃଷ୍ଟି ହୋଇଥିଲା। ଏନେଇ ଏରସମା ଦମକଳ ବାହିନୀର ସହାୟତା ନେବାକୁ ପଡ଼ିଥିଲା। ଶେଷରେ ଉଭୟ ଦମକଳ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା ବୋଲି କୁଜଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ କାର୍ତ୍ତିକ ବିଶ୍ୱାଳ କହିଛନ୍ତି। ନିକଟରେ କୌଣସି ଜଳାଶୟ ନ ଥିବାରୁ ନିଆଁ ଲିଭାଇବାରେ ଅସୁବିଧା ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ଡ.ତାମିଲ ପ୍ରଧାନ ଦାବି କରିଛନ୍ତି।

## ଭଲିବଲ୍ ଟୁର୍ନାମେଣ୍ଟ: ଅଳାବୋଳ ଚାମ୍ପିୟନ

ବାଲିକୁଦା,୧୬।୬(ତାପସ ସ୍ୱାଇଁ)

କ୍ରୀଡ଼ା ଶିକ୍ଷକ ସ୍ୱର୍ଗତ ନିକୁଞ୍ଜ କିଶୋର ରାଉଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା। ଗରିଆ ଗାଦି ପଡ଼ିଆରେ ଆଞ୍ଚଳିକ କ୍ରୀଡ଼ା ସାଂସ୍କୃତିକ ପରିଷଦ, କୋଠି ପକ୍ଷରୁ ଆୟୋଜିତ ନିକୁଞ୍ଜ ରାଉଳ ସ୍ମାରକୀ ଭଲିବଲ୍ ଟୁର୍ନାମେଣ୍ଟକୁ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଡା.ଲଲାଟେନ୍ଦୁ ମହାପାତ୍ର, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମାନସ ପରିଡ଼ା, ସମିତିସଭ୍ୟା ଜୟଶ୍ରୀ ମହାନ୍ତି, ଅଧ୍ୟାପକ ଅଶୋକ ସାମଲ ଯୋଗଦେଇ କ୍ରୀଡ଼ା ଭାଇଚାରାର ଏକ ମାଧ୍ୟମ ବୋଲି କହିଥିଲେ । ଏହି ଅବସରରେ ସ୍ୱର୍ଗତ ରାଉଳଙ୍କ ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ଏକ ଅଁଳା ଚାରା ରୋପଣ କରାଯାଇଥିଲା । କୈଳାସ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରଞ୍ଜନ ମହାନ୍ତି 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ପରିଷଦର ସ୍ଥାୟୀ ସଭାପତି ବହିଜୟ କୁଅଁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରମାକାନ୍ତ ବାରିକ ବିବରଣୀ ପାଠ କରିଥିଲେ। ଡ. ପ୍ରଦୀପ ସ୍ୱାଇଁ ବେଦପାଠ କରିଥିଲେ। ରଶ୍ମିରଞ୍ଜନ ରାଉଳ ଧନ୍ୟବାଦ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ବ୍ଲକରୁ ୮ ଟି ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଥୋରିଆପଡ଼ା ଓ ତିର୍ତ୍ତୋଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ ଥୋରିଆ ପଡ଼ା ଓ ଅଳାବୋଳର ନବଜାଗରଣ ଭଳି ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଅଳାବୋଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ବସନ୍ତ ଦେଠୀ, ଘନଶ୍ୟାମ ବେହେରା, ସୁବାସ ବେହେରା, ଶିବ ଚରଣ ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ବିଜୟ ଦାଶ, ଜ୍ୟୋତିରଞ୍ଜନ ମହାନ୍ତି, ସୁଧାକର ନାୟକ, ନୀଳମଣି ବେହେରା, ଶରତ ସାହୁ, ଦିପକ ସାମଲ, ଚିତ୍ତରଞ୍ଜନ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । କୈଳାସ ସ୍ୱାଇଁ, ଦେବଦର୍ଶୀ ନାୟକ, ସରୋଜ ରାଉଳ, କେଦାର ସେଠୀ, ହିମାଂଶୁ ନାୟକ, ପ୍ରବୀର ଦାସ ଓ ପ୍ରବୀର ରାଉଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପ୍ରଭାସ କୁମାର ଓ ଚନ୍ଦନ କୁମାର ରେଫରୀ ଭାବେ କ୍ରୀଡ଼ା ପରିଚାଳନା କରିଥିଲେ। ଚିନ୍ମୟ କରମ୍ ଧାରା ବିବରଣୀ ପ୍ରଦାନ କରିଥିଲେ।


ଚାମ୍ପିୟନ ଦଳର ଖେଳାଳିମାନଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ବ୍ଲକସ୍ତରୀୟ ରଜ ଉତ୍ସବ ଶେଷ


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବିରିଡି,୧୬।୬ (ପ୍ରଶାନ୍ତ ରାଉତ)

ବିରିଡିରେ ୩ ଦିନ ବ୍ୟାପୀ ଚାଲିଥିବା ବ୍ଲକସ୍ତରୀୟ ରଜ ଉତ୍ସବ ଶୁକ୍ରବାର ଶେଷ ହୋଇଯାଇଛି। ମହିଳା ମହାସଂଘ ଓ ରଜ ଉତ୍ସବ ପରିଚାଳନା କମିଟି ସହଯୋଗରେ ସ୍ଥାନୀୟ ଚାନ୍ଦପୁର ବିଲୁଆଖାଇ ନଦୀ ପଠାସ୍ଥିତ ଆମ୍ବତୋଟାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଝୋଟି, ତାସ ଖେଳ, ନାଚ, ଗୀତ, ଦୋଳି, ପୋଡପିଠା, ପାନଭଙ୍ଗା ଓ ଦୋଳିଖେଳ ଆଦି ପ୍ରତିଯୋଗିତା ହୋଇଥିଲା । ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଓଡିଶା ଜୀବିକା ମିଶନ (ଓଏଲଏମ)ର ବିପିଏମ ଗଣେଶ ଚନ୍ଦ୍ର ସ୍ୱାଇଁ, ଏସଡିସି ପ୍ରମୋଦ ସିଂହ, ବିଏଲସି ଦିପ୍ତିମୟୀ ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ପାରାଦୀପର ବାଲିଯାତ୍ରା ପରେ ରଜ ମହୋତ୍ସବ ଅନ୍ୟତମ ବଡ଼ ପର୍ବ

ପାରାଦୀପ, ୧୬।୬(ଶରତ ରାଉତ)

ପାରାଦୀପଗଡ ଗ୍ରାମ ପଞ୍ଚାୟତ ପକ୍ଷରୁ ୮ ଦିନିଆ ରଜ ମହୋତ୍ସବ ଗତ ୧୧ ରୁ ଅନୁଷ୍ଠିତ ହେଉଛି। ଏହା ଆସନ୍ତା ୧୮ରେ ଉଦ୍‌ଯାପିତ ହେବ। ଏହି ପର୍ବର ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏଏମଏନଏସ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଜ ପର୍ବ ୨ ବର୍ଷ ମଧ୍ୟରେ ଆଶାତୀତ ସଫଳତା ପାଇଛି। ପ୍ରତିଦିନ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ପାରାଦୀପର ବାଲିଯାତ୍ରା ମହୋତ୍ସବ ପରେ ଏହା ଅନ୍ୟତମ ବଡ଼ପର୍ବ ବୋଲି ଅତିଥିମାନେ କହିଥିଲେ। ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ମେଲୋଡି ଆୟୋଜନ କରାଯାଇଛି। ଏଥିରେ ଦୋଳି, ମିନାବଜାର, ସହ ୧୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟବସାୟିକ ବିପଣୀ ଖୋଲିଛି ବୋଲି ମହୋତ୍ସବ କମିଟି ସଭାପତି ସଞ୍ଜୟ ବେହେରା କହିଛନ୍ତି।



ରଜ ମହୋତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସାଂସ୍କୃତିକ ପରମ୍ପରା ଭାଇଚାରା ସୃଷ୍ଟିର ମୁଖ୍ୟ ମାଧ୍ୟମ

ତିର୍ତ୍ତୋଲ,୧୬।୬ (ଗୌରାଙ୍ଗ ସ୍ୱାଇଁ)

ଗ୍ରାମାଞ୍ଚଳରେ ପାଳନ ହେଉଥିବା ରଜପର୍ବ ପରି ସଂସ୍କୃତିଭିତ୍ତିକ ପର୍ବ ଲୋକମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିଥାଏ। ଏହି ପର୍ବ ଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ରଜ ଉତ୍ସବରେ ସାଂସ୍କୃତିକ ପରମ୍ପରାର ନିଦର୍ଶନ ମିଳେ। ଏହା ଭାଇଚାରା ସୃଷ୍ଟିର ମୁଖ୍ୟ ମାଧ୍ୟମ ପାଲଟିଛି ବୋଲି ପାରାଦୀପ ବିଧାୟକ ଇଂ.ସମ୍ବିତ ରାଉତରାୟ ମତବ୍ୟକ୍ତ କରିଛନ୍ତି। ତିର୍ତ୍ତୋଲ ଥାନା ଅଧୀନ ଗରେଇ ପଞ୍ଚାୟତ ବିବଛପୁର ନାଳିଆପାଳ ସ୍ୱପ୍ନେଶ୍ୱର ପୀଠରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ରଜ ଉତ୍ସବ ସାଂସ୍କୃତିକ ସଭାରେ ପାରାଦୀପ ବିଧାୟକ ରାଉତରାୟ ଉପରୋକ୍ତ ମତ ପୋଷଣ କରିଥିଲେ। ଏହି ସଭାରେ ଗରେଇ ସରପଞ୍ଚ ଦୀପ୍ତିରେଖା ଲେଙ୍କା ସଭାପତିତ୍ୱ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ଜଗତ୍‌ସିଂହପୁର ସବିତା ମହାପାତ୍ର, ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ସୁପରିଚିତ ଟେଲି ଅଭିନେତା ଶୁଭାଶିଷ ଶର୍ମା, ଘରୋଇ ଟିଭି କାର୍ଯ୍ୟକ୍ରମ ପ୍ରଯୋଜକ ଅଭିନନ୍ଦନ ଦାସ, ବ୍ୟଙ୍ଗ କଳାକାର ଆନ୍ନା ବାବୁ, ମହିନ୍ଦ୍ରା କମ୍ପାନୀର ବିକ୍ରୟ ମୁଖ୍ୟ ସୁନୀଲ କୁମାର ସାହୁ ପ୍ରମୁଖ ରଜ ପର୍ବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବିନୋଦ କୁମାର ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟି ସମ୍ପାଦକ ସାରଦା ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସଭାପତି ପବିତ୍ର ମୋହନ ମିଶ୍ର, ଯୁବ ସାମାଜିକ କର୍ମୀ ସୁକାନ୍ତ କୁମାର ଲେଙ୍କା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନୃସିଂହ ରାଉତ, ଆଶିଷ ନାୟକ, ସଞ୍ଜୟ କୁମାର ଓଝା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହାପରେ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚରେ ବିଧାୟକ ଇଂ. ରାଉତରାୟ ଏକ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ଗାଇ ଭିନ୍ନ ପରିବେଶ ସୃଷ୍ଟି କରିଥିଲେ।



ବିବଛପୁର ନାଳିଆପାଳ ସ୍ୱପ୍ନେଶ୍ୱର ପୀଠରେ ଆୟୋଜିତ ରଜ ମହୋତ୍ସବରେ ବିଧାୟକ ସମ୍ବିତ ରାଉତରାୟ ଓ ଅନ୍ୟ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ୍, ୨୦୨୩

### ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର

ମୋହନା,୧୬।୬(ମନ୍ମଥ ମିଶ୍ର): ମୋହନା ଥାନା ସିରିଶିପଦା ଗାଁରେ ଶୁକ୍ରବାର ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର ହୋଇଛନ୍ତି। ସେ ହେଲେ ବାଲିମା ଗମାଙ୍ଗ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ମୋହନା ମେଡିକାଲରେ ଭର୍ତ୍ତି କରିଛନ୍ତି। ମଧ୍ୟାହ୍ନରେ ବଳଦ ବିକ୍ରି ସହ କୌଣସି କାରଣରୁ ସ୍ୱାମୀ ବାଲିମା ସହ ସ୍ତ୍ରୀ ଲକ୍ଷ୍ମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ସ୍ୱାମୀ ଠେଙ୍ଗାରେ ସ୍ତ୍ରୀକୁ ଆକ୍ରମଣ କରିବା ବେଳେ ସ୍ତ୍ରୀ ଟାଙ୍ଗିଆ ଧରି ସ୍ୱାମୀକୁ ଚୋଟ ପକାଇଥିଲେ। ଫଳରେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଛି।



# ମନ୍ଦିର, ମସଜିଦ୍, ଚର୍ଚ୍ଚର ଉନ୍ନତୀକରଣ ହେବ

**ଫୁଲବାଣୀ/ଖଜୁରିପଡ଼ା, ୧୬।୬(ରାକେଶ ରାଉତ/ବିଦୂର ବେହେରା):**

■ ୫-ଟି ସଚିବଙ୍କ କନ୍ଧମାଳ ଗସ୍ତ
■ ଚାଷୀ ଭାଇଙ୍କ କଥା ଆଗ ବୁଝାଯିବ

୫-ଟି ସଚିବ ଭି.କେ ପାଣ୍ଡିଆନ ଶୁକ୍ରବାର କନ୍ଧମାଳ ଜିଲାର ଖଜୁରିପଡ଼ା ଓ ଫୁଲବାଣୀ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ସେ ବିଭିନ୍ନ ସ୍ଥାନରେ ଲୋକମାନଙ୍କ ସହ କଥା ହୋଇ ଆଗାମୀ ଦିନରେ ଅଧୁରା ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି। ବିଶେଷ କରି ଚାଷୀ ଭାଇଙ୍କ କଥାକୁ ଅଗ୍ରାଧିକାର ଭିତ୍ତିରେ ବୁଝାଯିବ। ଜିଲାରେ ଥିବା ଅନେକ ମନ୍ଦିର, ମସଜିଦ୍, ଚର୍ଚ୍ଚ ଆଦିର ଉନ୍ନତୀକରଣ କରାଯିବ। ମିଶନ ଶକ୍ତି ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ମା' ମାନେ ଆଗେଇଲେ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ସହ ଓଡିଶା ଆଗକୁ ଯିବ ବୋଲି କହିଛନ୍ତି।

ଅପରାହ୍ନ ୪ଟାରେ ୫-ଟି ସଚିବ ହେଲିକପ୍ଟରରେ ଆସି ଗୁଦାରିସ୍ଥିତ ଏୟାର ଷ୍ଟ୍ରିପରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରଥମେ ସେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ମନ୍ଦିରକୁ ତରାତାରିଣୀ ମନ୍ଦିର ଭଳି ସୌନ୍ଦର୍ଯ୍ୟକରଣ କରାଯିବ। ମନ୍ଦିର ଡିଜାଇନ ଦେଖିବା ପରେ କମ୍ ଦିନ ମଧ୍ୟରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ସେଠାରୁ ଫୁଲବାଣୀ ଷ୍ଟାଡିୟମକୁ ଆସି ସାଧାରଣ ଜନତା, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ କଥା ହୋଇଥିଲେ। ମୁଖ୍ୟମନ୍ତ୍ରୀ ଚାଷୀ ଏବଂ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଚାଷୀଭାଇଙ୍କ କଥା ଆଗ ବୁଝାଯିବ। ବରାଳ ଦେବୀ, ଫୁଲବାଣୀର ଜଗନ୍ନାଥ ମନ୍ଦିର, ସାଇ ମନ୍ଦିର ଆଦିର ଉନ୍ନତିକରଣ କରାଯିବ। ଏସବୁ ଉପରେ ଆସନ୍ତା ୨୩ ତାରିଖରେ ଖୁସି ଖବର ପାଇବେ ବୋଲି ସୂଚନା ଦେଇଥିଲେ। ଫୁଲବାଣୀରେ ୧୦୦୦ କୋଟି ଟଙ୍କାରେ ମେଡିକାଲ କଲେଜ ହେଉଛି। ଖୁବ କମ ଦିନ ମଧ୍ୟରେ ଏହା ଶେଷ ହେବ। ଚିକିତ୍ସା ପାଇଁ ଜିଲାର ଲୋକଙ୍କୁ ଆଉ ବାହାରକୁ ଯିବାକୁ ପଡିବ ନାହିଁ। ଆଗାମୀ ଦିନରେ ଫୁଲବାଣୀ ସହରର ରୂପରେଖ ବଦଳିବ ବୋଲି ୫-ଟି ସଚିବ କହିଥିଲେ। ଏହି ଅବସରରେ ଉପସ୍ଥିତ ଲୋକ ଏବଂ ସଂଗଠନର କର୍ମକର୍ତ୍ତାଙ୍କଠାରୁ ଦାବିପତ୍ର ଗ୍ରହଣ କରି ତା ଉପରେ ତର୍ଜମା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



୫-ଟି ସଚିବ ଭି.କେ ପାଣ୍ଡିଆନ ବରାଳ ଦେବୀ ମନ୍ଦିର ମ୍ୟାପ ଦେଖୁଛନ୍ତି।

ଏହାପରେ ଫୁଲବାଣୀ କରୋନେଶନ ପଡିଆରେ ପହଞ୍ଚି ସ୍ୱୟଂ ସହାୟିକା ଗୋଷ୍ଠୀ, ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିତ୍ରଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସବୁ ବେଳେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ଉନ୍ନତି ଚାହୁଁଛନ୍ତି ବୋଲି ଅବଗତ କରିଥିଲେ। ଜିଲା ଫେଡେରେସନ ପାଇଁ ୧ କୋଟି ଏବଂ ବ୍ଲକ ଫେଡେରେଶନ ପାଇଁ ୫୦ ଲକ୍ଷ ପ୍ରଦାନ କରାଯାଉଛି। ଆଗାମୀ ଦିନରେ ବ୍ଲକ ଫେଡେରେସନକୁ ଗାଡି ଦିଆଯିବ ବୋଲି କହିଥିଲେ। ଏହାପରେ ପୋଲିସ ରିଜର୍ଭ ପଡିଆକୁ ଯାଇ ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ଜିଲାର ସମସ୍ତ କଲେଜକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯିବ। ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ ରୁମ, ଖେଳ ପଡିଆ, ଟଏଲେଟ ଆଦି କରାଯିବ। ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ରୂପାନ୍ତରୀକରଣ କାର୍ଯ୍ୟ ହେବ ବୋଲି କହିଥିଲେ। ଏଥିସହ ସ୍କୁଲ ଏବଂ କଲେଜରେ ଅଭାବ ଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେଉଁମାନେ ସିଭିଲ ସର୍ଭିସ ପାଇଁ ଇଚ୍ଛା କରୁଛନ୍ତି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ୫-ଟି ସଚିବଙ୍କ ଗସ୍ତ ବେଳେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ରଞ୍ଜିତ୍‌ଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀମାନେ ସାମିଲ ଥିଲେ।

## ଡ୍ରାଇଭର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ

ଧରାକୋଟ,୧୬।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ସମ୍ପ୍ରତି ରାଜ୍ୟ ସରକାରଙ୍କ ତରଫରୁ ଡ୍ରାଇଭର ମାନଙ୍କୁ ରଜ ଭେଟି ପ୍ରଦାନ କରାଯାଇଛି। ଶୁକ୍ରବାର ଧରାକୋଟ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ଆସି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ହନୁମାନଙ୍କ ବିଗ୍ରହ ସମ୍ମୁଖରେ ସମୂହ ଦୀପଦାନ କରି ବିଭିନ୍ନ ସ୍ଲୋଗାନ ଦେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସଙ୍ଘର ଦଶ ଦଫା ଦାବି ମଧ୍ୟରୁ ସରକାର କଲ୍ୟାଣ ବୋର୍ଡ ଗଠନ ସହ ଡ୍ରାଇଭରମାନଙ୍କୁ ବୀମାଭୁକ୍ତ କରିବା ପାଇଁ ଘୋଷଣା କରିଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ବ୍ଲକ କମିଟି ସଭାପତି ସୁରେଶ କୁମାର ସିଂହ, ସମ୍ପାଦକ ପ୍ରଭାକର ମୁନି, ସହ ସମ୍ପାଦକ ପ୍ରଭାକର ପ୍ରଧାନ ଓ ଉପଦେଷ୍ଟା ଏନ୍ କଂଗ୍ରେସ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହୃଦାନନ୍ଦ ଜେନା ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅଠର ପଞ୍ଚାୟତର କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଶେଷରେ ସରକାର ରାଜ୍ୟ ସଙ୍ଘ ତରଫରୁ ରଖାଯାଇଥିବା ଅନ୍ୟାନ୍ୟ ଦାବି ଗୁଡ଼ିକ ସହୃଦୟତାର ସହ ପୂରଣ ପାଇଁ ଅନୁରୋଧ କରାଯାଇଥିଲା।

## ସଂକ୍ଷେପରେ

### ଜି.ଉଦୟଗିରି ବନାଞ୍ଚଳରେ ୧୭ ହାତୀ

ଜି.ଉଦୟଗିରି,୧୬।୬(ପି.ସଞ୍ଜୀବ କୁମାର ପାତ୍ର) ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ଦରମ୍ବାଙ୍ଗିଆ ସଂରକ୍ଷିତ ଜଙ୍ଗଲରୁ ୧୭ଟିକିଆ ହାତୀପଲ ଜି. ଉଦୟଗିରି ବନାଞ୍ଚଳ କଳିଙ୍ଗିଆ ସେକ୍ସନ୍‌ର କୁର୍ମାଙ୍ଗିଆ ଅଞ୍ଚଳରେ ବୁଲୁଛନ୍ତି। ବନପାଳ ରଶ୍ମିତା ବକ୍ସି, ବନରକ୍ଷୀ ବିଭୂରଞ୍ଜନ ସାମନ୍ତରାୟ ଓ ପରାଗାର୍ଡ ସମ୍ପୃକ୍ତ ଅଞ୍ଚଳକୁ ଯାଇ ହାତୀର ପାଦଚିହ୍ନ ଓ ମଳ ଠାବ କରିଛି। ସେଥିରୁ ଦନ୍ତାହାତୀ ୪, ମାଈ ହାତୀ ୮ ଓ ଛୁଆ ହାତୀ ୫ ବୋଲି ଜଣାପଡ଼ିଥିବା ବେଳେ ପୂର୍ବରୁ ଖବର ପାଇ ଦୁର୍ଗାପ୍ରସାଦ ବନପାଳ ଓ ତାଙ୍କ ସହଯୋଗୀ ବନରକ୍ଷୀ ଓ ପାରାଗର୍ଡ ଉକ୍ତ ଅଞ୍ଚଳରେ ହାତୀପଲର ଗତିପଥ ଅନୁସନ୍ଧାନ କରିଛି। ଉକ୍ତ ହାତୀ ପଲ ପୁଣି ଥରେ ଦରପଙ୍ଗିଆ ଜଙ୍ଗଲ ଦେଇ ମୂଜାଗଡ ବନାଞ୍ଚଳକୁ ଫେରିଥିବାର ସୂଚନା ମିଳିଛି।

### ପଶ୍ଚିମ ବଙ୍ଗ ପର୍ଯ୍ୟଟକଙ୍କ ଦାରିଙ୍ଗବାଡିରେ ରଜ

ଦାରିଙ୍ଗବାଡି,୧୬।୬( ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ ଶିବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ରଜ ଉତ୍ସବ ୨୦୧୩ ପାଳିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ଶତାଧିକ ମହିଳାମାନେ ଯୋଗ ଦେଇ ଦୋଳି ଖେଳି ମଜା ନେବା ସହ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତ ପ୍ରତିଯୋଗୀଙ୍କୁ ରଜ ପାଳନ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦାରିଙ୍ଗବାଡିକୁ ପଶ୍ଚିମବଙ୍ଗରୁ ଆସିଥିବା ମହିଳା ପର୍ଯ୍ୟଟକ ବୈଶାଖି ପାଲ ବିଭିନ୍ନ ପ୍ରତିଯୋଗିତାରେ ଯୋଗଦାନ କରି ବହୁତ ଖୁସି ବ୍ୟକ୍ତ କରିଥିଲେ। ଶାନ୍ତି, ସଦଭାବନା ଓ ଭାଇଚାରାର ସହର ଦାରିଙ୍ଗବାଡିରେ ଏଭଳି କାର୍ଯ୍ୟକ୍ରମ ଗତ ୫ ବର୍ଷ ଧରି ପାଳନ କରାଯାଉଥିବା କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ସରକାରୀ ଆଇଟିଆଇ ଅନୁଷ୍ଠାନର ଶିକ୍ଷୟିତ୍ରୀ ସରୋଜିନି ଦାସ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ଡ. ଅଶୋକ କୁମାର ଦାସ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ମୁଖ୍ୟବକ୍ତା ବିଡିଓ ଗଦାଧର ପାତ୍ର, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ଯୋଗ ଦେଇଥିଲେ।

### ଗୌଡ କୁଳ ସମାଜ ବୈଠକରେ ସଭାପତିଙ୍କୁ ଆକ୍ରମଣ

ବୁଗୁଡ଼ା,୧୬।୬(କାଳି ଚରଣ ଦାଶ) ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମରେ ଗୌଡ କୁଳ ସମାଜ ବୈଠକରେ ସଭାପତିଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ରମାକାନ୍ତ ଗୌଡ। ୧୫ ତାରିଖ ରାତିରେ ବେତାରସିଂ ଗ୍ରାମରେ ରମାକାନ୍ତ ଗୌଡ଼ଙ୍କ ସଭାପତିତ୍ୱରେ ଗୌଡ କୁଳ ସମାଜର ବୈଠକ ଚାଲିଥିବା ବେଳେ ପାଟିତୁଣ୍ଡର ସୂତ୍ରପାତ ହୋଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାଲ ଗୌଡ଼ ଏକ ବାଉଁଶ ବାଡିରେ ରମାକାନ୍ତଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ବୁଗୁଡ଼ା ପୋଲିସ ପହଞ୍ଚି ଥିଲେ ଏବଂ ଆହତ ରମାକାନ୍ତ ବୁଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୈଠକରେ ନିରଞ୍ଜନ ଗୌଡ଼, ମହନ୍ତ ଗୌଡ, ରମେଶ ଗୌଡ ଓ ଯୋଗୀ ଗୌଡ ପ୍ରମୁଖ ଗାଳି କରିବା ସହ ରମାକାନ୍ତଙ୍କୁ ଭିଡି ଧରିଥିବା ବେଳେ ମାଲ ଗୌଡ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ନଂ.୪୧୮/୨୩ରେ ଏକ ମାମଲା ରମାକାନ୍ତ ଗୌଡ଼ଙ୍କ ଅଭିଯୋଗ କ୍ରମେ ରୁଜୁ ହୋଇଥିବା ବେଳେ ଅପରପକ୍ଷରେ ନଂ ୪୧୯/୨୩ରେ ଏକ ପାଲଟା ଅଭିଯୋଗ ନିରଞ୍ଜନଙ୍କ ପକ୍ଷରୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଆକାଂକ୍ଷା ତରଫରୁ ରଜ ଉତ୍ସବ

ପାରଳାଖେମୁଣ୍ଡି,୧୬।୬(ଗିରିଧାରୀ ପରିଛା): ଗଜପତି ଜିଲାର ଅଗ୍ରଣୀ ମହିଳା ସଂଗଠନ ଆକାଂକ୍ଷା ତରଫରୁ ରଜ ଉତ୍ସବ ପାଳିତ ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାନେତ୍ରୀ ଆଶା ଲତା ପାଣିଗ୍ରାହୀ, ସମ୍ପାଦିକା ମିନା କୁମାରୀ ଟହଲ, ଉପଦେଷ୍ଟା ଡଃ କଲ୍ୟାଣୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଠୀ ପରିଚାଳନା କରିଥିଲେ। ଏଥିରେ କୁନି କୁନି ଶିଶୁ ଓ କିଶୋରୀ ଝିଅ ମାନଙ୍କୁ ମେହେନ୍ଦି, ଅଳତା ଲଗାଇ ସଜେଇ ଦିଆଯାଇଥିଲା। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ପୋଡପିଠା,ଗଜା, କାକରା, ଲଡୁ, ଆରିସା ଓ ଅନ୍ୟାନ୍ୟ ମିଠା ସହିତ ରଜ ପାନ। ଏବଂ ଶୀତଳ ପାନୀୟ ପରିବେଷଣ କରାଯାଇଥିଲା।

# ବିଶ୍ୱ ସାମୁଦ୍ରିକ କଇଁଛ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଗଞ୍ଜାମ,୧୬।୬(ବିଦ୍ୟାଧର ସାହୁ)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଁଣ ଗୋଖରକୁଦା ବେଳାଭୂମିଠାରେ ଋଷିକୁଲ୍ୟା ସାମୁଦ୍ରିକ କଇଁଚ ସୁରକ୍ଷା କମିଟି ଏବଂ ଜେଡ ଏସ୍‌ଆଇର ମିଳିତ ସହଯୋଗରେ ବିଶ୍ୱ ସାମୁଦ୍ରିକ କଇଁଛ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର ମୁଖ୍ୟ ଅତିଥିଭାବେ ଯୋଗଦେଇ ଋଷିକୁଲ୍ୟା ମୁହାଁଣ ଅଞ୍ଚଳର ପୋଡ଼ମପେଟା, କଣ୍ଟିଆଗଡ଼, ଗୋଖରକୁଦା, ପୁରୁଣାବନ୍ଧ ପ୍ରମୁଖ ଗ୍ରାମର ଜନସାଧାରଣଙ୍କ ସହଯୋଗରେ ବିରଳ ଅଲିଭରିଡଲେ ଭଳି ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ହୋଇପାରୁଛି ବୋଲି କହିଥିଲେ। ଏବର୍ଷ ୬ ଲକ୍ଷ ୩୭ହଜାର ସାମୁଦ୍ରିକ କଇଁଛ ଗଣ ଅଣ୍ଡାଦାନ କରିଥିଲେ। ଏହି ଚାରି ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ହେଉଥିବାରୁ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ବନ୍ୟ ପ୍ରାଣି ତତ୍ତ୍ୱାବଧାରକ ରବିନ୍ଦ୍ର ନାଥ ସାହୁ ୧୯୯୪ରୁ ବିଭାଗ ସହଯୋଗରେ ଏହି କାର୍ଯ୍ୟ କରି ଆସୁଛନ୍ତି। ଅନ୍ୟତମ ଅତିଥିଭାବେ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ, ୟୁଏଏର ସମ୍ପାଦକ ମଙ୍ଗରାଜ ପଣ୍ଡା ପ୍ରମୁଖ ସହ ଜେଡଏସ୍‌ଆଇର କର୍ମକର୍ତ୍ତା ଯୋଗଦେଇ ଅଲିଭ ରିଡଲେଙ୍କ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଇକୋ କ୍ଲବ ଜିଲା ସଂଯୋଜକ ଡ. ଶଙ୍କର ନାରାୟଣ ବେଜ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ପୁରୁଣାବନ୍ଧ ଗ୍ରାମମ୍ୟ ସଭାପତି ମାଗତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆହାର କେନ୍ଦ୍ର ପାକଶାଳା ଉଦ୍‌ଘାଟିତ

ବୁଗୁଡ଼ା,୧୬।୬(କାଳୀ ଚରଣ ଦାଶ): ବୁଗୁଡ଼ା ଏନ୍‌ଏସି ମୁଖ୍ୟ ସଡକ ପାର୍ଶ୍ୱ ଆହାର କେନ୍ଦ୍ରର ନୂତନ ପାକଶାଳା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଉକ୍ତ ପାକଶାଳାକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିଥିଲେ। ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ, ୭ନଂ ୱାର୍ଡ କାଉନସିଲର ଆଶୁତୋଷ ବଢ଼େଇ, ସୁଧାଂଶୁ ଶେଖର ପାଢ଼ୀ, କେ. ତ୍ରିଲୋଚନ ଦୋରା, ରମଣ ନାହାକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମହାବୀର ସ୍ୱୟଂ ସହାୟିକା ଗୋଷ୍ଠୀ ଆହାର କେନ୍ଦ୍ର ଖାଦ୍ୟ ପରିବେଷଣ ଦାୟିତ୍ୱ ନେଇଥିବା ବେଳେ ଏବେ ରୋଷେଇ ଦାୟିତ୍ୱ ଦିଆଯାଇଛି।

## କାଳବୈଶାଖୀରେ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି



ବାହାଡ଼ାପଦର ଡହ ରାସ୍ତାରେ ପଡିଥିବା ଏକ ଗଛକୁ କାଟି ସଫା କରାଯାଉଛି।

**ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ)-** ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଡହ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ପ୍ରଭାବରେ କେତେକ ଘର ଭାଙ୍ଗିଯାଇଥିବା ବେଳେ ୧୧ କେଭି ଲାଇନ କ୍ଷତିଗ୍ରସ୍ତ ହୋଇଥିବାରୁ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି। ଭଞ୍ଜନଗର ଓ ରାଇକିଆ ବ୍ଲକର ପ୍ରାୟ ୩୮୦୦ ବିଦ୍ୟୁତ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବା ପାଇଁ ବହୁ ସମୟ ଲାଗିବା ସମ୍ଭାବନା ରହିଛି। ଫଳରେ ଲୋକେ ରାତିରେ ଅନେକ ସମସ୍ୟାର ସମ୍ମୁଖିନ ହେବେ। ଟାଟା ପାୱାର କର୍ମଚାରୀମାନେ ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଅନ୍ୟପଟେ ରାସ୍ତା ଉପରେ ଅନେକ ବଡ ବଡ ଗଛ ଭାଙ୍ଗି ପଡ଼ିଥିବା ବେଳେ ଲୋକେ ଏବଂ ଭଞ୍ଜନଗର ଦମକଳବାହିନୀ ଗଛ ଗୁଡ଼ିକୁ କାଟି ରାସ୍ତା ସଫା କରୁଛନ୍ତି। ଫଳରେ ଭଞ୍ଜନଗର ଡହ ରାସ୍ତାରେ ଯାନବାହାନ ଚଳାଚଳ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବେଗୁନିଆପଡ଼ା,୧୬।୬(ସୁଶାନ୍ତ ପଟ୍ଟନାୟକ)

ବିବାହ ପ୍ରଲୋଭନ ଦେଖାଇ ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ କୋଦଳା ପୋଲିସ ଗିରଫ କରିଛି। ସେ ହେଲେ ବୁଡାମ୍ବ ଗ୍ରାମର ଶୁଭେନ୍ଦୁ ପଲେଇ। ଶୁଭେନ୍ଦୁ ନାବାଳିକାଙ୍କ ସହ ପ୍ରଥମେ ଫୋନ୍ ଯୋଗେ ସମ୍ପର୍କ ସ୍ଥାପନ କରିଥିଲେ। ୨ ଦିନ ତଳେ ତାଙ୍କୁ ଏକ ଅଟୋ ଯୋଗେ ଅପହରଣ କରି ବ୍ରହ୍ମପୁର ନେଇ ଯାଇଥିଲେ। ଅଟୋ ଭିତରେ ତାଙ୍କୁ କରିଥିଲେ। ସେଠାରୁ କୌଣସି ମତେ ଖସି ଆସି ନାବାଳିକା ଘର ଲୋକଙ୍କୁ ଏହା ଜଣାଇଥିଲେ। ଘର ଲୋକେ କୋଦଳା ଥାନାର ଆଶ୍ରୟ ନେଇଥିଲେ। ଥାନା ଅଧିକାରୀ ଉମାକାନ୍ତ ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ବ୍ରହ୍ମପୁର ପୋକ୍‌ସୋ କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରାଯାଇ ଜେଲ୍ ପଠା ଯାଇଛି।

## ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତା
## ଚିକିଟି ବ୍ଲକକୁ ୨ ସ୍ୱର୍ଣ୍ଣ, ୫ ରୌପ୍ୟ, ୧୦ ବ୍ରୋଞ୍ଜ ପଦକ

**ଚିକିଟି,୧୬।୬(ପ୍ରକାଶ ସାହୁ)**

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା କାଜୁୱାଡା ଠାରେ ଅମାର ପିନି ମିମୋରାବିଲେ ଦ୍ୱିତୀୟ ଜାତୀୟ କରାଟେ ଏକାଡେମୀ ଅନୁଷ୍ଠାନ ତରଫରୁ ଜାତୀୟ ଜୁନିଅର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ଚିକିଟି ବ୍ଲକକୁ ୨ଟି ସ୍ୱର୍ଣ୍ଣ, ୫ ରୌପ୍ୟ ଏବଂ ୧୦ଟି ବ୍ରୋଞ୍ଜ ପଦକ ମିଳିଛି। ଗିରିସୋଲା ସ୍ଥିତ ବୌଦ୍ଧ ସନ ମାର୍ସଲ ଆର୍ଟ ଫାଉଣ୍ଡେସନର ୧୪ ବିଦ୍ୟାର୍ଥୀ କରାଟେର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉକ୍ତ ପଦକ ଜିତି ତେଲୁଗୁ ଅଭିନେତା ପ୍ରସନ୍ନ କୁମାରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। କରାଟେ ସଂସ୍ଥାର ଚିଫ କୋଚ ତାଇ ପ୍ରକାଶ, ଅନ୍ୟତମ କୋଚ କିର୍ମାନୀ ଏବଂ ଟିମ ମ୍ୟାନେଜର କେ. ଟାଟା ରାଓଙ୍କ ନେତୃତ୍ୱରେ ବିଶାଖାପାଟଣା ଗସ୍ତ କରିଥିଲା। ଚିକିଟି ବ୍ଲକ ସୁନାପୁର ପଞ୍ଚାୟତ ପାତିସୁନାପୁର ଗ୍ରାମର କେ. ଚରଣ ଏବଂ ଗିରିସୋଲାର ତ୍ରିପତି କୁମାର ପଣ୍ଡା ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଡି ପୂଜା, ସି ଏଚ. ଶ୍ୟାମ, ଜି. ଲସ୍ୟା, ବି. ଚୈତନ୍ୟ, କେ. ଚରଣ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଏସ. କାର୍ତିକ, ସିଏଚ. କ୍ରିଷ୍ଣା, କେ. ମହେଶ, ବି. ତନୁଜା, ହରିପ୍ରିୟା ସେଠି, ଟି. ପୂଜା, ଡି. କାର୍ତିକ ବ୍ରୋଞ୍ଜ ପଦକ ପାଇବାରେ ସଫଳତା ହାସଲ କରିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ଗୋପାଳପୁର,୧୬।୬(ନବୀନ ରାଜ ଆଚାରୀ) ୧୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତ୍ରିରେ ଅଜଣା ଗାଡ଼ି ଧକ୍କାରେ କନିଷି ଗ୍ରାମର ବି.ଦମୟନ୍ତୀ (୫୭) ଙ୍କ ମୃତ୍ୟୁ ଘଟିଛି। କନିଷି ଗ୍ରାମର ଦମୟନ୍ତୀ ରାତ୍ରିରେ ଭାଲିଆଗଡ଼ ଗ୍ରାମରୁ ଭୋଜି ଖାଇ ଚାଲି ଚାଲି ନିଜ ଗ୍ରାମ କନିଷି ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଗୋବିନ୍ଦ ନଗର ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ହିଁ ଦମୟନ୍ତୀଙ୍କ ମୃତ ବରଣ କରିଥିଲେ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ଦମୟନ୍ତୀଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ନଂ. ୨୭୫/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## କୋଟଗଡ ବ୍ଲକରେ ତାଲା, ଉନ୍ନୟନ କାର୍ଯ୍ୟରେ ବାଧା




ବ୍ଲକ କାର୍ଯ୍ୟାଳୟରେ ତାଲ ପଡ଼ିଛି।

କୋଟଗଡ,୧୬।୬(ସରୋଜ ବଳିୟାରସିଂ) କୋଟଗଡ଼ ବିଡିଓ ଅର୍ଜୁନ ପ୍ରଧାନଙ୍କ ବଦଳି ଦାବିରେ ଗତ ମଙ୍ଗଳବାରରୁ ବ୍ଲକ ଚେୟାରମ୍ୟାନ ଓ ଜନପ୍ରତିନିଧିମାନେ ବିଡିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ବିଡିଓ ବ୍ଲକର ଉନ୍ନୟନ କାର୍ଯ୍ୟ ନେଇ ବ୍ଲକ ଚେୟାରମ୍ୟାନ ପିଙ୍କି କଂହର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁନଥିବା ବେଳେ ଲୋକମାନଙ୍କ କୌଣସି ସମସ୍ୟା ବୁଝୁନଥିବା ସେମାନେ ଅଭିଯୋଗ କରି

**ବିଡିଓଙ୍କ ବଦଳି ଦାବି**

ତାଲା ପକାଇଛନ୍ତି। ଗତ ୪ ଦିନ ଧରି ବ୍ଲକ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ବିଭିନ୍ନ ଉନ୍ନୟକାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେବେ ଯେଉଁ ପର୍ଯ୍ୟନ୍ତ ବିଡିଓଙ୍କୁ ବଦଳି କରା ନଯାଇଛି, ସେ ପର୍ଯ୍ୟନ୍ତ ବ୍ଲକରେ ତାଲା ଝୁଲିବା ସହ ଆନ୍ଦୋଳନ ତୀବ୍ରତର ହେବ ବୋଲି ବ୍ଲକ ଚେୟାରମ୍ୟାନ ପିଙ୍କି କଂହର, ଜିଲା ପରିଷଦ ସଭ୍ୟ ସୁନାମାଝୀ,ସରପଞ୍ଚ ସୁନିତା ମଲିକ କହିଛନ୍ତି।

## ସୁଶ୍ରୀ ଅଞ୍ଜନାଙ୍କ କବିତା ଗୁଚ୍ଛବର୍ଣ୍ଣାଳୀ ଲୋକାର୍ପଣ

ପାରଳାଖେମୁଣ୍ଡି,୧୬।୬(ଗିରିଧାରୀ ପରିଛା)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନାରୀ କବି ଅଞ୍ଜନା ପଟ୍ଟନାୟକଙ୍କ ସଦ୍ୟତମ ସାରସ୍ୱତ ସୃଷ୍ଟି କବିତା ଗୁଚ୍ଛ ବର୍ଣ୍ଣାଳୀ ପୌରାଧକ୍ଷା ନିର୍ମଳା ସେଠୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଶୁଭ ଅବସରରେ ମହନ୍ତ ମହାରାଜ ରାମାନୁଜ ଦାସ, ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା, ଜ୍ୟୋତ୍ସ୍ନା ପଟନାୟକ, ପ୍ରାକ୍ତନ ନଗରପାଳ ନୃଷିହ ଚରଣ ପଟନାୟକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷ ଅରବିନ୍ଦ ଦାଶ, କରୁଣାକର ପଟ୍ଟନାୟକ ମଞ୍ଚାସୀନ ରହି ସୁଶ୍ରୀ ଅଞ୍ଜନାଙ୍କ କବିତା ପସରାର ଆତ୍ମିକ ଦୃଷ୍ଟିକୋଣରୁ ଯଥେଷ୍ଟ ଭଲ ହୋଇଛି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ମୁକ୍ତା ପଟ୍ଟନାୟକ ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ସ୍ୱାଧୀନ ତନୟା ପଣ୍ଡା ଧନ୍ୟବାଦ ଜଣାଇଥିଲେ।

## ନବୋଦୟ ଛାତ୍ରୀ ସୌଦାମିନୀ ମୃତ୍ୟୁ ମାମଲା
# ତତ୍କାଳୀନ ଅଧକ୍ଷ, ୱାର୍ଡେନରଙ୍କୁ କ୍ରାଇମବ୍ରାଞ୍ଚର ଜେରା

ପାରଳାଖେମୁଣ୍ଡି,୧୬।୬(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ଅଞ୍ଚଳରେ ଥିବା ଜବାହାର ନବଦୋୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ଗତ ଫେବ୍ରୁଆରୀ ୧୯ରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ ଟିମ ଶୁକ୍ରବାର ଷଷ୍ଠ ଦିବସରେ ନବୋଦୟ ବିଦ୍ୟାଳୟ ପରିସରରେ ତତ୍କାଳୀନ ଅଧକ୍ଷ ଏବଂ ଘଟଣା ଦିନ ଦାୟିତ୍ୱରେ ଥିବା ୱାର୍ଡେନରଙ୍କୁ ଜେରା କରିଛି। ଏଥିସହ ସମସ୍ତ ସିସିଟିଭି ଫୁଟେଜକୁ ପୁଙ୍ଖାନୁ ପୁଙ୍ଖ ଭାବେ ନିରୀକ୍ଷଣ କରୁଥିବାର ମଧ ଜଣାପଡିଛି। ଅଧକ୍ଷ ନିଜ ଦାୟିତ୍ୱରେ ଅବହେଳା କରିଥିବା ଆଭିଯୋଗ କରିବା ସହ ଛାତ୍ରୀଙ୍କ ମୃତ୍ୟୁ ନେଇ ପିତାମାତା ବା ପୋଲିସକୁ ଜଣାଇବା ବଦଳରେ ସୌଦାମିନୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଚାଲି ଯାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ତେଣୁ ଛାତ୍ରୀ ମୃତ୍ୟୁର ଷଡ଼ଯନ୍ତ୍ରରେ ସେ ମଧ ସାମିଲଥିବା ସନ୍ଦେହ କରିଛନ୍ତି ପିତାମାତା। ତେବେ କ୍ରାଇମବ୍ରାଞ୍ଚ ସବୁ ଦିଗକୁ ଅନୁଧ୍ୟାନ କରି ତଦନ୍ତ ଚଳାଇଛି। ବର୍ତ୍ତମାନ ସୁଦ୍ଧା ମୃତ ଛାତ୍ରୀଙ୍କ ମାତା ପିତାଙ୍କ ବୟାନ ରେକର୍ଡଠାରୁ ଆରମ୍ଭ କରି, ଛାତ୍ରୀଙ୍କ ସାଙ୍ଗମାନଙ୍କୁ ପଚରାଉଚରା, ନବୋଦୟ ବିଦ୍ୟାଳୟର ବିଭିନ୍ନ ସ୍ଥାନରେ ନିରୀକ୍ଷଣ ଆଦି ହୋଇଥିବା ବେଳେ ୩ଡି ବୈଷୟିକ କ୍ୟାମେରା ଦ୍ୱାରା ଘଟଣାସ୍ଥଳର ଫଟୋ ଉଠାଇ ତଥ୍ୟ ସଂଗ୍ରହ କରିଛନ୍ତି। ସୂଚନା ଯୋଗ୍ୟ ଯେ, ସୌଦାମିନୀଙ୍କ ମୃତ୍ୟୁ ଦିନ ସ୍ଥାୟୀ ୱାର୍ଡେନର ନଥିବା ବେଳେ ଜଣେ ଶିକ୍ଷକ ଏହାର ଦାୟିତ୍ୱରେ ଥିଲେ। ସେହିପରି ସେତେବେଳର ବିଦ୍ୟାଳୟର ଅଧକ୍ଷ ବର୍ତ୍ତମାନ ଅବସର ଗ୍ରହଣ କରିସାରିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ | Bhubaneswar, | Saturday, June 17/ 2023



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଶୁକ୍ରବାର ପୁରୁଷ ୧୦୦ ମିଟର ଫାଇନାଲ ଅବସରରେ ପ୍ରତିଯୋଗୀମାନେ। **(ଫଟୋ: ବିକାଶ ନାୟକ)**

# ପ୍ରତ୍ୟାବର୍ତ୍ତନ ରେସ୍‌ରେ ଅଞ୍ଜଳିଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୬।୬**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ୧୪ଟି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିୟାଣା, ପଞ୍ଜାବ ଓ ତାମିଲନାଡୁ ଦଳର ପ୍ରତିନିଧି ଆଧିପତ୍ୟ ବିସ୍ତାର କରିଛନ୍ତି। ୩୫ କି.ମି. ରେସ୍ ୱାକ୍ ପୁରୁଷରେ ହରିୟାଣାର ଜୁନେଦ, ମହିଳା ବର୍ଗରେ ପଞ୍ଜାବର ମଞ୍ଜୁ ରାଣୀ, ପୁରୁଷ ଡିସ୍‌କସ୍ ଥ୍ରୋରେ ପଞ୍ଜାବର କ୍ରିପାଲ ସିଂ, ମହିଳା ୧୦୦ ମିଟର ରେସ୍‌ରେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ଆରାଜି, ପୁରୁଷ ବର୍ଗରେ ତାମିଲନାଡୁର ଶିବ କୁମାର ବି. ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୪୦୦ ମିଟର ରେସ୍‌ର ମହିଳା ବର୍ଗରେ ହରିୟାଣାର ଅଞ୍ଜଳି ଦେବୀ, ପୁରୁଷ ବର୍ଗରେ ଶ୍ରୀଲଙ୍କାର କଲିଙ୍ଗା କୁମାରାଗେ, ୧୫୦୦ ମିଟର ମହିଳାରେ ମଧ୍ୟପ୍ରଦେଶର କେ.ଏମ୍. ଦୀକ୍ଷା ଏବଂ ୮୦୦ ମିଟର ପୁରୁଷରେ ହରିୟାଣାର କ୍ରିଶନ କୁମାର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ପୁରୁଷରେ ହରିୟାଣାର ବାଲ୍‌କିଷନ ଏବଂ ମହିଳାରେ ଉତ୍ତର ପ୍ରଦେଶର ପାରୁଲ ଚୌଧାରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ

### ପୋଡିୟମ ମଣ୍ଡନ କରିଥିବା ଆଥ୍‌ଲେଟ

୩୫ କି.ମି. ରେସ୍ ୱାକ୍ (ପୁରୁଷ): ୧-ଜୁନେଦ (ହରିୟାଣା), ୩:୦୦:୩୭.୦୦, ୨-ଏକନାଥ ସମ୍ଭୁଜି ତୁରାମ୍ଭ (ମହାରାଷ୍ଟ୍ର), ୩:୦୩:୪୦.୦୦, ୩-ବିକାଶ କୁମାର ଯାଦବ (ରାଜସ୍ଥାନ), ୩:୦୬:୦୬.୦୦।

୩୫ କି.ମି. ରେସ୍ ୱାକ୍ (ମହିଳା): ୧-ମଞ୍ଜୁ ରାଣୀ (ପଞ୍ଜାବ), ୩:୨୧:୩୧.୦୦, ୨-ମମତା ପାଲ (ଉତ୍ତର ପ୍ରଦେଶ), ୩:୪୦:୨୬.୦୦, ୩-କୋମଲ (ହରିୟାଣା), ୩:୪୨:୪୧.୦୦।

ଡିସ୍‌କସ୍ ଥ୍ରୋ (ପୁରୁଷ): ୧-କ୍ରିପାଲ ସିଂ (ପଞ୍ଜାବ), ୫୭.୩୯ ମି., ୨-ଗଗନଦୀପ ସିଂ (ପଞ୍ଜାବ), ୫୫.୬୯ ମି., ୩-ନିର୍ଭୟ ସିଂ (ହରିୟାଣା), ୫୫.୨୧ମି.।

୧୦୦ ମିଟର (ମହିଳା): ୧-ଜ୍ୟୋତି ଆରାଜି (ଆନ୍ଧ୍ର ପ୍ରଦେଶ), ୧୧.୪୬ ସେ., ୨-ଶ୍ରାବଣୀ ନନ୍ଦ (ଓଡ଼ିଶା), ୧୧.୫୯ ସେ., ୩-ହିମାଶ୍ରୀ ରୟ (ହରିୟାଣା), ୧୧.୭୧ ସେକେଣ୍ଡ।

୧୦୦ ମିଟର (ପୁରୁଷ): ୧-ଶିବ କୁମାର ବି. (ତାମିଲନାଡୁ), ୧୦.୩୭ ସେ., ୨-ହର୍ଷିତ ସିଂ (ପଞ୍ଜାବ), ୧୦.୪୫ ସେ., ୩-ଇଲାକ୍କିୟାଦଶନ କେ. (ତାମିଲନାଡୁ), ୧୦.୪୭ ସେକେଣ୍ଡ।

୪୦୦ ମି. ରନ୍ (ମହିଳା): ୧-ଅଞ୍ଜଳି ଦେବୀ (ହରିୟାଣା), ୫୧.୪୮ ସେ., ୨-ହିମାଂଶି ମଲିକ (ହରିୟାଣା), ୫୧.୭୬ ସେ., ୩-ଆର. ଭିଥ୍ୟ ରାମରାଜ (ତାମିଲନାଡୁ), ୫୨.୪୯ ସେକେଣ୍ଡ।

୪୦୦ ମି. ରନ୍ (ପୁରୁଷ): ୧-କଲିଙ୍ଗା କୁମାରାଗେ (ଶ୍ରୀଲଙ୍କା), ୪୫.୪୬ ସେ., ୨-ମହମ୍ମଦ ୟାନାସ ୟାହିୟା (କେରଳ), ୪୫.୭୬ ସେ., ୩-ମହମ୍ମଦ ଆଜମଲ ଭି. (କେରଳ), ୪୫.୯୦ସେକେଣ୍ଡ।

୧୫୦୦ ମିଟର (ମହିଳା): ୧-କେ.ଏମ. ଦୀକ୍ଷା (ମଧ୍ୟ ପ୍ରଦେଶ), ୪:୦୬.୦୭ ସେ., ୨-ହରମିଲନ ବେନ୍ସ (ପଞ୍ଜାବ), ୫:୦୮.୫୦ ସେ., ୩-ଚନ୍ଦା (ଦିଲ୍ଲୀ), ୪:୯.୩୯ ସେକେଣ୍ଡ।

୮୦୦ ମିଟର (ପୁରୁଷ): ୧-କ୍ରିଶନ କୁମାର (ହରିୟାଣା), ୧:୪୬.୧୭ ସେ., ୨-ମହମ୍ମଦ ଅଫଜାଲ ପି. (କେରଳ), ୧:୪୭.୪୭ ସେ., ପ୍ରଦୀପ ସେନ୍ଥିଲ କୁମାର (ତାମିଲନାଡୁ), ୧:୪୮.୧୦ ସେକେଣ୍ଡ।

୩୦୦୦ ମିଟର ଷ୍ଟିପଲଚେଜ୍ (ପୁରୁଷ): ୧-ବାଲକିଷନ (ହରିୟାଣା), ୮:୩୮.୯୮, ୨-ସୁମିତ କୁମାର (ଦିଲ୍ଲୀ), ୮:୪୩.୪୫, ୩-ପ୍ରିନ୍ସ ରାଜ ମିଶ୍ର (ସିକିମ), ୮:୪୪.୫୫।

୩୦୦୦ ମିଟର ଷ୍ଟିପଲଚେଜ୍ (ମହିଳା): ୧-ପାରୁଲ ଚୌଧାରୀ (ଉତ୍ତର ପ୍ରଦେଶ), ୯:୩୪.୨୩, ୨-ପ୍ରୀତି ଲାମ୍ବା (ହରିୟାଣା), ୯:୫୨.୮୯, ୩-କୋମଲ ଚନ୍ଦ୍ରକାନ୍ତ ଜାଗ୍ (ମହାରାଷ୍ଟ୍ର), ୧୦:୧୩.୧୦।

### ଅଞ୍ଜଳିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ

ଆହତ ସମସ୍ୟାରୁ ମୁକୁଳି ପାଖାପାଖି ୪ ବର୍ଷ ବ୍ୟବଧାନରେ ଟ୍ରାକ୍‌କୁ ଫେରିଥିବା ହରିୟାଣାର ଅଞ୍ଜଳି ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ଦେବାସହ ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ସେ ଏସିଆନ ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଞ୍ଜଳି ଏଠାରେ ୫୧.୪୮ ସେକେଣ୍ଡ ସମୟ ନେଇଛନ୍ତି। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂଥିଲା ୫୨.୦୩ ସେକେଣ୍ଡ। ଫଳରେ ସେ ସହଜରେ ଏସିଆନ ଗେମ୍ସ ଯୋଗ୍ୟତାପାଇଁ ଉଦ୍ଦିଷ୍ଟ ୫୨.୮୯ ସେକେଣ୍ଡକୁ ବହୁ ପଛରେ ପକାଇ ଦେଇଛନ୍ତି। ଆହତ ସମସ୍ୟା ପାଇଁ ସେ ୨୦୧୯ରୁ ବାହାରେ ରହିଥିଲେ। ମହିଳା ୪୦୦ ମିଟରରେ ଟପ୍-୪ରେ ରହିଥିବା ପ୍ରତିଯୋଗୀ ଏସିଆନ୍ ଗେମ୍ସ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି।

# ଶ୍ରାବଣୀ ନନ୍ଦଙ୍କୁ ରୌପ୍ୟ ପଦକ



**ଭୁବନେଶ୍ୱର, ୧୬।୬**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୧.୫୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ଆରାଜି ଓ ତାମିଲନାଡୁର ଶିବ କୁମାର ବି. ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ବିବେଚିତ ହୋଇଛନ୍ତି। ୧୦୦ ମିଟର ମହିଳାରେ ଜ୍ୟୋତି ୧୧.୪୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେ ସମ୍ପ୍ରତି ଭୁବନେଶ୍ୱରସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଟ୍ରେନିଂ ନେଉଛନ୍ତି। ହରିୟାଣାର ହିମାଶ୍ରୀ ରୟ ୧୧.୭୧ ସେକେଣ୍ଡ ସହିତ

**ଜ୍ୟୋତି, ଶିବ କୁମାର ଦ୍ରୁତତମ ଧାବିକା ଧାବକ**

ବ୍ରୋଞ୍ଜ ପଦକ ପାଇଛନ୍ତି। ୧୦୦ ମିଟର ପୁରୁଷରେ ତାମିଲନାଡୁର ଶିବ କୁମାର ବି. ୧୦.୩୭ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ହର୍ଷିତ ସିଂ ୧୦.୪୫ ସେକେଣ୍ଡ ସହିତ ଦ୍ୱିତୀୟ ଏବଂ ତାମିଲନାଡୁର ଇଲାକ୍କିୟାଦଶନ କେ. ୧୦.୪୭ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଜାତୀୟ ରେକର୍ଡଧାରୀ ଅମିୟ କୁମାର ମଲିକ ୧୦.୫୮ ସେକେଣ୍ଡ ସମୟ ନେଇ ୮ମ ସ୍ଥାନରେ ରହିଥିଲେ। ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥଲେଟ୍ ସୁସ୍ମିତା ଟିଗା ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ମହିଳା ଲଙ୍ଗଜମ୍ପ ଇଭେଣ୍ଟ ଅବସରରେ ଜଣେ ପ୍ରତିଯୋଗୀ।

# କଳିଙ୍ଗ ଭାରତର ନୂଆ ଲଞ୍ଚ୍ ପ୍ୟାଡ୍

**ଭୁବନେଶ୍ୱର, ୧୬।୬**
**(ବିଜୟ ରଣା)**

ଅନ୍ତର୍ଜାତୀୟ ଓ ଜାତୀୟ ଟୁର୍ନାମେଣ୍ଟ ପାଇଁ କଳିଙ୍ଗ ଷ୍ଟାଡିୟମ ଆଥଲେଟଙ୍କ ସକାଶେ ଭାରତର ନୂଆ ଲଞ୍ଚ ପ୍ୟାଡ୍ ଭାବେ କାର୍ଯ୍ୟକରୁଛି। ଏକଥା କହିଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା। ବର୍ଷସାରା ଚଳଚଞ୍ଚଳ ରହିଥିବା ଏହି ଷ୍ଟାଡିୟମରେ ବର୍ତ୍ତମାନ ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଓ ୬୨ତମ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ଚାଲିଛି। କଳିଙ୍ଗରେ କାହିଁକି ଏକ ସମୟରେ ଦୁଇଟି ବଡ଼ ଇଭେଣ୍ଟର ଆୟୋଜନ ଅନେକଙ୍କୁ ବିସ୍ମିତ କରିଥିବ। କାରଣ ଏକ ସମୟରେ ଉପରୋକ୍ତ ଦୁଇଟି ବଡ଼ ଇଭେଣ୍ଟର ସୁଚାରୁ ରୂପେ ଆୟୋଜନ ସହଜ କଥା ନୁହେଁ। ଏଭଳି ଟୁର୍ନାମେଣ୍ଟ ଆୟୋଜନ ନିଶ୍ଚିତ ଆମ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସଦୃଶ। ହେଲେ ଆମେ ସକ୍ଷମ। ଏନେଇ ଆମ ଟିମ୍‌ର ଦୃଢ ଆତ୍ମବିଶ୍ୱାସ ରହିଛି। ଅତୀତରେ ଆମେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ କରିପାରିଛୁ। ଏଥିରୁ ଆମେ ଯଥେଷ୍ଟ ଅଭିଜ୍ଞତା ହାସଲ କରିଛୁ। ବର୍ତ୍ତମାନ ଆଥଲେଟିକ୍ସ ଚାମ୍ପିୟନଶିପ୍ ସକାଳେ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେଉଛି। ପରେ ଇଣ୍ଟରକଣ୍ଟିନେଣ୍ଟାଲ ଅପରାହ୍ନ ୪ଟାରୁ ଆରମ୍ଭ ହେଉଛି। ଦୁଇଟି ଇଭେଣ୍ଟ ମଧ୍ୟରେ ଯେଉଁ ସ୍ୱଳ୍ପ ବ୍ୟବଧାନ ରହିଛି ଷ୍ଟାଡିୟମ ଦୃଶ୍ୟପଟ୍ଟ ବଦଳେଇ ଦିଆଯାଉଛି। ଆଥଲେଟିକ ଚାମ୍ପିୟନଶିପ୍‌ରେ ଶ୍ରୀଲଙ୍କା ଓ ମାଳଦ୍ୱୀପରୁ ଆମନ୍ତ୍ରିତ ଆଥଲେଟ୍‌ମାନେ ଅଂଶଗ୍ରହଣ କରିଛନ୍ତି। ସେମାନେ ଓଡ଼ିଶାରୁ ସେମାନଙ୍କ ଅନୁଭୂତି ନେଇ ଫେରିବେ। ସେମାନେ ଆମ ବ୍ରାଣ୍ଡ ଆମ୍ବାସାଡର ପାଲଟିଯିବେ।



ଆର. ଭିନିଲ କ୍ରିଷ୍ଣା

ଭାରତ ଓ ସମଗ୍ର ବିଶ୍ୱର ଶ୍ରେଷ୍ଠ ଆଥଲେଟମାନଙ୍କୁ ନେଇ ବିଶ୍ୱଶ୍ରେଣୀର ଇଭେଣ୍ଟଗୁଡ଼ିକ ଆୟୋଜନ ଲାଗି କଳିଙ୍ଗ ଷ୍ଟାଡିୟମ ସବୁବେଳେ ପ୍ରସ୍ତୁତ ଥିବା କ୍ରୀଡ଼ା ସଚିବ କହିଛନ୍ତି। ଷ୍ଟାଡିୟମରେ ରହିଥିବା ସମସ୍ତ କମ୍ପ୍ଲେକ୍ସର ସଦୁପଯୋଗ ହେଉ ବୋଲି ଆମେ ଚାହୁଁଛୁ। ଏପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଛି। ତେଣୁ ଭବିଷ୍ୟତରେ ଆମ ଷ୍ଟାଡିୟମରେ ଏହିଭଳି ଅଧିକ ଇଭେଣ୍ଟ ଆୟୋଜନ ହୋଇପାରିବ।



ଦ୍ରୁତତମ ଧାବିକା ଓ ଧାବକ ଜ୍ୟୋତି ଆରାଜି ଓ ଶିବ କୁମାର ବି. ପଦକ ପ୍ରଦର୍ଶନ କରୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ଅଞ୍ଚଳର ପିଲାମାନେ।

## ଜେଏସ୍‌ପି ଫାଉଣ୍ଡେଶନ, ଡିଟିଏସ୍‌ଏଫ୍ ପକ୍ଷରୁ ମେଗା କାର୍ଯ୍ୟକ୍ରମ

# ତୃଣମୂଳ ହକିକୁ ପ୍ରୋତ୍ସାହନ ଲକ୍ଷ୍ୟ

**ରାଉରକେଲା, ୧୬।୬ (ସଙ୍ଗୀତା ଜେନା)**

ଜେଏସ୍‌ପି ଫାଉଣ୍ଡେଶନ ଓ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ (ଡିଟିଏସ୍‌ଆର୍‌ଡିଏଫ୍) ଆନୁକୂଲ୍ୟରେ ରାଉରକେଲା ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମରେ ଶୁକ୍ରବାର ସକାଳେ ତୃଣମୂଳ ହକିକୁ ପ୍ରୋତ୍ସାହନ କରିବା ପାଇଁ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ସମେତ ବିଭିନ୍ନ ବ୍ଲକର ୨୧୫ ଗ୍ରାମରୁ ପ୍ରାୟ ୫ହଜାର ପିଲାଙ୍କୁ ହକି କିଟ୍ ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଅଧ୍ୟକ୍ଷତା କରି କହିଥିଲେ, ଠିକ୍ ପ୍ରତିଭା ଖୋଜିବା ଏବଂ ସେମାନଙ୍କୁ ତାଲିମ ଦେବା ଆମର ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ଅଲିମ୍ପିଆନ ଅଶୋକ ଧ୍ୟାନଚାନ୍ଦ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ଏସ୍‌ଡ଼ିସି ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ଭୀମ ଚୌଧୁରୀ, ହକି ତାରକା ବିରେନ୍ଦ୍ର ଲାକ୍ରା, ସୁଭଦ୍ରା ପ୍ରଧାନ, ଆରଏସପି ଇଡ଼ି (ପିଏଣ୍ଡଏ) ଏସ୍. ଆର ସୂର୍ଯ୍ୟବଂଶୀ, ବିଜେଡ଼ି ବରିଷ୍ଠ ନେତା ଆନନ୍ଦ ମହାନ୍ତି, ପୂର୍ବତନ ହକି କୋଚ୍ ଅଜୟ ବଂଶଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ ଭିଡ଼ିଓ କନଫରେନ୍ସ ଜରିଆରେ କହିଥିଲେ, ଛୋଟବେଳୁ ପିଲାମାନଙ୍କ ଶାରୀରିକ କ୍ଷମତାକୁ ଦୃଷ୍ଟିରେ ରଖି ହକି ଖେଳିବାକୁ ପ୍ରୋତ୍ସାହିତ କରାଯାଉଛି। ତେଣୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପିଲାମାନେ ନିଶ୍ଚୟ ସୁଯୋଗ ପାଇବେ ବୋଲି ସେ ଆଶାପ୍ରକଟ କରିଥିଲେ। ଅନୁରୂପ ଭାବେ ଅଧ୍ୟକ୍ଷ ନବୀନ ଜିନ୍ଦଲ ସନ୍ଦେଶରେ କହିଲେ, ଅନୁଗୋଳରେ ଆଗାମୀ ଦିନରେ ୨୭ ମିଲିୟନ ଇସ୍ପାତ କାରଖାନା ନିର୍ମାଣ ସହ ୧ଲକ୍ଷ ୫୦ ହଜାର ରୋଜଗାର ଉତ୍ପନ୍ନ ହେବ। ଏହାଦ୍ୱାରା ଦେଶର ବିକାଶ ଅଧିକ ତ୍ୱରାନ୍ୱିତ ହେବ। ଏହାସହ ହକି ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ହକି ତାରକାମାନେ ନିକଟସ୍ଥ ଗ୍ରାମମାନଙ୍କରୁ ୨୫୧ ଜଣ ପିଲାଙ୍କୁ ନୂତନ ଭାବେ ହକିରେ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଓ ପାୱାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରମୁଖ ପ୍ରଶା' ହୋତା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଜେଏସପି ପାରିପାର୍ଶ୍ୱିକ ଅଂଚଳ ବିକାଶ ଡିଜିଏମ ଭର୍ଜିଲ ଲାକ୍ରା, ରାକେଶ ମହାନ୍ତି, ରାଜୁ ମହାଁ ସମେତ ଅନ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଷ୍ଟାଡ଼ିୟମରେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ରମାବାହାଲ ଓ ବିରକେରା ଅଞ୍ଚଳର ୨ଜଣ ପିଲା ହଠାତ ଅଚେତ ହୋଇପଡିଥିଲେ। ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିବା ଜଣାପଡିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ